₹ : 25

www.amarisatya.in

# ଆମରି ସତ୍ୟ

# AMARI SATYA

ତ୍ରୟୋଦଶ ବର୍ଷ, ସପ୍ତମ ସଂଖ୍ୟା
ଜାନୁୟାରୀ ୨୦୨୩, ପୃଷ୍ଠା ସଂଖ୍ୟା ୩୬

RNI Regn. No. - ODI/ODI/2010/350521
Postal Regd. No. : PURI-33/2022-24



## ପୁରୁଷ ହକି ବିଶ୍ୱକପ ୨୦୨୩

### ଭୁବନେଶ୍ୱର - ରାଉରକେଲା

### ୧୩-୨୯ ଜାନୁୟାରୀ ୨୦୨୩




9437009796, 7992701316
KAILASH
BASTRALAYA
(ଜଗୁବାବୁଙ୍କର ହୋଲ୍‌ସେଲ ଲୁଗା ଦୋକାନ)
ଏଠାରେ ବିବାହ, ବ୍ରତ
ଓ ଦଶାହ କାର୍ଯ୍ୟ ପାଇଁ
ସମସ୍ତ ପ୍ରକାର ଶାଢ଼ୀ
ଲୁଙ୍ଗି, ଧୋତି, ଗାମୁଛା
ଟାୱେଲ ଇତ୍ୟାଦି
ହୋଲ୍‌ସେଲ୍ ଦରରେ ମିଳେ
Raja Bazar, Jatani-752050

ପ୍ରତିଷ୍ଠାତା
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

ସମ୍ପାଦକ
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

ସହଯୋଗୀ ସମ୍ପାଦକ
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

ମୁଖ୍ୟ ସହ ସମ୍ପାଦକ
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

ସହ ସମ୍ପାଦକ
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

ସଂଯୋଜକ
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

ପରିଚ୍ଛଳନା ସଂଯୋଜକ
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ରଶ୍ମିରଞ୍ଜନ ନାଥ
୯୮୬୧୪୭୭୧୯୫
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

ପ୍ରଚ୍ଛଦ ଓ ଅଙ୍ଗସଜ୍ଜା
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮



www.amarisatya.in

# ଆମରି ସତ୍ୟ

# AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

ତ୍ରୟୋଦଶ ବର୍ଷ ◆ ସପ୍ତମ ସଂଖ୍ୟା ◆ ଜାନୁଆରୀ ୨୦୨୩



**ଯୋଗାଯୋଗ:**
'ଆମରିସତ୍ୟ'
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
**ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ, ଆମରିସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩ ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ,ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪


## ଗ୍ରାହକମାନଙ୍କ ପାଇଁ ସୂଚନା

| | | |
|---|---|---|
| ୧. | ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. | ବାର୍ଷିକ ଦେୟ | ଟ.୨୫୦/- |
| ୩. | ଆଜୀବନ ସଦସ୍ୟତା (୧୪ ବର୍ଷ ପାଇଁ ) | ଟ.୩୦୦୦/- |


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର

**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା

**ରାମଶଙ୍କର**
ଅଧକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫ୍ଟ, ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ତଥା UPI ପଠାଇବାକୁ ଅନୁରୋଧ
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ A/c No. 31033974226, IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ



AMARISATYA : AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS
Website: www.amarisatya.in Email:amarisatya@gmail.com, amarisatya@rediffmail.com


# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୨ |
| ୨. | ସମ୍ପାଦକୀୟ | | ୩ |
| ୩. | ହିତ ବାଣୀ | | ୪ |
| ୪. | ଓଡ଼ିଶାରେ ପୁଣି ଏକ ହକି ବିଶ୍ୱକପ | ଆଶିଷ କୁମାର ରାୟ | ୫ |
| ୫. | ମୂର୍ଖ ଲକ୍ଷଣ | ରମାକାନ୍ତ ମିଶ୍ର | ୭ |
| ୬. | ହେ ନୂଆ ବରଷ | ଅଜୟ କୁମାର ସେଠୀ | ୮ |
| ୭. | ମହାକାଶଚାରୀଙ୍କ ସ୍ୱାସ୍ଥ୍ୟ | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୯ |
| ୮. | ଧନ୍ୟ ହେଉ ଏ ଜୀବନ | ସବିତା ରଥ | ୧୧ |
| ୯. | ନୂଆବର୍ଷ-୨୦୨୩ | ଯମେଶ୍ୱର କହଲସିଂହ | ୧୧ |
| ୧୦. | ଅଭିନୟ | ପଦ୍ମ ଲୋଚନ ସାହୁ | ୧୨ |
| ୧୧. | ଶୀତରେ | କାଳିପ୍ରସାଦ ମହାପାତ୍ର | ୧୨ |
| ୧୨. | ଆଉଛେ ଶିତ ମାସ | ଅର୍ଜୁନ ମେହେର (ଆଶ୍ରିତ ) | ୧୩ |
| ୧୩. | ସତ୍ୟ ଅନ୍ୱେଷଣେ | ଭାରତୀ ଭୂଷଣ ଦାଶ | ୧୩ |
| ୧୪. | ଅବଳା | ଆରତି ମଞ୍ଜରୀ ଦାଶ | ୧୩ |
| ୧୫. | ବିଶ୍ୱାସ ଅବିଶ୍ୱାସ | ଜ୍ୟୋତିପ୍ରଭା ପଟ୍ଟନାୟକ | ୧୪ |
| ୧୬. | ସବୁଜ ଦିଶିଲା ଧରଣୀରାଣୀ | ବିଦ୍ୟାଧର ଖଟୁଆ | ୧୫ |
| ୧୭. | ନେତାଜୀ ଓ ସ୍ୱାମୀ ବିବେକାନନ୍ଦ | ରାମଶଙ୍କର | ୧୬ |
| ୧୮. | ପୁଅବୋହୂ | ତ୍ରିଲୋଚନ ମହାପାତ୍ର | ୧୭ |
| ୧୯. | ନେବା ଠାରୁ ଦେବା ଭଲ | ଗୋବିନ୍ଦ୍ର ଚନ୍ଦ୍ର ମହାରଣା | ୧୭ |
| ୨୦. | ସମୁଦ୍ର | ସୁନୀତା ଶତପଥୀ | ୧୮ |
| ୨୧. | ରାଧାକୃଷ୍ଣ ଭକ୍ତ ସୁରଦାସ | ପଦ୍ମନାଭ ପାଣିଗ୍ରାହୀ | ୧୯ |
| ୨୨. | ଡ଼ାକଟିକଟରୁ ଜ୍ଞାନ | ଡ. ଭବାନୀ ଶଙ୍କର ଦାଶ | ୨୦ |
| ୨୩. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୨୧ |
| ୨୪. | ଭିଟାମିନ୍ ବି-୧୨ ବା ... | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୨୨ |
| ୨୫. | ସମ୍ବାଦ ବିଚିତ୍ରା | | ୨୪ |
| ୨୬. | ସାଧାରଣ ଜ୍ଞାନ ଓ ବିବିଧ ସୂଚନା | | ୨୫ |




## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

**ରମେଶ ମଙ୍ଗରାଜ**



ଚେତନାରେ ତମେ ରହିଥାଅ ପ୍ରଭୁ
ଚିନ୍ତନରେ ରହିଥାଅ
ଯୁଆଡେ ଚାହିଲେ ଦିଶୁଥାଉ ପ୍ରଭୁ
ବିଶ୍ୱ ଜଗନ୍ନାଥମୟ ॥୦॥
ତମେ ଜଗନ୍ନାଥ ଜଗତଠାକୁର
ଜଗତ କଲ୍ୟାଣ ପାଇଁ
ବଡଦେଉଳରେ ମଉନେ ବସିଛ
ଚକା ନୟନରେ ଚାହିଁ
ତୁମେ ଲୀଳାମୟ ପ୍ରଭୁ ତମଲୀଳା
ଆଉକେ' ଜାଣିବ କୁହ ॥୧॥
ଚେତନାରେ ତମେ ....
ତମକୁ ଚିହ୍ନିବା ନାହିଁ ମୋ ଶକତି
ତମେ ଆଦି ତମେ ଅନ୍ତ
ତମେ ନିରାକାର ତମେ ହିଁ ସାକାର
ତମେ ଅବ୍ୟକ୍ତର ବ୍ୟକ୍ତ
ମୋ ଆଖିରେ ତମେ ମୋ ହୃଦରେ ତମେ
ରହିଥାଅ ଦାରୁଦିଅଁ ॥୨॥
ଚେତନାର ତମେ .....


**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା,**
**ଖୋର୍ଦ୍ଧା - ୭୫୨୦୫୪**
**ମୋ - ୯୧୭୮୬୨୬୨୮୦**




ଜୀବନ୍ତ ଲୋକର ଗୋଟିଏ ଶ୍ମଶାନ ଅଛି- ତାହାର ନାମ ଆଳସ୍ୟ।



# ସମ୍ପାଦକୀୟ....

## ଇଂରାଜୀ ନବବର୍ଷ ୨୦୨୩ ଅବସରରେ ଆମରିସତ୍ୟ ପରିବାରର ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ

ପ୍ରତିଥର ଏହି ନୂଆବର୍ଷ, ନୂଆ ସ୍ପର୍ଶ ଏବଂ ନୂଆ କରିବାର ସ୍ୱପ୍ନ ଆଣି ଆସିଥାଏ। ବିଶ୍ୱରେ ପାଳିତ ହେଉଥିବା ସମସ୍ତ ସାଂସ୍କୃତିକ ପର୍ବ ଭିତରେ ନୂଆବର୍ଷଟି ସବୁଠାରୁ ଜନପ୍ରିୟ। ପ୍ରତ୍ୟେକ ଏହି ଦିବସଟିକୁ ଅତି ଆନନ୍ଦ ସହକାରେ ପାଳନ କରିଥା'ନ୍ତି। ନୂଆବର୍ଷକୁ ଅଭିନନ୍ଦନ ଜଣାଇବା ପାଇଁ କେକ୍ କାଟିବା ସହିତ ମେସେଜ୍ ମାଧ୍ୟମରେ ପ୍ରାୟ ଅନେକ ନିଜ ପରିଜନମାନଙ୍କୁ ଆଗାମୀ ବର୍ଷ ସୁଖ ଓ ଶାନ୍ତିର ବର୍ଷ ହେଉ ବୋଲି ମନାସି ଥାଆନ୍ତି।

ଅନେକ ନୂଆ ବର୍ଷରେ ସକାଳୁ ସକାଳୁ ମନ୍ଦିରରେ ଦର୍ଶନ କରି ଫେରି ମନକୁ ଶାନ୍ତ ରଖିଥା'ନ୍ତି, କିନ୍ତୁ ଆମେ ଯେତେବେଳେ ନୂଆବର୍ଷ ପାଇଁ ଅନେକ ସ୍ୱପ୍ନ ଏବଂ ସମ୍ଭାବନା ନେଇ ବଞ୍ଚିବା ପାଇଁ ପସ୍ତୁତି ଆରମ୍ଭ କରିଥାଉ, ସେତେବେଳେ ଏ ସମାଜରେ ବଞ୍ଚିବାଟା ଏକ କଷ୍ଟକର ବ୍ୟାପାର ହୋଇ ଉଠେ। କାରଣ ଲୋକଚରିତ୍ର ଏବଂ ତାହା ମଧ୍ୟରେ ଥିବା ମୂଲ୍ୟବୋଧର ଘୋର ଅଭାବ ଘଟୁଛି। ତେଣୁ ଅନେକ ସମୟରେ ସେ ଦିଗହରା ହୋଇ ବହୁ ଅନୈତିକ ପାପକାର୍ଯ୍ୟରେ ନିଜକୁ ସାମିଲ କରିଦେଉଛି। ତେଣୁ ସମାଜରେ ସୁଖ ଏବଂ ଶାନ୍ତି ରହିପାରୁନି।

ଭୁଲିଯାଉଛେ ୨୦୨୦ ଓ ୨୦୨୧ ମସିହାର କଥା। କୋରନା ମହାମାରୀର ପ୍ରଭାବରେ ସମଗ୍ର ପୃଥିବୀ ଦୁଃଖ ଏବଂ ଯନ୍ତ୍ରଣା ମଧ୍ୟରେ ଗତି କରୁଥିଲା। ସେ ସମୟର ଅଭିଜ୍ଞତା ମନକୁ ଆସିଲେ ଆମେ ଭାବିବା ଯେ ଯେତେ ସତର୍କତା ସାବଧାନତା ଦେଇ ବଞ୍ଚିବାକୁ ଚେଷ୍ଟା କଲେ କୋରନା ଭାଇରସ୍ ଲୋକଙ୍କୁ ଆତଙ୍କିତ କରି ରଖିଥିଲା। ସେ ସମୟରେ ଅର୍ଥନୀତି, ଶିକ୍ଷା, ଗମନାଗମନ, ଶିଳ୍ପ ଇତ୍ୟାଦି ପ୍ରଭାବିତ ହୋଇଥିଲା। ଆମେରିକା, ଋଷିଆ, ବ୍ରିଟେନ, ଫ୍ରାନ୍ସ ଭାରତ ଭଳି ଦେଶମାନଙ୍କର ଆର୍ଥିକ ମାନଦଣ୍ଡ ଦୋହଲି ଯାଇଥିଲା। ଏବେ ଓମିକ୍ରନ୍ ସବ୍-ଭ୍ୟାରିଆଣ୍ଟ ଚାଇନାରେ ଭୟଙ୍କର ରୂପ ନେଉଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସବୁ ଦେଶକୁ ସତର୍କ କରାଇ ଦେଇଛି। ତଥାପି ଆମ ଦେଶ ଭାରତ କୋଭିଡ୍ ମହାମାରୀରୁ ରକ୍ଷା ପାଇବାପାଇଁ ଟୀକାକରଣ କାର୍ଯ୍ୟକ୍ରମକୁ ଅତି ସଫଳତାର ସହିତ ଜାରି ରଖିଛି।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଭୁବନେଶ୍ୱର ଏବଂ ରାଉରକେଲାରେ ବିଶ୍ୱ ହକି କପ୍ ୨୦୨୩ ଅନୁଷ୍ଠିତ ହେଉଛି। ଏହାର ସଫଳତା ପାଇଁ ରାଜ୍ୟ ସରକାରଙ୍କର ପ୍ରଚେଷ୍ଟା ଅତ୍ୟନ୍ତ ପ୍ରଶଂସନୀୟ, କାରଣ ରାଉଲକେଲାର ବିର୍ସା ମୁଣ୍ଡା ଷ୍ଟାଡ଼ିୟମ, ଏକ ବିଶ୍ୱସ୍ତରୀୟ ଷ୍ଟାଡ଼ିୟମରେ ପରିଣତ ହେବା ସହିତ ଭୁବନେଶ୍ୱରର ସୌନ୍ଦର୍ଯ୍ୟକରଣ ବିଦେଶୀ ଖେଳାଳୀମାନଙ୍କର ଖେଳାଳିମାନଙ୍କୁ ଅତ୍ୟନ୍ତ ଆକୃଷ୍ଟ କରିପାରିଛି। ଖୁବ୍ କମ୍ ଦିନ ମଧ୍ୟରେ ଭୁବନେଶ୍ୱରରୁ ରାଉରକେଲା ମଧ୍ୟରେ ବିମାନ ଚଳାଚଳ ମଧ୍ୟ ଆରମ୍ଭ କରାଯାଇଛି।



**୨୦୨୩ ନୂଆବର୍ଷ ନିଶ୍ଚିତ ଭାବରେ ଓଡ଼ିଶା ତଥା ଭାରତ ଏବଂ ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା କରିବାରେ ସହାୟକ ହେଉ, ଏହା ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।**

**ଡ ପ୍ରସନ୍ନ କୁମାର ଜେନା**



ଭଗବାନ୍ ଯାହାକୁ ଖୁବ୍ ଶ୍ରଦ୍ଧା କରନ୍ତି, ତାକୁ ହିଁ ଥରେ ଥରେ ଦୁଃଖ ଦିଅନ୍ତି- କାରଣ ଦୁଃଖ ହେଉଛି ଭଗବାନଙ୍କର ଗାଳି।

# ହିତବାଣୀ

## ଗୀତା

ଦେହିନୋଽସ୍ମିନ୍ ଯଥା ଦେହେ,
କୌମାରଂ ଯୌବନଂ ଜରା।
ତଥା ଦେହାନ୍ତରପ୍ରାପ୍ତି,
ର୍ଧୀରସ୍ତତ୍ର ନ ମୁହ୍ୟତି।

ଏ ଶରୀର ବି ନଷ୍ଟ ହେଲେ ସୁଦ୍ଧା ଆତ୍ମାର ବିନାଶ ଘଟେ ନାହିଁ। ଶରୀରଧାରୀର ଯେପରି ବାଲ୍ୟ, ଯୌବନ, ଜରା ଏହିପରି ମଧ୍ୟ ଆତ୍ମାର ଗତି। ଯେଉଁମାନେ ଜ୍ଞାନୀ, ସେମାନେ ଏଥିରେ ମୋହିତ ହୁଅନ୍ତି ନାହିଁ।

## ଚାଣକ୍ୟ ନୀତି

ଏସବୁ ସ୍ଥାନରେ ରୁହନ୍ତୁ ନାହିଁ :

ଯସ୍ମିନ୍ ଦେଶେ ନ ସମ୍ମାନୋ ନ ବୃତ୍ତିର୍ନ ଚ ବାନ୍ଧବାଃ।
ନ ଚ ବିଦ୍ୟାଗମୋଽପ୍ୟସ୍ତି ବାସସ୍ତତ୍ର ନ କାରୟେତ୍ ।।

ଯେଉଁ ଦେଶରେ ସମ୍ମାନ ନ ଥାଏ, ଯେଉଁଠାରେ ବଞ୍ଚିବାପାଇଁ ବ୍ୟବସାୟ ନ ମିଳେ, ଯେଉଁଠି ନିଜର ଭାଇ-ବନ୍ଧୁ ରହୁ ନ ଥାନ୍ତି, ଯେଉଁଠି ବିଦ୍ୟା ଅଧ୍ୟୟନ ସମ୍ଭବପର ହୋଇ ନ ଥାଏ, ସେହି ସବୁ ସ୍ଥାନରେ ନ ରହିବା ଦରକାର।

## ଭାଗବତ ବାଣୀ

ଚିତ୍ତ ବିଶୁଦ୍ଧ ଯାର ନାହିଁ। ତାର ବୈରାଗ୍ୟ ଜ୍ଞାନ କାହିଁ।।
ଦଣ୍ଡିବା ଶକ୍ତି ଯାର ଥାଇ। ସେ ଯେବେ କ୍ଷମା ଆଚରଇ।।
ସାଧୁଙ୍କ ଶ୍ରେଷ୍ଠ ସେହି ନର। ସୁଖ ଦୁଃଖରୁ ସେ ବାହାର।।

## ନୀତିଶ୍ଳୋକ

ନ ହି ବୁଦ୍ଧ୍ୟା ସମଂ କିଞ୍ଚିତ୍ ବିଦ୍ୟତେ ପୁରୁଷେ ନୃପ।
ତଥା ବଳେନ ରାଜେନ୍ଦ୍ର ନ ସମୋଽସ୍ତିତି ଚିନ୍ତୟେତ୍।।

ପୁରୁଷ ପାଇଁ ବୁଦ୍ଧି ହିଁ ଶ୍ରେଷ୍ଠ ବଳ। ପୁଣି ଯେଉଁ ପୁରୁଷ ବୁଦ୍ଧିମାନ ଓ ବଳଶାଳୀ, ତା' ସହିତ କେହି ସମକକ୍ଷ ହୋଇପାରିବେ ନାହିଁ।

## କୁହତ ଦେଖି

ନଈକି ନଯାଇ ନଈପାଣି ଖାଏ
ପଡ଼ିରହିଥାଏ ଢିପରେ
ଲାଙ୍ଗୁଡ଼ ଧଇଲେ କାମୁଡ଼ି ଉଠଇ
ଦୁଇଆଖି ତାର ବେକରେ।
- ସଣ୍ଢୁଆସି

## ରୁଢ଼ି ପ୍ରୟୋଗ

ଆକାଶରୁ ତୋଳି କଥା କହିବା
- ଉଭଟ କଥାବାର୍ତ୍ତା କରିବା।

## ପ୍ରବାଦ

ଅଖ ପଡ଼ିଥିଲେ ଚକ ଘୂରୁଥାଏ
ବୁଲିପଡୁଥାଏ ପଇ
ସଂସାର ଭିତରେ ଘର କରିଥିଲେ
ପଥର ପଡ଼ିଲେ ସହି।

ଘର ସଂସାର କରିଥିବାବେଳେ ବିଭିନ୍ନ ପ୍ରକାର ସୁବିଧା ଅସୁବିଧା ଆସିଥାଏ। ସେ ସବୁକୁ ଆଦରି ନେଇ ମଣିଷ କର୍ମପଥରେ ଅଗ୍ରଗାମୀ ହେବା ବିଧେୟ।




ଅଳ୍ପକେ କଥାଟି କହିବାର ଯୋଗ୍ୟତା କେବଳ ବିଜ୍ଞ ଲୋକର ହିଁ ଥାଏ।

# ଓଡ଼ିଶାରେ ପୁଣି ଏକ ହକି ବିଶ୍ୱକପ

**ଆଶିଷ କୁମାର ରାୟ**



୨୦୧୮ରେ ହକି ବିଶ୍ୱକପର ସଫଳ ଆୟୋଜନ ପରେ କ୍ରମାଗତ ଭାବେ ଆଉ ଏକ ବିଶ୍ୱକପ ଓଡ଼ିଶାର ମାଟିରେ ଆୟୋଜିତ ହେଉଛି। ପ୍ରଥମେ ସାରା ରାଜ୍ୟର ଅନେକ ସ୍ଥାନରେ ଆକର୍ଷଣୀୟ ବିଶ୍ୱକପ ଟ୍ରଫିର ପରିକ୍ରମା ପରେ ଏହି ବିଶ୍ୱକପକୁ ନେଇ ଓଡ଼ିଶା ଏବେ ବେଶ୍ ଉତ୍ସବମୁଖର। ଏହା ପୂର୍ବରୁ ଭାରତର ଅନ୍ୟ କେତୋଟି ରାଜ୍ୟରେ ମଧ୍ୟ ବିଶ୍ୱକପ୍ ଟ୍ରଫି ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୩ରୁ ୨୯ ଜାନୁଆରୀ ପର୍ଯ୍ୟନ୍ତ ଏକ ଭିନ୍ନ ପରିଦୃଶ୍ୟରେ ଖେଳାଯାଉଛି ହକି ବିଶ୍ୱକପ୍‌ର ଏହି ପଞ୍ଚଦଶତମ ସଂସ୍କରଣ। ଏକ ନୂଆ ଘଟଣାକ୍ରମରେ ଗୋଟିଏ ସ୍ଥାନରେ କ୍ରମାଗତ ଭାବେ ଦୁଇଟି ହକି ବିଶ୍ୱକପ୍‌ର ଆୟୋଜନ ହୋଇ ଏକ ନୂଆ ଇତିହାସ ସୃଷ୍ଟି ହୋଇଛି। ୨୦୧୮ରେ ଭୁବନେଶ୍ୱରର କଳିଙ୍ଗ ହକି ଷ୍ଟାଡିୟମରେ ଚତୁର୍ଦ୍ଦଶତମ ପୁରୁଷ ହକି ବିଶ୍ୱକପ୍ ଆୟୋଜିତ ହୋଇଥିଲା। ଏଥର ସେହି ସ୍ଥାନରେ କ୍ରମାଗତ ଦ୍ୱିତୀୟଥର ସକାଶେ ଆୟୋଜିତ ହେଉଛି ଏହି ପ୍ରତିଯୋଗିତା। ଏତଦ୍‌ବ୍ୟତୀତ ପୁରୁଷ ହକି ବିଶ୍ୱକପ୍ ପ୍ରତିଯୋଗିତା ମଧ୍ୟ ପ୍ରଥମଥର ସକାଶେ ଦୁଇଟି ସ୍ଥାନରେ ଖେଳାଯିବା ଏକ ନୂତନ ଘଟଣା। ଏଥରର ଏହି ବିଶ୍ୱକପ ଭୁବନେଶ୍ୱରର କଳିଙ୍ଗ ହକି ଷ୍ଟାଡିୟମ ସହିତ ରାଉରକେଲାର ବିର୍ସା ମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ମଧ୍ୟ ଖେଳାଯାଉଛି।




୨୦୧୮ର ଗତ ବିଶ୍ୱକପ୍ ସକାଶେ କଳିଙ୍ଗ ଷ୍ଟାଡିୟମର ନବକଳେବର କରାଯାଇ ଦର୍ଶକ କ୍ଷମତା ୧୬ହଜାରକୁ ବୃଦ୍ଧି କରାଯିବା ସହିତ ଷ୍ଟାଡିୟମରେ ଅତ୍ୟାଧୁନିକ ସୁବିଧାମାନ ଉପଲବ୍ଧ କରାଯାଇଥିଲା। ଆଉ ଏବେ ୨୦୨୩ର ବିଶ୍ୱକପ୍ ସକାଶେ ରାଉରକେଲାରେ ନିର୍ମିତ ହୋଇଛି ଭବ୍ୟ ତଥା ଅତ୍ୟାଧୁନିକ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ। ୨୦ହଜାର ଦର୍ଶକ କ୍ଷମତାବିଶିଷ୍ଟ ଏହି ନବନିର୍ମିତ ଷ୍ଟାଡିୟମ୍‌ଟି ହକି ଖେଳର ସର୍ବବୃହତ୍ କ୍ରୀଡ଼ାଙ୍ଗନର ମାନ୍ୟତା ଲାଭ କରିଛି। ଏତଦ୍‌ବ୍ୟତୀତ ବିଶ୍ୱକପ ଆୟୋଜନକୁ ଦୃଷ୍ଟିରେ ରଖି ରାଜଧାନୀ ଭୁବନେଶ୍ୱର ଏବଂ ଶିଳ୍ପନଗରୀ ରାଉରକେଲାକୁ ସୁସଜ୍ଜିତ କରାଯାଇଛି। ଗତଥର ଭୁବନେଶ୍ୱରରେ ଆୟୋଜିତ ବିଶ୍ୱକପ୍‌ର ପୂର୍ବ ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ କରାଯାଇଥିଲା, ଯେଉଁଥିରେ ପ୍ରାୟ ଦଶହଜାର କଳାକାରଙ୍କ ଦ୍ୱାରା ଶାସ୍ତ୍ରୀୟ ନୃତ୍ୟଠାରୁ ଆରମ୍ଭ କରି ଲୋକନୃତ୍ୟ ଏବଂ ମନୋମୁଗ୍ଧକର ସଂଗୀତ ପରିବେଷଣ କରାଯାଇଥିଲା। ପରବର୍ତ୍ତୀ ଦିନ ସନ୍ଧ୍ୟାରେ କଟକର ବାରବାଟୀ ଷ୍ଟାଡିୟମରେ ମଧ୍ୟ ଆଉ ଏକ ଆକର୍ଷଣୀୟ ନୃତ୍ୟସଂଗୀତର ଆସର ଜମିଥିଲା। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ ବଲିଉଡର ପ୍ରସିଦ୍ଧ ତାରକା ଶାହରୁଖ ଖାନ ଓ ମାଧୁରୀ ଦୀକ୍ଷିତ। ସେହିଭଳି ବାରବାଟୀ ଷ୍ଟାଡିୟମରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ ଅନ୍ୟତମ ପ୍ରସିଦ୍ଧ ତାରକା ସଲମାନ ଖାନ। ଏତଦ୍‌ବ୍ୟତୀତ ଉଭୟ ସ୍ଥାନରେ ଓସ୍କାର ପୁରସ୍କାର ବିଜେତା ଏ.ଆର. ରହମାନ ଓ ତାଙ୍କ ମ୍ୟୁଜିକ୍ ଗ୍ରୁପ୍‌ଦ୍ୱାରା ପରିବେଷିତ ସଂଗୀତ କାର୍ଯ୍ୟକ୍ରମ ଥିଲା ଅତ୍ୟନ୍ତ ଚିତ୍ତାକର୍ଷକ। ଏଥର କିନ୍ତୁ ବିଶ୍ୱକପ ଆରମ୍ଭ ହେବାର ଦୁଇଦିନ ପୂର୍ବରୁ ଅର୍ଥାତ୍ ଜାନୁଆରୀ ୧୧ତାରିଖ ସନ୍ଧ୍ୟାରେ ଏହି ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେଉଛି କଟକର ବାରବାଟୀ ଷ୍ଟାଡିୟମରେ।

ଏହା ଓଡ଼ିଶାରେ ଆୟୋଜିତ କ୍ରମାଗତ ଦ୍ୱିତୀୟ ହକି ବିଶ୍ୱକପ୍ ହୋଇଥିବା ବେଳେ ଭାରତରେ ଏହି ପ୍ରତିଯୋଗିତାର ଆୟୋଜନ ଚତୁର୍ଥ ଥର ସକାଶେ ହେଉଛି। ପୂର୍ବରୁ ୧୯୮୧-୮୨ରେ ମୁମ୍ବାଇରେ ଏବଂ ୨୦୧୦ରେ ଦିଲ୍ଲୀରେ ପୁରୁଷ ହକି ବିଶ୍ୱକପ୍‌ର ଆୟୋଜନ ହୋଇଥିଲା। ଏହାକୁ ମିଶାଇ ଭାରତୀୟ ହକି ଦଳ ସମସ୍ତ ହକି ବିଶ୍ୱକପରେ ଅଂଶଗ୍ରହଣ କରିଥିବା ବେଳେ କେବଳ ତିନିଟିରେ ପଦକ ଜିତିବା ଦିଗରେ ସମର୍ଥ ହୋଇଛି। ଭାରତକୁ ଏହି ସଫଳତା ମିଳିଛି ପ୍ରଥମ ତିନିଟି ବିଶ୍ୱକପ୍‌ରେ। ୧୯୭୧ରେ ସ୍ପେନ୍‌ର ବାର୍ସିଲୋନାରେ ଅନୁଷ୍ଠିତ ପ୍ରଥମ ହକି ବିଶ୍ୱକପ୍‌ରେ ଅଜିତପାଲ ସିଂହଙ୍କ ନେତୃତ୍ୱରେ ଭାରତୀୟ ଦଳ ପାକିସ୍ତାନ ଓ ସ୍ପେନ୍ ପଛକୁ ରହି ଲାଭ କରିଥିଲା ବ୍ରୋଞ୍ଜପଦକ। ଏହାପରେ ୧୯୭୩ରେ ଆମଷ୍ଟଲଭୀନ୍‌ରେ ଅନୁଷ୍ଠିତ ଦ୍ୱିତୀୟ ବିଶ୍ୱକପ୍‌ରେ ଏମ.ପି. ଗଣେଶଙ୍କ ନେତୃତ୍ୱରେ ଆମ ଦେଶର ଖେଳାଳିମାନେ ଆୟୋଜକ ଦେଶ ନେଦରଲାଣ୍ଡସ୍ ବିରୁଦ୍ଧରେ ଫାଇନାଲ ମ୍ୟାଚରେ ୨-୦ରେ ଅଗ୍ରଣୀ ଥିବା ସତ୍ତ୍ୱେ ପରିଶେଷରେ ଟାଇବ୍ରେକରରେ ପରାଜିତ ହୋଇ ରୌପ୍ୟପଦକ ହାସଲ କଲେ। ୧୯୭୫ରେ କୁଆଲାଲମପୁରରେ ଅନୁଷ୍ଠିତ ତୃତୀୟ ବିଶ୍ୱକପ୍‌ରେ ଭାରତ ପୁନର୍ବାର ଅବତୀର୍ଣ୍ଣ ହୋଇଥିଲା ଅଜିତପାଲ ସିଂହଙ୍କ ନେତୃତ୍ୱରେ। ଭାରତ ଏହାର ସେମିଫାଇନାଲରେ ଆୟୋଜକ ମାଲେସିଆକୁ




ଏବଂ ଫାଇନାଲରେ ଚିର ପ୍ରତିଦ୍ୱନ୍ଦୀ ପାକିସ୍ତାନକୁ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପରାସ୍ତ କରି ସ୍ୱର୍ଣ୍ଣପଦକ ସହିତ ଆକର୍ଷଣୀୟ ବିଶ୍ୱକପ ଟ୍ରଫି ହାସଲ କରିଥିଲା।

ହକି ବିଶ୍ୱକପ୍‌ରେ ସଫଳତା କହିଲେ ମାତ୍ର ଏତିକି। ଗୋଟିଏ ଲେଖାଏଁ ବ୍ରୋଞ୍ଜ, ରୌପ୍ୟ ଓ ସ୍ୱର୍ଣ୍ଣପଦକ। ପରବର୍ତ୍ତୀ ବିଶ୍ୱକପ୍‌ମାନଙ୍କରେ ଭାରତ ଆଉ କୌଣସି ପଦକ ଜିତିବାରେ ସମର୍ଥ ହୋଇନାହିଁ। ୧୯୭୮ରେ ଆର୍ଜେଣ୍ଟିନାର ବୁଏନସ୍ ଆୟାର୍ସରେ ଆୟୋଜିତ ଚତୁର୍ଥ ବିଶ୍ୱକପ୍‌ରେ ଭାରତ ଷଷ୍ଠ ସ୍ଥାନରେ ରହିଥିବା ବେଳେ ୧୯୮୧-୮୨ରେ ମୁମ୍ବାଇରେ ଆୟୋଜିତ ପଞ୍ଚମ ବିଶ୍ୱକପ୍‌ରେ ନିଜ ଦେଶର ଦର୍ଶକଙ୍କ ସମ୍ମୁଖରେ ମିଳିଲା ପଞ୍ଚମ ସ୍ଥାନ। ଏହାପରେ ୧୯୮୬ରେ ଲଣ୍ଡନ ନିକଟସ୍ଥ ୱିଲିସ୍‌ଡେନ୍‌ରେ ଖେଳାଯାଇଥିବା ହକି ବିଶ୍ୱକପ୍‌ରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରି ଭାରତ ରହିଗଲା ଦ୍ୱାଦଶ ତଥା ଅନ୍ତିମ ସ୍ଥାନରେ, ଯାହାକି ଏହି ପ୍ରତିଯୋଗିତାରେ ଆମର ନିକୃଷ୍ଟତମ ପ୍ରଦର୍ଶନ ହୋଇ ରହିଛି। ସେହିଭଳି ୧୯୯୦ରେ ପାକିସ୍ତାନର ଲାହୋରରେ ଆୟୋଜିତ ସପ୍ତମ ବିଶ୍ୱକପ୍‌ରେ ଭାରତକୁ ମିଳିଥିଲା ଦଶମ ସ୍ଥାନ। ଅବଶ୍ୟ ଅଷ୍ଟ୍ରେଲିଆର ସିଡନୀରେ ଆୟୋଜିତ ୧୯୯୪ର ବିଶ୍ୱକପ୍‌ରେ ଭାରତୀୟ ଦଳ ଅନେକଟା ଉନ୍ନତ ପ୍ରଦର୍ଶନ କରି ପଞ୍ଚମ ସ୍ଥାନ ହାସଲ କଲା। ତେବେ ଏହି ଟୁର୍ଣ୍ଣାମେଣ୍ଟର ପରବର୍ତ୍ତୀ ସଂସ୍କରଣମାନଙ୍କରେ ପ୍ରଦର୍ଶନ ପୁଣି ନିମ୍ନଗାମୀ ହେଲା। ୧୯୯୮ରେ ନେଦରଲାଣ୍ଡସ୍‌ର ୟୁଟ୍ରେକ୍ଟଠାରେ ନବମ ବିଶ୍ୱକପ୍‌ରେ ନବମ ସ୍ଥାନ, ୨୦୦୨ରେ କୁଆଲାଲମପୁରଠାରେ ଦଶମ ବିଶ୍ୱକପ୍‌ରେ ଦଶମ ସ୍ଥାନ ତଥା ୨୦୦୬ରେ ଜର୍ମାନୀର ମୋଞ୍ଚେନ୍ ଗ୍ଲାଡବାକ୍‌ଠାରେ ଆୟୋଜିତ ଏକାଦଶତମ ବିଶ୍ୱକପ୍‌ରେ ମିଳିଲା ଏକାଦଶତମ ସ୍ଥାନ।

ସେହି ଦୃଷ୍ଟିରୁ ୨୦୧୦ରେ ଦ୍ୱାଦଶ ହକି ବିଶ୍ୱକପ୍ ଯେତେବେଳେ ଦିଲ୍ଲୀରେ ଆୟୋଜିତ ହେଲା ସେତେବେଳେ ଭାରତୀୟ କ୍ରୀଡ଼ାପ୍ରେମୀଙ୍କ ମନରେ ସୃଷ୍ଟି ହୋଇଥିଲା ଅନେକ ଆଶା। ତେବେ ଭାରତୀୟ ଦଳ ପ୍ରଥମ ମ୍ୟାଚରେ ପାକିସ୍ତାନକୁ ପରାସ୍ତ କରି ଭଲ ଆରମ୍ଭ କରିଥିଲେ ହେଁ ପରିଶେଷରେ ଅଷ୍ଟମ ସ୍ଥାନରୁ ଆଉ ଆଗକୁ ବଢ଼ିପାରିଲାନାହିଁ। ଏହାପରେ ୨୦୧୪ରେ ନେଦରଲାଣ୍ଡସ୍‌ର ଦି ହେଗ୍‌ଠାରେ ଆୟୋଜିତ ହକି ବିଶ୍ୱକପ୍‌ରେ ଭାରତକୁ ମିଳିଲା ନବମ ସ୍ଥାନ। ଆଉ ୨୦୧୮ରେ ଭୁବନେଶ୍ୱରଠାରେ ମନପ୍ରୀତ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଉନ୍ନତ ପ୍ରଦର୍ଶନ କରିଥିଲେ ହେଁ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡସ୍ ହାତରୁ ପରାଜିତ ହୋଇ ଅନ୍ତତଃ ଷଷ୍ଠ ସ୍ଥାନରେ ରହିଗଲା। ଏଥର କିନ୍ତୁ ଭାରତୀୟ ଦଳଠାରୁ ପଦକ ଆଶା କରାଯାଉଛି, ତାହା ଯେକୌଣସି ରଙ୍ଗର ହେଉନା କାହିଁକି।

୨୦୨୧ର ଟୋକିଓ ଅଲିମ୍ପିକର ହକି ପ୍ରତିଯୋଗିତାରେ ମନପ୍ରୀତଙ୍କ ନେତୃତ୍ୱରେ ଭାରତ ବ୍ରୋଞ୍ଜପଦକ ହାସଲ କଲା, ଯାହାକି ୪୧ବର୍ଷ ପରେ ଥିଲା ହକି ଖେଳରେ ଭାରତର ପ୍ରଥମ ଅଲିମ୍ପିକ୍ ପଦକ। ସେହି ଦୃଷ୍ଟିରୁ ପ୍ରାୟ ୪୮ବର୍ଷ ପରେ ଆମ ହକି ଦଳ ପୁନର୍ବାର ବିଶ୍ୱକପ୍‌ରେ ପଦକ ବିଜୟୀ ହେବାର ଆଶା ରଖିଛି। ଏଥର ହରମନପ୍ରୀତ ସିଂହଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଥିବା ବେଳେ ଓଡ଼ିଶାର ଅମିତ ରୋହିଦାସ ଉପ ଅଧିନାୟକ ଭାବେ ରହିଛନ୍ତି। ଏ ଦୁହିଁଙ୍କ ବ୍ୟତୀତ ଗୋଲରକ୍ଷକ ପି.ଆର. ଶ୍ରୀଜେଶ, ବରୁଣ କୁମାର, ଆକାଶଦୀପ ସିଂହ, ହାର୍ଦ୍ଦିକ ସିଂହ, ମନଦୀପ ସିଂହ, ନୀଲକାନ୍ତ ଶର୍ମା, ଲଳିତ ଉପାଧ୍ୟାୟ ଆଦିଙ୍କ ସହିତ ଓଡ଼ିଶାର ଅନ୍ୟତମ ଖେଳାଳି ନିଲମ ସଂଜୀପ ଖେସ୍‌ଙ୍କ ଉପରେ ରହିଛି ଦେଶପାଇଁ ପଦକ ହାସଲ କରିବାର ଗୁରୁଦାୟିତ୍ୱ।

ମୋ- ୯୪୩୭୬୨୭୫୧୪

# ମୂର୍ଖ ଲକ୍ଷଣ

ରମାକାନ୍ତ ମିଶ୍ର



ଏକଦା ମହାରାଜ ଭୋଜଙ୍କ ମନରେ ଏପରି ଏକ ଜିଜ୍ଞାସା ଜାତ ହେଲା ଯେ ଜଗତରେ ମୂର୍ଖ କିଏ ? ଏ ପ୍ରଶ୍ନର ସମୁଚିତ ଉତ୍ତର କିଏ ତାଙ୍କୁ ଦେବ ? ରାଜା ନିଜେ ଜଣେ ପ୍ରଚଣ୍ଡ ପ୍ରତିଭା ସମ୍ପନ୍ନ ବିଦ୍ୱାନ୍ ଥିଲେ ମଧ୍ୟ ବହୁ ଚେଷ୍ଟା କରି ଏ ପ୍ରଶ୍ନର ଉତ୍ତର ଠିକ୍ କରିପାରୁ ନ ଥିଲେ । ଅସମାହିତ ପ୍ରଶ୍ନଟି ରାଜାଙ୍କ ମନକୁ ସର୍ବଦା ବିଚଳିତ କରୁଥିଲା ।ଏହି ପ୍ରଶ୍ନଟି ସାଧାରଣ ପରି ମନେ ହେଉଥିଲେ ମଧ୍ୟ ତାଙ୍କ ବିଚାରରେ ଏହାର ଉତ୍ତର ନିଶ୍ଚିତ ଅସାଧାରଣ ବୋଲି ସେ ଭାବୁଥିଲେ ଏବଂ ଯେକେହି ଲୋକ ଏହି ପ୍ରଶ୍ନଟିର ଉତ୍ତର ଦେବାକୁ ସକ୍ଷମ ନୁହେଁ, ଏହା ମଧ୍ୟ ସ୍ଥିର କରି ନେଇଥିଲେ ।

ରାଜାଙ୍କ ମନରେ ଏପରି ଏକ ପ୍ରଶ୍ନ ସୃଷ୍ଟି ହେବାର କାରଣ, ଏହା ଯେ ଦିନେ ରାଜଦରବାରର କାର୍ଯ୍ୟ ସମାପନ ପରେ ମହାରାଣୀ ଭାନୁମତୀଙ୍କ ସହିତ ସାକ୍ଷାତ କରିବାପାଇଁ ଦ୍ରୁତ ପଦକ୍ଷେପରେ ଅନ୍ତଃପୁର ପ୍ରତି ମାଡ଼ି ଯାଉଥିଲେ । ସେତେବେଳେ ମହାରାଣୀ ନିଜ ଅନ୍ତଃପୁରର ଜଣେ ବିଶ୍ୱସ୍ତା ପରିଚାରିକା ସହିତ କିଛି ବାର୍ତ୍ତାଳାପରେ ମଜି ଯାଇଥିଲେ । ଆଳାପଟି ବୋଧେ ଗୋପନୀୟ ଥିଲା । ସହସା ରାଣୀ ଦେଖିଲେ ଯେ ରାଜା ତାଙ୍କ ଅନ୍ତଃପୁର ଆଡ଼କୁ ମାଡ଼ି ଆସୁଛନ୍ତି ଓ ପ୍ରାୟନିକଟବର୍ତ୍ତୀ ହେଲେଣି । କାହିଁକି ଓ କେଜାଣି ରାଣୀ ତାଙ୍କର ଆଗମନକୁ ବିରୋଧ କରିବାକୁ ଇଚ୍ଛାକରି ରାଜାଙ୍କୁ ଲକ୍ଷ୍ୟ କଲା ପରି ଅନ୍ୟ ଆଡ଼କୁ ଚାହିଁ ଅଳ୍ପ ଉଚ୍ଚ ସ୍ୱରରେ କହିଲେ "ରହ ମୂର୍ଖ" ।

ମହାରାଜଙ୍କର ଦ୍ରୁତ ପଦକ୍ଷେପ ଏକଥା ଶୁଣିବା ମାତ୍ରେ ସ୍ଥିର ହୋଇଗଲା । ସେ ଭାବିଲେ ରାଣୀ କାହାକୁ "ରହ ମୂର୍ଖ" ବୋଲି କହିଲେ ? ଚାରିଆଡ଼କୁ ଚାହିଁ ଦେଖିଲେ କେଉଁଠି ଅନ୍ୟ କେହି ନାହାନ୍ତି । ତେବେ ରାଣୀ କ'ଣ ମୋତେ ଲକ୍ଷ୍ୟ କରି ଏକଥା କହିଲେ ! ରାଜା ବିସ୍ମିତ ହେଲେ । ମୁଁ ତ ତାଙ୍କର ସ୍ୱାମୀ, ମୋ ପ୍ରତି ଏପରି କଟୁ ଶବ୍ଦ ସେ କେବେ ପ୍ରୟୋଗ କରନ୍ତି ନାହିଁ । ତା'ପରେ ମୁଁ ବା କ'ଣ ଏପରି ଭୁଲ କରିଛି ଯେ ସେ ମୋତେ ମୂର୍ଖ ବୋଲି କହିବେ । ଏପରି ବହୁତ ପ୍ରଶ୍ନ ରାଜା ନିଜ ମନକୁ ପଚାରିଲେ । ଶେଷରେ ସ୍ଥିର କଲେ ଯଦି ଏହି ସ୍ଥାନରେ ମୋ ବ୍ୟତୀତ ଅନ୍ୟ କେହି ନାହାନ୍ତି ତେବେ ଏହା ନିଶ୍ଚିତ ମୋତେ ଲକ୍ଷ୍ୟ କରି କୁହାଯାଇଛି । ତହୁଁ ସେ ଆଉ ଅନ୍ତଃପୁର ଆଡ଼କୁ ନ ଯାଇ ଅନ୍ୟତ୍ର ପ୍ରତ୍ୟାବର୍ତ୍ତନ କରି ସେହି ସୁହାସିନୀ ମଧୁରଭାଷିଣୀ ମହାରାଣୀଙ୍କର ମୁଖନିଃସୃତ ରୁକ୍ଷ କଟୁ ଶବ୍ଦର ପୁନଃ ଅନୁଶୀଳନ କଲେ । ଶିରୋବ୍ୟଥା ବ୍ୟତୀତ ଅନ୍ୟ କିଛି ଲାଭ ହେଲା ନାହିଁ । ପ୍ରଶ୍ନର ଉତ୍ତର ମିଳିଲା ନାହିଁ ।

ଏହି ପ୍ରଶ୍ନର ଉତ୍ତର ଜିଜ୍ଞାସୁ ରାଜା ଏକ ଭିନ୍ନ ଢ଼ଙ୍ଗରେ ଉତ୍ତର ପ୍ରାପ୍ତିର ପ୍ରୟାସ କଲେ । ଅଳ୍ପ କିଛିଦିନର ବ୍ୟବଧାନ ପରେ ଦିନେ ରାଜା ନିଜ ଦରବାରରେ ସିଂହାସନାସୀନ ହୋଇଥା'ନ୍ତି । ମନ୍ତ୍ରୀ ପାରିଷଦ ବର୍ଗ ନିଜନିଜ ଆସନ ଅଳଂକୃତ କରିଥାନ୍ତି । ଯଥା ସମୟରେ ରାଜସଭାର ସମସ୍ତ ଶାସ୍ତ୍ର କୁଶଳ ବିଦ୍ୱାନ୍ ଜଣକ ପରେ ଜଣେ ସଭାକୁ ଆଗମନ କଲେ । ସେମାନଙ୍କ ପାଇଁ ମଧ୍ୟ ନିର୍ଦ୍ଦିଷ୍ଟ ଆସନ ରହିଥାଏ । ସଭା ପ୍ରବେଶ ମାତ୍ରେ ରାଜାଙ୍କର ଯଶ, କୀର୍ତ୍ତି ଓ ସ୍ତୁତିଗାନ କରିବା ଥିଲା ସେମାନଙ୍କର ନିତ୍ୟ କର୍ତ୍ତବ୍ୟ । ପ୍ରଥମେ ଆସିଥିବା ପଣ୍ଡିତ ସ୍ତୁତିଗାନକରି ସାରିବା ପରେ ରାଜା କହିଲେ "ଭୋ ମୂର୍ଖ !ଉପବିଶ" ଅର୍ଥାତ୍ ହେ ମୂର୍ଖ ! ବସ । ପଣ୍ଡିତ ଜଣକ ରାଜାଙ୍କର ଏପରି ଶିଷ୍ଟତାହୀନ ବ୍ୟବହାରରେ କ୍ଷୁବ୍ଧ ହେଲେ ମଧ୍ୟ କିଛି ନକହି ଅଧୋମୁଖ ହୋଇ ନିଜ ଆସନରେ ବସି ନିଜ ପ୍ରତି ପ୍ରଦର୍ଶିତ ଏପରି ଦୁର୍ବ୍ୟବହାରର କାରଣ ଖୋଜିବାକୁ ଲାଗିଲେ ।

ତା'ପରେ ଦ୍ୱିତୀୟ ପଣ୍ଡିତଙ୍କର ଆଗମନ ହେଲା । ସ୍ତବ ଗାନ ସାରି ଦଣ୍ଡାୟମାନ ପଣ୍ଡିତଙ୍କୁ ରାଜା ସେପରି କହିଲେ "ଭୋ ମୂର୍ଖ ! ଉପବିଶ (ହେ ମୂର୍ଖ ! ବସ) ପଣ୍ଡିତ ମଧ୍ୟ ପୂର୍ବ ପଣ୍ଡିତଙ୍କ ପରି ବିସ୍ମିତ ଓ କ୍ଷୁବ୍ଧ ହୋଇ ନିଜ ଆସନରେ ଅଧୋମୁଖ ହୋଇ ବସିଲେ । ଏପରି ଜଣଙ୍କ ପରେ ଜଣେ ପଣ୍ଡିତଙ୍କର ସଭାରେ ପ୍ରବେଶ ଓ ରାଜାଙ୍କର ସେହି ଗୋଟିଏ ଉକ୍ତି "ଭୋ ମୂର୍ଖ ! ଉପବିଶ" (ହେ ମୂର୍ଖ ! ବସ) । ସମସ୍ତ ପଣ୍ଡିତ ବିସ୍ମିତ ବ୍ରୀଡ଼ିତମ୍ଳାନମୁଖ ହୋଇ ବସିଗଲେ । କେହି ଅନ୍ୟ କାହାକୁ ମଧ୍ୟ ମୁହଁ ଉଠାଇ ଚାହିଁ ପାରିଲେ ନାହିଁ । ମହାରାଜ ଭୋଜଙ୍କ ମୁଖରେ କିନ୍ତୁ ଫୁଟି ଉଠୁଥିଲା ଗାମ୍ଭୀର୍ଯ୍ୟ ।

ନୀରବ ନିସ୍ତବ୍ଧ ପଣ୍ଡିତ ସଭା ସମସ୍ତଙ୍କ ମୁଖରେ ଲଜ୍ଜା ଓ ଅପମାନର କାଳିମା । ମନ୍ତ୍ରୀ ପରିଷଦମାନଙ୍କ ମୁଖରେ ବିସ୍ମୟର ଭ୍ରୂକୁଟି । ଏପରି ସମୟରେ ସର୍ବବିଦ୍ୟା ପାରଙ୍ଗମ ଓ ବୁଦ୍ଧି ବିଶାରଦ ମହାକବି କାଳିଦାସ ସଭାରେ ପ୍ରବେଶ କଲେ । ସେ ମଧ୍ୟ ଅନ୍ୟମାନଙ୍କ ପରି ରାଜାଙ୍କର ଜୟ ଓ ଯଶଗାନ କଲେ । ରାଜା ମଧ୍ୟ କାଳିଦାସଙ୍କୁ ପୂର୍ବ ପରି ସମ୍ମାନ ସୂଚକ ସମ୍ବୋଧନ ନ କରି ଅନ୍ୟମାନଙ୍କୁ କହିଥିବା ଅଶିଷ୍ଟ ସମ୍ବୋଧନରେ କହିଲେ "ଉପବିଶ ଭୋ ମୂର୍ଖ !" ଏହାଶୁଣି କାଳିଦାସଙ୍କର ବିସ୍ମୟର ସୀମା ରହିଲା ନାହିଁ । ସେ ଅନ୍ୟ ପଣ୍ଡିତମାନଙ୍କ ଉପରେ ଥରେ ଦୃଷ୍ଟି ନିକ୍ଷେପ କରି ସେମାନଙ୍କ ହାବଭାବରୁ ଏପରି ଅପମାନିତ ହୋଇଥିବା ଅନୁମାନ କଲେ; କିନ୍ତୁ ସେ ମୁଖ ଅବନତ କରିବା କିମ୍ବା ନୀରବ ରହିବା ପଣ୍ଡିତ ନୁହନ୍ତି ।



ତ୍ୟାଗ ଭିତରେ ଯେଉଁ ପବିତ୍ର ଆନନ୍ଦ ରହିଛି, ତାହା ଭୋଗ ଭିତରୁ କେବେହେଲେ ମିଳି ପାରିବ ନାହିଁ ।

ସମ୍ବୋଧନରେ ଉତ୍‌କ୍ଷିପ୍ତ ହୋଇ ସେ ତତ୍‌କ୍ଷଣାତ୍ ଏକ ପଠିତ ଆଶୁ ଶ୍ଳୋକ ପଠନ କଲେ । ତାହା ନିମ୍ନରେ ପ୍ରଦତ୍ତ ହେଲା ।

ଖାଦନ୍ନ ଗଚ୍ଛାମି ହସନ୍ନ ଜଲ୍ପେ
ଗତଂ ନଶୋଚାମି କୃତଂ ନ ମନ୍ୟେ
ଦ୍ୱା ଭ୍ୟାଂ ତୃତୀୟୋ ନ ଭବାମି ରାଜନ୍ !
କି କାରଣଂ ଭୋଜ ଭବାମି ମୂର୍ଖଃ ।"

ପଠିତ ଶ୍ଳୋକଟିର ଅର୍ଥ ଏହା ଯେ ମୁଁ ତ ଖାଇଖାଇ ବାଟ ଚାଲୁନାହିଁ, ଅଧିକ ହସିହସି କଥା କହୁ ନାହିଁ, ଗତ କଥାକୁ ନେଇ ଶୋଚନା କରୁ ନାହିଁ, କରିଥିବା କର୍ମକୁ ନେଇ ଗର୍ବ ମନେ କରୁନାହିଁ, ଦୁଇ ଜଣଙ୍କ ଆଳାପ ମଧ୍ୟରେ ତୃତୀୟ ହୋଇ ପ୍ରବେଶ କରୁନାହିଁ, ତେବେ ହେ ଭୋଜରାଜ ! ମୁଁ କେଉଁ କାରଣରୁ ଆପଣଙ୍କ ବିଚାରରେ ମୂର୍ଖ ବିବେଚିତ ହେଉଅଛି ?

କାଳିଦାସଙ୍କର ଏପରି ଉକ୍ତିରୁ ମହାରାଜ ଭୋଜ ନିଜ ପ୍ରଶ୍ନର ଉତ୍ତର ପାଇ ଯାଇଥିଲେ କାରଣ ସେ ରାଣୀ ଓ ଦାସୀ ଦୁହିଙ୍କ ଆଳାପ ସମୟରେ ତୃତୀୟ ହୋଇ ପ୍ରବେଶ କରିବାକୁ ଯାଉଥିଲେ । ଯଥାର୍ଥ ଉତ୍ତର ଲାଭ ପରେ ରାଜାଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ଆନନ୍ଦ ଗଦ୍ ଗଦ ହୋଇ ସିଂହାସନରୁ ଉଠି ଆସି ସେ କାଳିଦାସଙ୍କୁ ସସମ୍ମାନେ ନେଇ ତାଙ୍କ ଉଦ୍ଦିଷ୍ଟ ଆସନରେ ବସାଇ ଦେଇଥିଲେ । ପାଟବସ୍ତ୍ର କୁଣ୍ଡଳ ଆଦି ବସ୍ତ୍ର ଆଭୂଷଣରେ ଭୂଷିତ କରି ଅଜସ୍ର ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ପ୍ରଦାନ କରିଥିଲେ ଏବଂ ସମସ୍ତ ପଣ୍ଡିତଙ୍କୁ ମୂର୍ଖ ବୋଲି ସମ୍ବୋଧନ କରିବାର ରହସ୍ୟ ମଧ୍ୟ ପ୍ରକାଶ କରିଥିଲେ ।

ସେଦିନ କାଳିଦାସଙ୍କର ଏହି ଶ୍ଳୋକ ମୂର୍ଖମାନଙ୍କର ଲକ୍ଷଣ ଏ ପରି ନିରୂପଣ କରିଥିଲେ । ବିଚାର କଲେ ଜଣାଯାଏ ଖାଉଥିବା ଅବସ୍ଥାରେ ବାଟ ଚାଲିବା ଅନୁଚିତ୍, କାରଣ ସେତେବେଳେ ଅଙ୍ଗ ଚାଳନାଜନିତ ରକ୍ତସଂଚାଳନ , ଯକୃତ ଓ ହୃଦୟ ନିଶ୍ଚୟ ତ୍ୱରାନ୍ୱିତ ହୋଇଥିବ । ସୁତରାଂ ଖାଦ୍ୟ ପରିପାକ ନ ହୋଇ ରାଜାଙ୍କର ଏତାଦୃଶ ଉଦରରେ ବାୟୁ ବିକାର ଓ ତଜ୍ଜନିତ ଅନ୍ୟ ରୋଗ ସୃଷ୍ଟି କରି ପାରିବ । ପୁନଶ୍ଚ ଚଳନ ମାର୍ଗରୁ ଧ୍ୟାନ ବିଚ୍ୟୁତି ଘଟି କୌଣସି ଅପଘଟଣ ଘଟିବା ମଧ୍ୟ ବିଚିତ୍ର ନୁହେଁ । ସେପରି କଥା କହୁଥିବା ସମୟରେ କାରଣ ବିନା ଅଧିକ ହସିବାରେ ତାହା ଅସାର ଓ ଗୁରୁତ୍ୱହୀନ ହୋଇଯାଇଥାଏ । ଫଳତଃ ବକ୍ତବ୍ୟଟି ନିରର୍ଥକ ହୁଏ । ଗତକଥାକୁ ନେଇ ସର୍ବଦା ଶୋଚନା କରୁଥିବା ବ୍ୟକ୍ତିର ମତିଗତି ବର୍ତ୍ତମାନ ଓ ଭବିଷ୍ୟତର କର୍ମ ପନ୍ଥା ନିର୍ଦ୍ଧାରଣ କରିପାରେ ନାହିଁ । ସର୍ବଦା ଅନୁଶୋଚନା ମାନସିକ ଓ ଶାରୀରିକ ବିକୃତି ମଧ୍ୟ ସୃଷ୍ଟି କରିବାର ସମ୍ଭାବନା ରହିଅଛି । ନିଜେ କରିଥିବା କୌଣସି କର୍ମକୁ ଗର୍ବ ମନେ କରୁଥିବା ଲୋକ ସମାଜରେ ଅହଂକାରୀ ବିବେଚିତ ହୁଏ । ଅହଂକାର ଶିଷ୍ଟ ବା ସାଧୁର ଲକ୍ଷଣ ନୁହେଁ । ଏହା ମାନବିକତାକୁ ନଷ୍ଟ କରି ବ୍ୟକ୍ତି ଚରିତ୍ରକୁ କଳୁଷିତ କରେ । କାହାର ଅହଂକାର ମଧ୍ୟ ଚିରସ୍ଥାୟୀ ନୁହେଁ, ଦୁଇ ଜଣଙ୍କର ଆଳାପ ମଧ୍ୟରେ ତୃତୀୟର ପ୍ରବେଶ ଘଟିଲେ ସେ ଦୁହିଁଙ୍କ ବାର୍ତ୍ତାଳାପର ରସ ଭଙ୍ଗ ହୁଏ ଓ ସ୍ଥଳ ବିଶେଷରେ ଆଳାପ ଗୋପନୀୟ ହୋଇଥିଲେ ତାହା ମଧ୍ୟ ପ୍ରକଟ ହୋଇ ଯିବାର ସମ୍ଭାବନା ଥାଏ । ପୁନଶ୍ଚ ସହସା ପ୍ରବେଶ କରିଥିବା ତୃତୀୟ ବ୍ୟକ୍ତି ପ୍ରତି ଅନ୍ୟ ଦୁଇଜଣଙ୍କ ଆନ୍ତରିକତା ମଧ୍ୟ କମି ଯାଇଥାଏ । ତୃତୀୟ ବ୍ୟକ୍ତି ନିଜର ସାମାଜିକତା ବା ଆଚରଣ ହରାଇ ନିକୃଷ୍ଟ ବିବେଚିତ ହୁଏ ।

ମହାକବି କାଳିଦାସଙ୍କର ଉଲ୍ଲିଖିତ ଶ୍ଳୋକକୁ ମାନଦଣ୍ଡ କରି ଅତ୍ୟାଧୁନିକ ସଭ୍ୟ ଶିକ୍ଷିତ ବ୍ୟକ୍ତିମାନଙ୍କର ଶିକ୍ଷାର ମାନ ନିର୍ଦ୍ଧାରଣ କଲେ ବର୍ତ୍ତମାନ ସମାଜରେ କେତେ ମୂର୍ଖ ଓ କେତେ ପ୍ରକୃତ ଶିକ୍ଷିତ ବିଦ୍ୱାନ୍, ତାହା ସହଜରେ ଜଣା ପଡ଼ିବ । ଯେଉଁ ଶିକ୍ଷା ମନୁଷ୍ୟକୁ ସ୍ୱାବଲମ୍ବୀ କରିବା ସହିତ ମାର୍ଜିତ ଚରିତ୍ରର ବ୍ୟକ୍ତିତ୍ୱ ପ୍ରଦାନ କରେ ତାହାହିଁ ପ୍ରକୃତ ଶିକ୍ଷା ।

ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ, ଜଟଣୀ
ମୋ- ୯୭୭୮୬୮୨୪୮୭

# ହେ ନୂଆ ବରଷ



ଅଜୟ କୁମାର ସେଠୀ

ହେ ନୂଆ ବରଷ ବାଣ୍ଟିଦିଅ ହସ
ଜଗତ କଲ୍ୟାଣ ପାଇଁ
ସ୍ନେହ,ଶାନ୍ତି,ପ୍ରୀତି, ମୈତ୍ରୀର ରଙ୍ଗରେ
ସଭିଙ୍କି ଦିଅ ରଙ୍ଗେଇ ।
ଏ ମାଟି ଛାଡିରୁ ହିଂସା, ରାଗ, କ୍ରୋଧ
ଅହଂକାର ହେଉ ଦୂର
ସବୁରି ମନରେ ଏକତାର ମନ୍ତ୍ର
ଭରିଦିଅ ହେ ଈଶ୍ୱର ।
କରୋନା ପରି ଏ ମୃତ୍ୟୁ ଭାଇରସ
ନ ଫେରୁ ଏଇ ବିଶ୍ୱକୁ
ୟୁକ୍ରେନ, ଆଉ ରଷ୍ ପରି ଏ ଯୁଦ୍ଧ
ନ ଜାଳୁ ଏ ମଣିଷକୁ ।
ପ୍ରତିଟି ମଣିଷ ଭାଇଚାରା ନେଇ
ବଞ୍ଚି ରୁହନ୍ତୁ ସଂସାରେ
ମାନବିକତାର ମହକ ତାଙ୍କର
ବାସୁଥାଉ ସବୁଠାରେ ।
ଶାନ୍ତି ଫେରି ଆସୁ ଆମ ପରିବେଶେ
ଜଗତ ମଙ୍ଗଳ ହେଉ
ସକାଳ ସୁରୁଯ ଉଇଁ ଗଲାପରେ
ଦିନ ଶୁଭେ କଟିଯାଉ ।
ହେ ପ୍ରଭୁ ମହାବାହୁ ।।।।

ଗ୍ରା-ଅଂଜିରା, ଓହ୍ମାଣ
ଭାୟା- ନିରାକାରପୁର, ଜି-ପୁରୀ
ମୋ-୯୯୩୭୧୯୮୮୭୮



ଆମ ଅଭ୍ୟାସ ଓ ଶିକ୍ଷା ପ୍ରଣାଳୀ ହିଁ ଆମ ପାଇଁ ଅଧିକରୁ ଅଧିକ ଅଭାବ ସୃଷ୍ଟି କରି ଚାଲିଥାଏ ।

# ମହାକାଶଚାରୀଙ୍କ ସ୍ୱାସ୍ଥ୍ୟ



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ମହାକାଶକୁ ଯାତ୍ରା ଓ ମହାକାଶରେ ଅବସ୍ଥାନ କାଳରେ ମହାକାଶଚାରୀମାନଙ୍କ ସ୍ୱାସ୍ଥ୍ୟ ଉପରେ କଅଣ କୌଣସି ପ୍ରଭାବ ପଡ଼ିଥାଏ ? ଏଭଳି ଏକ ପ୍ରଶ୍ନ ଆଦୌ ଅପ୍ରାସଙ୍ଗିକ ନୁହେଁ। କାରଣ ପୃଥିବୀର ପରିବେଶ ଓ ମହାକାଶର ପରିବେଶରେ ରହିଛି କେତେକ ମୌଳିକ ପାର୍ଥକ୍ୟ। ପୃଥିବୀରେ କ୍ରିୟାଶୀଳ ହୋଇଥାଏ ମାଧ୍ୟାକର୍ଷଣ ବଳ। ତେଣୁ ଏଠାରେ ସକଳ ବସ୍ତୁର ଓଜନ ଅଛି; କିନ୍ତୁ ମହାକାଶରେ ମାଧ୍ୟାକର୍ଷଣର ପ୍ରଭାବ ଅତି ନଗଣ୍ୟ। ସେଠାକାର 'ମାଇକ୍ରୋ ଗ୍ରାଭିଟୀ' ବା ସୂକ୍ଷ୍ମ ମାଧ୍ୟାକର୍ଷଣ ପରିବେଶ ଯୋଗୁ ମହାକାଶଚାରୀମାନଙ୍କ ଶାରୀରିକ କ୍ରିୟାରେ ପରିଲକ୍ଷିତ ହୋଇଥାଏ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ପୁନଶ୍ଚ ପୃଥିବୀ ଓ ମହାକାଶ - ଉଭୟ ପରିବେଶରେ ବ୍ୟକ୍ତି ବିକିରଣର ସଂସ୍ପର୍ଶରେ ଆସିଥାଏ। ହେଲେ ପୃଥିବୀର ବିକିରଣର ମାତ୍ର ଯାହା, ମହାକାଶରେ ଏହି ମାତ୍ରା ବହୁଗୁଣ ଅଧିକ। ମହାକାଶରେ ସୂକ୍ଷ୍ମ ମାଧ୍ୟାକର୍ଷଣ ଯୋଗୁ ଭାରଶୂନ୍ୟତା ଏବଂ ମହାକାଶରେ ଅତ୍ୟଧିକ ବିକିରଣ - ଏହି ଉଭୟ ପ୍ରତି ଉନ୍ମୁକ୍ତ ରହିବା ଫଳରେ ମହାକାଶଚାରୀମାନଙ୍କ ଅସ୍ଥି, ମାଂସପେଶୀ, ହୃତପିଣ୍ଡ, ରକ୍ତନଳୀ ଏବଂ ସ୍ନାୟୁ ଇତ୍ୟାଦି ସମେତ ଶରୀରର ପ୍ରାୟାତଃ ପ୍ରତ୍ୟେକ ତନ୍ତ୍ର ପ୍ରଭାବିତ ହୋଇଥାଏ। ପ୍ରଭାବିତ ହୁଏ ଚୟାପଚୟ କ୍ରିୟା। ବୃଦ୍ଧିପାଏ ଜାରଣ ପ୍ରକ୍ରିୟାର ଅସ୍ୱାଭାବିକ ଚାପ। ମନସ୍ତାତ୍ତ୍ୱିକ ଚାପ ମଧ୍ୟ ବଢ଼ିଥାଏ। ମହାକାଶଚାରୀମାନଙ୍କ ଶରୀରର ଜଳୀୟ ଅଂଶ, ରକ୍ତ, ମାଂସପେଶୀ ଓ ଅସ୍ଥି , ପ୍ରତିରକ୍ଷା ତନ୍ତ୍ର ବା ଇମ୍ୟୁନସିଷ୍ଟମ ଏବଂ ମନସ୍ତତ୍ତ୍ୱରେ ହିଁ ମୁଖ୍ୟତଃ ପରିଲକ୍ଷିତ ହୋଇଥାଏ ପରିବର୍ତ୍ତନ।

**ଶରୀରର ବିଭିନ୍ନ ଜଳୀୟ ଦ୍ରବ୍ୟ -** ରକ୍ତକୁ ଛାଡ଼ିଦେଲେ ଶରୀରର ସମସ୍ତ ଜୀବକୋଷ ଭିତରେ ଓ ବାହାରେ ରହିଛି ଜଳୀୟ ଦ୍ରବ୍ୟ ଓ ସେଥିରେ ଥାଏ ବିଭିନ୍ନ ଜୈବ ରାସାୟନିକ ଉପାଦାନ। ଖାଇସାରିବା ପରେ ଜଳୀୟ ଅଂଶର ପୁନବଣ୍ଟନ ସଂଘଟିତ ହୁଏ। ଗୋଡ଼ ଦୁଇଟିରେ ଏହାର ପରିମାଣ କମିଯାଏ। ହ୍ରାସପାଏ ରକ୍ତଚାପ। ଅନୁଭୂତ ହୁଏ 'ମୋସନ ସିକନେସ' ବା ଗତିଜନିତ ଅସୁସ୍ଥତା। ମୁହଁ ଫୁଲାଫୁଲା ଦେଖାଯାଇଥାଏ।

**ରକ୍ତ -** ରକ୍ତର ଆୟତନ ବା ପରିମାଣ କମିଯାଏ। ଏପରିକି ୧୦ ପ୍ରତିଶତରୁ ୧୫ ପ୍ରତିଶତ ପର୍ଯ୍ୟନ୍ତ ମଧ୍ୟ କମିଯାଇପାରେ। କାରଣ କମିଯାଏ ପ୍ଲାଜ୍‌ମା ଏବଂ ଅନ୍ୟାନ୍ୟ ଜଳୀୟ ଦ୍ରବ୍ୟର ପରିମାଣ। ହ୍ରାସ ପାଇଯାଏ ଲୋହିତ ରକ୍ତ କୋଷିକା ଗୁଡ଼ିକର ସଂଖ୍ୟା। ମହାକାଶ ପରିକ୍ରମା କାଳରେ ମହାକାଶୀୟ ପରିବେଶ ସହ ଖାପ ଖୁଆଇନେବା ପାଇଁ ଏଭଳି ପରିବର୍ତ୍ତନର ଆବଶ୍ୟକତା ପଡ଼େ। ତେଣୁ ମହାକାଶରୁ ବାହୁଡ଼ି ଆସିଲେ ପୃଥିବୀ ପୃଷ୍ଠରେ ତାହା ପୁଣି ସ୍ୱାଭାବିକ ହୋଇଆସେ।

ଏ ସଂପର୍କରେ ଉଲ୍ଲେଖ ଯୋଗ୍ୟ ଯେ ମହାକାଶଚାରୀ ମାନଙ୍କଠାରେ ପରିଲକ୍ଷିତ ହେଉଥିବା ରକ୍ତସ୍ୱଳ୍ପତାକୁ 'ସ୍ପେଶ୍ ଆନିମିଆ' ବା 'ମହାକାଶ ରକ୍ତସ୍ୱଳ୍ପତା' ବୋଲି କହନ୍ତି। ମହାକାଶର ସୂକ୍ଷ୍ମ ମାଧ୍ୟାକର୍ଷଣର ପ୍ରଭାବରେ ଲୋହିତ ରକ୍ତ କୋଷିକା ଗୁଡ଼ିକ ଫାଟିଯାଆନ୍ତି। ହେମୋଗ୍ଲୋବିନ୍‌ର ପରିମାଣ କମିଯାଏ। ମାଧ୍ୟକର୍ଷଣ ବଳରେ ବିବିଧ ପରିବର୍ତ୍ତନ, ଅମ୍ଳଜାନର ସ୍ୱଳ୍ପତା ଓ ନିମ୍ନତାପମାତ୍ରାର ପ୍ରଭାବ ପଡ଼ିଥାଏ ଜୀବକୋଷଗୁଡ଼ିକର ଆବରଣ ଉପରେ। ଆବରଣ ଗଠନ କରୁଥିବା ଫ୍ୟାଟି ଏସିଡ୍ ବା ମେଦ ଅମ୍ଳରେ ପରିବର୍ତ୍ତନ ଯୋଗୁ ଆବରଣ ହୋଇପଡ଼େ ଅଧିକ ଭଙ୍ଗୁରଣ ପ୍ରବଣ। ମହାକାଶରେ ସୋରବିକରଣ ବା ବିଦ୍ୟୁତ୍ ଚୁମ୍ବକୀୟ ବିକରଣର ପ୍ରଭାବରେ ଜାତ ହୋଇପଡ଼େ ଅଧିକ ହାଇଡ୍ରକ୍ସିଲ ରେଡ଼ିକାଲ୍'। ହାଇଡ୍ରକ୍ସିଲ ରେଡ଼ିକାଲ ହେଉଛି ଏକ ଉଗ୍ର ଜାରକ। ଏହା ପୁଷ୍ଟିସାର, ସ୍ନେହସାର, ଶ୍ୱେତସାର ଓ ଡ଼ି,ଏନ୍.ଏ. - ଆର୍.ଏନ୍.ଏ ଅଣୁ ଉପରେ ଖୁବ୍ ପ୍ରତିକୂଳ ପ୍ରଭାବ ପକାଇଥାଏ।

**ମାଂସପେଶୀ ଓ ଅସ୍ଥି -** ମାଂସପେଶୀଗୁଡ଼ିକର ବସ୍ତୁତ୍ୱ ଓ ଶକ୍ତି ଧୀରେ ଧୀରେ ହ୍ରାସ ପାଇଚାଲେ। ପେଶୀ ତନ୍ତୁଗୁଡ଼ିକର ଆକାର ହ୍ରାସ ପାଇଁ କ୍ଷୀଣ ହୋଇଯାଏ ପେଶୀମାନ। ଭାରଶୂନ୍ୟତା ଯୋଗୁ ମହାକାଶଚାରୀମାନେ ଦଣ୍ଡାୟମାନ ଅବସ୍ଥାରେ ରହିବାରେ ବଡ଼ ଅସ୍ୱସ୍ତି ଅନୁଭବ କରିଥାନ୍ତି। ମହାକାଶରେ ଅବସ୍ଥାନର ଅବଧିକୁ ଚାହିଁ ପେଶୀଗୁଡ଼ିକର ଆୟତନ ୨୦ରୁ ୩୦ ପ୍ରତିଶତ ହ୍ରାସ ପାଇଯାଇପାରେ। ଅସ୍ୱାଭାବିକ ଚାପ ଓ ପୁଷ୍ଟିର ଅଭାବ ଏହି କ୍ଷୟ ପ୍ରକ୍ରିୟାକୁ ସୁଗମ କରିଦିଏ।

ମହାକାଶଯାନ ଭିତରେ ରହି ମହାକାଶ ପରିକ୍ରମା କାଳରେ ପୁଷ୍ଟିସାର ସଂଶ୍ଳେଷଣ ୨୦ ରୁ ୫୦ ପ୍ରତିଶତ କମିଯିବା ସଙ୍ଗେସଙ୍ଗେ ପୁଷ୍ଟିସାରର କ୍ଷୟ ବଢ଼ିଥାଏ। ମହାକାଶରୁ ପୃଥିବୀ ପୃଷ୍ଠକୁ ଅବତରଣ କରିବା ପରେ ମହାକାଶଚାରୀମାନେ ସେମାନଙ୍କ ଗୋଡ଼ର ପେଣ୍ଡାରେ ମାଂସପେଶୀ ଯନ୍ତ୍ରଣା ଅନୁଭବ କରିଥାନ୍ତି ଓ ସେଠାରେ କ୍ଷତ ହୋଇଥିବାର ଅନୁଭୂତି ହୁଏ। ମାତ୍ର ଭୂପୃଷ୍ଠରେ ଗୋଟିଏ ଦୁଇଟି ମାସ ଭିତରେ ଏହି ଅସ୍ୱସ୍ତି ସଂପୂର୍ଣ୍ଣ ଉପଶମ ହୋଇଯାଏ।

ମହାକାଶୀୟ ସୂକ୍ଷ୍ମ ମାଧ୍ୟାକର୍ଷଣ ବଳ ମଧ୍ୟ ଅସ୍ଥି ହ୍ରାସ ପାଇଁ ଦାୟୀ। ମ୍ଳାନ ଆଲୋକ ବା ସୂର୍ଯ୍ୟକିରଣର ଅଭାବ, ପାରାଥାଇରଏଡ଼ ହରମୋନର ମାତ୍ରା ହ୍ରାସ ଏବଂ ଭିଟାମିନ୍ 'ଡ଼ି' ର ମାତ୍ରାହ୍ରାସ ଭଳି କାରକ ମଧ୍ୟ ଅସ୍ଥି ହ୍ରାସ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେଇଥାନ୍ତି। ମହାକାଶ ପରିକ୍ରମା କାଳରେ ଅନ୍ତନଳୀରୁ କ୍ୟାଲସିୟମର ପରିଶୋଷଣ କମିଯିବା ସହ ପରିସ୍ରାରେ କ୍ୟାଲସିୟମ ନିଷ୍କାସନ ବୃଦ୍ଧି ପାଇଥାଏ। ଏହାର ପ୍ରଭାବରେ ଅସ୍ଥିର ଘନତ୍ୱ ୧ ରୁ ୨ ପ୍ରତିଶତ କମିଯାଏ। ଅସ୍ଥିଗୁଡ଼ିକର ସଂଶ୍ଳେଷଣ ପ୍ରକ୍ରିୟା ହୁଏତ ରହିପାରେ ସ୍ୱାଭାବିକ ତଥା ଅପରିବର୍ତ୍ତିତ କିମ୍ବା ସ୍ଥଳବିଶେଷରେ ସାମାନ୍ୟ ଊଣା। ରକ୍ତର ଅମ୍ଳତା ବଢ଼ିଯିବା ମଧ୍ୟ ଅସ୍ଥି ହ୍ରାସର ଅନ୍ୟତମ କାରଣ।

**ମନସ୍ତାତ୍ତ୍ୱିକ ପରିବର୍ତ୍ତନ -** ମହାକାଶ ପରିକ୍ରମା କାଳରେ ମହାକାଶଯାନ ଭିତରେ

ଅବସ୍ଥାନ୍ୟ କରିବା ଯୋଗୁ ମହାକାଶଚାରୀମାନେ ସେମାନଙ୍କ ସ୍ୱାଭାବିକ ପରିବେଶରୁ ବଞ୍ଚିତ ହେବା ନିମନ୍ତେ ବାଧ ହୋଇଥାନ୍ତି। ପୃଥିବୀ ପୃଷ୍ଠରେ ରହିଥିବା ଅସୁସ୍ଥ ବୃଦ୍ଧ ପିତାମାତାଙ୍କ ଯତ୍ନ ପରିବାରରେ ପତ୍ନୀ ଓ ସନ୍ତାନମାନଙ୍କ ଭଲମନ୍ଦରେ ଭାଗୀଦାର ହେବା ସେମାନଙ୍କ ପକ୍ଷେ ସମ୍ଭବ ନହେବା ଦ୍ୱାରା ସେମାନଙ୍କ ଉପରେ ପ୍ରତିକୂଳ ମନସ୍ତାତ୍ତ୍ୱିକ ପ୍ରଭାବ ପଡ଼ିଥାଏ। ଅବଶ୍ୟ ମହାକାଶଯାତ୍ରା ପାଇଁ ପ୍ରାକ୍ ତାଲିମ ସମୟରେ ଏହି ଦିଗପ୍ରତି ସମୁଚିତ ଧ୍ୟାନ ଦିଆଯାଏ।

**ପ୍ରତିରକ୍ଷ୍ୟାତନ୍ତ୍ରର କାର୍ଯ୍ୟରେ ଅନିୟନ୍ତ୍ରଣ –** ମହାକାଶ ପରିକ୍ରମା ସମୟରେ ଶରୀରର ପ୍ରତିରକ୍ଷ୍ୟାତନ୍ତ୍ରର କାର୍ଯ୍ୟରେ କେତେକ ଅସ୍ୱାଭାବିକତା ସଂଘଟିତ ହୋଇପାରେ। 'ସେଲମେଡ଼ି ଏଟେଡ଼ ଇମୁନିଟୀ'ବା କୋଷିକା ମାଧ୍ୟମ ପ୍ରତିରୋଧ ଶକ୍ତି ଦୁର୍ବଳ ହୋଇପଡ଼େ ଓ ପୃଥିବୀକୁ ବାହୁଡ଼ି ଆସିବାର ଗୋଟିଏ ଦୁଇଟି ସପ୍ତାହ ଭିତରେ ଏହା ସ୍ୱାଭାବିକ ଅବସ୍ଥାକୁ ଫେରିଆସେ। ରକ୍ତରେ ଷ୍ଟୁକୋକଟି କଏଡ଼ ଓ କାଟିକୋଲାମିନ୍ସ ହରମୋନର ପରିମାଣର ବୃଦ୍ଧି ମଧ୍ୟ ପ୍ରଭାବିତ କରିଥାଏ ପ୍ରତିରକ୍ଷ୍ୟାତନ୍ତ୍ରର କାର୍ଯ୍ୟକୁ।

ମହାକାଶଚାରୀମାନେ ମହାକାଶଯାନ ଭିତରେ ଅବସ୍ଥାନ କରିବା କାରଣରୁ ସେମାନଙ୍କଠାରେ ବିଭିନ୍ନ ଶାରୀରିକ ପରିବର୍ତ୍ତନ ଘଟିଥାଏ ବୋଲି ପୂର୍ବରୁ କୁହାଯାଇଛି। ଏହି କାରଣରୁ ସେମାନଙ୍କ ଖାଦ୍ୟ ଉପାଦାନଗୁଡ଼ିକର ଆବଶ୍ୟକତା ମଧ୍ୟ ପ୍ରଭାବିତ ହୋଇଥାଏ। ମହାକାଶ ପୁଷ୍ଟିବିଜ୍ଞାନୀ ଏବଂ ମହାକାଶ- ପଥ୍ୟତତ୍ତ୍ୱବିତ୍‌ମାନେ ପ୍ରତ୍ୟେକ ମହାକାଶଚାରୀଙ୍କ ଖାଦ୍ୟ ଉପାଦାନଗୁଡ଼ିକର ଆବଶ୍ୟକତା ଏବଂ ଖାଇବାରେ ସେମାନଙ୍କ ବ୍ୟକ୍ତିଗତ ପସନ୍ଦ ଅପସନ୍ଦକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ମହାକାଶଚାରୀଙ୍କ ଖାଦ୍ୟ ସଂପର୍କରେ ନିଷ୍ପତ୍ତି ଗ୍ରହଣ କରିଥାନ୍ତି। ଯଥେଷ୍ଟ ପରିମାଣର ବିଶୁଦ୍ଧ ବାୟୁ, ବିଶୁଦ୍ଧ ପାନୀୟ ଜଳ ଓ ବାର୍ଜ୍ୟ ପଦାର୍ଥ ସଂଗ୍ରହ ନିମନ୍ତେ ସନ୍ତୋଷଜନକ ତଥା ଫଳପ୍ରଦ ବ୍ୟବସ୍ଥା ଇତ୍ୟାଦିର ବନ୍ଦୋବସ୍ତ ପାଇଁ ସ୍ୱତନ୍ତ୍ର ଭାବରେ ଧ୍ୟାନ ଦିଆଯାଇଥାଏ।

ମହାକାଶଚାରୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ଉପାଦାନ –

- କ୍ୟାଲସିୟମ- କ୍ୟାଲସିୟମକୁ ଔଷଧ ଭାବେ ଦେଲେ ମଧ୍ୟ ଏହାର ପରିଶୋଷଣ ସେମାନଙ୍କ କ୍ଷେତ୍ରରେ ଖୁବ କମ୍।
- ସୋଡ଼ିୟମ- ଖାଦ୍ୟରେ ସୋଡ଼ିୟମର ପରିମାଣ ପ୍ରାୟତଃ ଅଧିକ।
- ଭିଟାମିନ 'ଡ଼ି'- ସୂର୍ଯ୍ୟାଲୋକର ସଂସ୍ପର୍ଶରେ ଆସିପାରୁନଥିବାରୁ ଏହି ଭିଟାମିନ୍ 'ଡ଼ି'ର ଅଭାବ ହାଡ଼କୁ ଦୁର୍ବଳ କରିଦେଉଥିବାରୁ ଖାଦ୍ୟରେ ଭିଟାମିନ୍ 'ଡ଼ି' ଯୋଗ କରିବା ପାଇଁ ପଡ଼େ।
- ଆଇରନ୍ ବା ଲୌହ- ଲୋହିତରକ୍ତ କୋଷିକାଗୁଡ଼ିକ ପ୍ରତିକୂଳ ଭାବରେ ପ୍ରଭାବିତ ହେଉଥିବାରୁ ରକ୍ତରେ ଲୌହର ପରିମାଣ ବଢ଼ିଯାଏ। ସେଥିପାଇଁ ସେମାନଙ୍କୁ ବେଶୀ ପରିମାଣରେ ଲୌହ ଦିଆଯାଏ ନାହିଁ।
- ଋଷିଆ ଓ ଆମେରିକାର ମହାକାଶଚାରୀଙ୍କୁ ସମ୍ଭବତଃ ଯଥାକ୍ରମେ ୩୬୦୦ ଏବଂ ୩୨୦୦ କିଲୋ କ୍ୟାଲୋରି ବିଶିଷ୍ଟ ଖାଦ୍ୟ ପ୍ରତ୍ୟହ ଦିଆଯାଇଥାଏ। ଏହି କ୍ୟାଲୋରି ପରିମାଣରୁ ଶତକଡ଼ା ୧୭ ଭାଗ ଆସେ ପୁଷ୍ଟିସାରରୁ ଓ ସ୍ନେହସାରରୁ ଏବଂ ଶ୍ୱେତସାରରୁ ୩୨ ପ୍ରତିଶତ ଓ ୫୧ ପ୍ରତିଶତ ।
- ଯୋଗାଇ ଦିଆଯାଇଥିବା ଖାଦ୍ୟରେ ମୁଖ୍ୟତଃ ଥାଏ ପନିପରିବା, ଫଳ, ମାଛ ଏବଂ ମାଂସ। ଏହି ଖାଦ୍ୟଗୁଡ଼ିକର ପରିମାଣ ଓ ଓଜନ କମେଇବା ନିମନ୍ତେ ସେଗୁଡ଼ିକରୁ ୭୦ ପ୍ରତିଶତ ଜଳ ବାହାରକରିନେଇ ଅପେକ୍ଷାକୃତ ଶୁଖିଲା କରିଦିଆଯାଏ। ଏହାକୁ ଏପରି ଭାବରେ ପ୍ୟାକିଂ କରାଯାଇଥାଏ ଯେ ମହାକାଶଯାନ ଭିତରେ ସାଇତିବା ନିମନ୍ତେ ଅଳ୍ପ ଜାଗା ଦରକାର ପଡ଼େ ଏବଂ ସେଥିରେ ଗରମ ଜଳ ମିଶେଇ ସହଜରେ ଆହାର ଉପଯୋଗୀ କରିହୁଏ। ଏହାକୁ ପ୍ରାତଃଭୋଜନ, ମଧ୍ୟାହ୍ନ ଭୋଜନ, ସଂଧ୍ୟା ଭୋଜନ ଓ ଚା ଏବଂ ରାତ୍ରୀଭୋଜନରେ ଖିଆଯାଇଥାଏ।
- ମହାକାଶଯାନ ଭିତରେ ଜଳ ଉତ୍ପାଦନ ନିମନ୍ତେ କାର୍ଯ୍ୟକାରୀ ହୋଇଥାଏ ବିଦ୍ୟୁତ ଚାଳିତ ଇନ୍ଧନ ବ୍ୟବସ୍ଥା। ଏହି ପଦ୍ଧତିଟି ଉଦଜାନ ଓ ଅମ୍ଳଜାନ ବିନିଯୋଗ କରି ଜଳ ସୃଷ୍ଟିପାଇଁ ଉର୍ଦ୍ଧିଷ୍ଟ। ଏହି ଜଳ ଜନସ୍ୱାସ୍ଥ୍ୟ ବିଭାଗଦ୍ୱାରା ଯୋଗାଇ ଦିଆଯାଇଥିବା ଜଳଠାରୁ ବେଶୀ ବିଶୁଦ୍ଧ। ମାତ୍ର ଏହି ଜଳରେ ଅନ୍ୟ କୌଣସି ଦ୍ରବୀଭୂତ ଉପାଦାନ ନଥିବାରୁ ଏହା ସଂପୂର୍ଣ୍ଣ ସ୍ୱାଦହୀନ। ଉକ୍ତ ଜଳ ମହାକାଶଯାନ ଭିତରେ ଏକ ସ୍ୱୟଂସଂପୂର୍ଣ୍ଣ ସ୍ଥାନରେ ସଂରକ୍ଷିତ ହୋଇଥାଏ। ଶୀତଳ ଜଳର ତାପମାତ୍ରା ଥାଏ ୧୦ ଡ଼ିଗ୍ରୀ ସେଲସିୟସ୍ ଏବଂ ୮୦ ଡ଼ିଗ୍ରୀ ସେଲସିୟସ ହେଉଛି ଗରମ ଜଳର ତାପମାତ୍ରା।

ତେବେ ମହାକାଶଯାନ ଭିତରେ ରହି ମହାକାଶଯାନ ପରିକ୍ରମା କରୁଥିବା ସମୟରେ ସେମାନଙ୍କ ରକ୍ତରେ ବିଭିନ୍ନ ଜୈବରାସାୟନିକ ଉପାଦାନର ମାତ୍ରା ନିର୍ଦ୍ଧାରଣ କରିବା ତ ସମ୍ଭବ ନୁହେଁ। ମାତ୍ର ଏକ ଅନୁଧ୍ୟାନରେ ୧୧ ଜଣ ମହାକାଶଚାରୀଙ୍କଠାରେ କିଛି କିଛି ଅନୁଧ୍ୟାନ କରାଯାଇଥିଲା। ସେମାନେ ୧୨୮ ରୁ ୧୯୫ ଦିନ ଧରି ମହାକାଶ ପରିକ୍ରମା କରିଥିଲେ। ମହାକାଶକୁ ଯାତ୍ରାକରିବାର ଅବ୍ୟବହିତ ପୂର୍ବରୁ ଏବଂ ମହାକାଶରୁ ପ୍ରତ୍ୟାବର୍ତ୍ତନ କରି ଭୂପୃଷ୍ଠରେ ଅବତରଣ କରିବା ପରେ ସେମାନଙ୍କଠାରୁ ରକ୍ତ ସଂଗ୍ରହ କରି କେତେକ ପରୀକ୍ଷାନିରୀକ୍ଷା କରାଯାଇଥିଲା।

ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅବତରଣ କରିବାପରେ ସେମାନଙ୍କ ଓଜନ ହ୍ରାସ ପାଇଥିବାର ପରିଲକ୍ଷିତ ହେଲା। ରକ୍ତରେ ହେମୋଗ୍ଲୋବିନର ପରିମାଣ ଏବଂ ଲୋହିତ ରକ୍ତ କଣିକା, ଶ୍ୱେତ ରକ୍ତ କୋଷିକା, ଅଣୁ ଚକ୍ରିକା ବା ପ୍ଲେଟଲେଟର ସଂଖ୍ୟା କମିଯିବା ସଙ୍ଗେସଙ୍ଗେ ରକ୍ତରେ ଆଇରନ ବା ଲୌହ ଫେରିଟିନ ସାଚୁରେସନ୍ ଏବଂ ଟ୍ରାନସ ଫେରିଟିନର ମାତ୍ରା କମିଯାଇଥିଲା। ବଢ଼ି ଯାଇଥିଲା ଫେରିଟିନର ମାତ୍ରା। ଲୋହିତ ରକ୍ତ କଷିକାରେ ସୁପର ଅକ୍ସାଇଡ଼ ଡ଼ିସ୍ମୁଟେଜ ହ୍ରାସ ପାଇଯାଇଥିବାରୁ ଉକ୍ତ କୋଷିକାଗୁଡ଼ିକ ଜାରଣ କ୍ରିୟାର କୁ ପ୍ରଭାବ ଭୋଗିଥିଲେ। ଖାଦ୍ୟରେ ଅତିରିକ୍ତ ଭିଟାମିନ୍ 'ଡ଼ି' ଯୋଗାଇ ଦିଆଯିବା ସତ୍ତ୍ୱେ ଭିଟାମିନ୍ 'ଡ଼ି' ରୁ ଜାତ ୨୫-ହାଇଡ୍ରକ୍ସ କୋଲେକ୍ୟାଲସିଫେରଲ ପରିମାଣ ରକ୍ତରେ ଉଣା ରହିଥିଲା ଏବଂ ହାଡ଼ରୁ କ୍ୟାଲସିୟମ ଓ ଫସଫରସ୍‌ର କ୍ଷୟ ବଢ଼ି ଯାଇଥିଲା।

'ଅଭୀପ୍ସା',
ସେକ୍ଟର-୬, ପ୍ଲଟ ନଂ-୧୧୩୧
ଅଭିନବ ବିଡ଼ାନାସୀ, କଟକ - ୭୫୩୦୧୪



ପ୍ରାଚୁର୍ଯ୍ୟରେ ଥିଲାବେଳେ ହିଁ ଜଣା ପଡ଼ିବ ଲୋକଟି ଭଲ କି ଖରାପ।

# ଧନ୍ୟ ହେଉ ଏ ଜୀବନ

**ସବିତା ରଥ**

ଜଗତର ନାଥ କାଳିଆ ସାଆନ୍ତ
ଶରଣ ରକ୍ଷଣ ହରି
ତୁମେ ମୋର ଆଶା ତୁମେ ମୋ' ଭରସା
ଘେନ ପତିତ ଗୁହାରୀ
ଭରସା କରିଛି କାଳିଆରେ ତୋତେ
ନିରାଶ କରିବୁ ନାହିଁ
ଜୀବନର ଶେଷ ସମୟେ ତୋ ରୂପ
ଦିଶୁ ମୋତେ ଭାବଗ୍ରାହୀ
ମୋ ଜୀବନ ଶେଷ ଜୀବ ଯିବା ବେଳେ
ତୁଣ୍ଡରେ ଥିବ ନିର୍ମାଲ୍ୟ
ତୋ' ନାମ ସହିତ ତୁଣ୍ଡେ ଧରିଥିବି
ତୁଳସୀ ମିଶ୍ରିତ ଜଳ
କାୟରେ କର୍ମରେ ଅଥବା ବାକ୍ୟରେ
ଶ୍ରବଣରେ ନୟନରେ
ଅପରାଧ କେତେ ଅରଜିଛି ପ୍ରଭୁ
କ୍ଷମା କର ମୋତେ ବାରେ
ତୁମ୍ଭ ପାଦ ପଦ୍ମେ ଆଶରା ଦିଅ ହେ
ହେଉ ମୋ ଆଶା ପୂରଣ
ତୁମ୍ଭ ନାମାମୃତ ପାନ କରି ନିତ୍ୟ
ଧନ୍ୟ ହେଉ ଏ ଜୀବନ

ପ୍ରଧାନ ଶିକ୍ଷୟତ୍ରୀ
ବଡ଼ ଇଚ୍ଛାପୁର ପ୍ର.ଉ.ପ୍ରା.ବିଦ୍ୟାଳୟ
ଡେଲାଙ୍ଗ

# ନୂଆବର୍ଷ-୨୦୨୩



**ଯମେଶ୍ୱର କହଲସିଂହ**

ଶୀତ ଥରି ଥରି
ତେଇଶି ସୁନ୍ଦରୀ
ନୂଆ ରୂପନେଇ ଆସିଛି
ଶିଶିର ଜଳରେ
ଚରଣ ପଖାଳି
ମୁରୁକି ମୁରୁକି ହସୁଛି। ।୦।
ଜନଗଣମନେ
ହସେ ଦେଖିବାକୁ
ଦାମୀ ଉପହାର ଆଣିଛି
ଅଭାବୀ ମନର
ପୁରୁଣା କାନ୍ଥରେ
ନୂଆ ଝୋଟି ଚିତା ଆଙ୍କୁଛି
ନାଗ-ଋନ୍ଦ ଦିଗ
ଦୁର୍ନିତୀ ରାକ୍ଷସ
ହଟାଇବା ଅଙ୍କ କଷୁଛି ।୧।
ଶୀତେ ଥିରି ଥିରି.............
ଫୁଲିଆ ତାରାର
ଘିଅ ଦୀପ ଜାଳି
ପ୍ରକୃତି ସଜେଇ ହେଉଚି
ନୂଆ ଅତିଥିଙ୍କ
ସମ୍ବର୍ଦ୍ଧନା ପାଇଁ
ସ୍ୱାଗତ ତ୍ୱରଣ ଝୁଲୁଛି......
ମିଠା ମିଠା ବାସ୍ନା
ବଉଳ ବାଣ୍ଟୁଛି
ଗେଣ୍ଡୁ ମହମହ ବାସୁଛି...।୨।
ଶୀତେ ଥିରି ଥିରି.............

ଲୋକିପୁର,ଗଡ଼ମାଣତୀର,
ଖୋର୍ଦ୍ଧା-୭୫୨୦୬୨
ମୋ-୯୯୩୭୪୭୨୧୮



ଧାର୍ମିକ ଲୋକର ସବୁଠାରୁ ବଡ଼ ଭୂଷଣ ହେଉଛି ବିନୟ।

# ଅଭିନୟ



ପଦ୍ମ ଲୋଚନ ସାହୁ

ଶବ୍ଦଗୁଡ଼ିଏ ସୃଷ୍ଟି କରିବା ଉଦ୍ଦେଶ୍ୟରେ
ମୁଁ ପହଁରୁଥିଲି ଭାବନାର ସମୁଦ୍ର ଭିତରେ
କୋଣରୁ ଅନୁକୋଣ ଯାଏ,
ସକାଳୁ ସୂର୍ଯ୍ୟାସ୍ତ ଯାଏ,
କଳ୍ପନାର ଛବିଟିଏ ଆଙ୍କିଦେବି ବୋଲି
ନିର୍ଜୀବ କାଗଜ ବକ୍ଷରେ।

ଯଦିଓ ମନେପଡ଼ ତୁମେ-
ଅନେକ ଦିନର ବ୍ୟବଧାନ ପରେ,
ଖିଆଲି ମନରେ,
ସ୍ୱପ୍ନ ସବୁ ଉଂକିମାରି ଉଭେଇ ଯାଆନ୍ତି,
ଯେଝା ମତେ ଆପଣା ବାଟରେ।

ମୁଁ ଖାଲି ହନ୍ତ ସନ୍ତ ହୁଏ,
ତୁମ ତାଳୁରୁ ତଳିପା ଯାଏ,
ଗୋରା ଦେହର ଗଂଧ ସବୁ
ଶୋଷି ନେବା ପାଇଁ କ୍ଷଣିକ ଭିତରେ।

ମୁଁ ଜାଣେ - 'ପ୍ରତିଶ୍ରୁତି' ସବୁ 'ପ୍ରତାରଣା'
ପାଲଟିଲା ପରେ, ଆଉ କି' ସରାଗ ଥାଏ
'ପୁରୁଣା ପ୍ରେମର', ଅତୀତକୁ ଦୋହରାଇ
ନୂଆ ଶବ୍ଦ ସୃଷ୍ଟି କରିବାରେ।

ତୁମେ ଗଲା ପରଠାରୁ ମୋ' ଲେଖାର ଢ଼ଂଗସବୁ
ବଦଳି ଯାଇଛି, ଯଂତ୍ରଣାର ଦହନ ଯୁଇରେ
ମୁଁ ଜଳୁଛି ଅହରହ ଏକା ଏକା,
ନିଶୂନ୍ ପିଂଜରା ଭିତରେ।

କବିତାର ଧାଡ଼ି ସବୁ ଓଦା ହେଉଛି
ଶବ୍ଦଂକର ଉଷୁମ ଲୁହରେ
ମୁକୁଳିବା ଯଦି ଓ 'ଯୁ' ନାହିଁ ତମର
ଭଲପାଇବାର ବଂଦୀଶାଳାରୁ ,
କେବଳ ବଂଚିବା ପାଇଁ ଅଭିନୟ
କରି ଚାଲିଛି ମୁଁ ,
ସବୁକିଛି ହଜାଇ ଦେଇ;
ଖୋଜିବାର ପରିସମାପ୍ତିରେ।

**ବିଶ୍ୱନାଥ କଲୋନୀ**
**ଜଟଣୀ**

# ଶୀତରେ

**କାଳୀପ୍ରସାଦ ମହାପାତ୍ର**

ହେମନ୍ତର ଅନ୍ତେ
ଆସିଛି ଟି ଶୀତ
ଥରାଇ ଥରାଇ
ଦେହ ମନ ହାତ
ତରୁର ପଲ୍ଲବ
ମୁକୁତା ଝରାଇ।
ଘାସଫୁଲ ଚାହେଁ
କଣେଇ କଣେଇ
ବାଟଘାଟ ସବୁ
ଝଲସି ଉଠିଲା
ଶୀତଳ ପବନ
ଉତୁରୁ ବହିଲା।

ଚାଷୀଭାଇ ତାର
ଦାଆ ହାତେ ଧରି
କ୍ଷେତକୁ ବାହାରେ
ଇଷ୍ଟକୁ ସୁମରି
ସୁନାର ଫସଲ
ନେତ୍ରରେ ଦେଖିଇ
ମନ ଉଲ୍ଲାସରେ
ସ୍ୱର୍ଗକୁ ଛୁଅଁଇ।
ଚାଦର କମ୍ବଳ
ଆଦର ବଢ଼ିଲା
ବର୍ଷାତି ନିଜର
ଅବସର ନେଲା

ଥରିଥରି ଆଇ
କମ୍ବଳ ଭିତରେ
ପାକୁଆ ପାଟିରେ
କାହାଣୀ କହେରେ
ମାଆ ସରସ୍ୱତୀ
ବୀଣାକୁ ବଜାଇ
ମର୍ତ୍ତ୍ୟର ଭୂମିକୁ
ଆସନ୍ତି ସେ ଧାଇଁ
ପୁଷ୍ପର ସମ୍ଭାରେ
ସୁନ୍ଦର ଧରଣୀ
ହ୍ରଦରେ ବିହରେ
ସୁନ୍ଦର ତରଣୀ

ମାଘମାସ ଶୀତ
ଦେଇଥାଏ କଷ୍ଟ।
ପନିପରିବାର
ବସିଥାଏ ହାଟ
ଋତୁ ଚାଲିଯାଏ
ତାହାରି ବାଟରେ
ଚିହ୍ନ ରଖିଯାଏ
ସବୁରି ମନରେ।

**ଶିକ୍ଷକ,**
**ବନ୍ଧୁଗାଁ, କୋରାପୁଟ**



ମିଥ୍ୟା ଅତି ବିପଦଜନକ, କାରଣ ସେ ଭାଗ୍ୟବାନଙ୍କୁ ଡରେ ନାହିଁ, ମନୁଷ୍ୟକୁ ଡରେ।

## ଆଉଛେ ଶିତ ମାସ

**ଅର୍ଜୁନ ମେହେର (ଆଶ୍ରିତ )**

ବୁରୋ ଗଛକେ ମାଏଲି ଲେଦା
ବୁରୋ ପଡ଼ି ତଲେ ହେଇଛେ ଗଦା
ଖାଏବ ବଏଲେ ଆସ
ନୁନ ମିରଚା ଲେସୁନ ବଟା
ମନକେ କର ଖାଇ ପରଛା
ଆଉଛେ ଶିତ ମାସ ?
ଶୁଖୁଆ ଭଜାକେ ବଡ଼ା ବତର
ଟିକେ ଟିକେ ପଡ଼ି ଥିଲେ କାକର
ଉସୁମ ଉସୁମ ଭାତ
ଦରସିଝା ଥିବା ବଗରା ଡାଲି
ଖଁସରି ନାଇଁ ଯାଏ କଁସାର ଥାଲି
ଯାଉ ଥିବାନ ହାଁତ ?
ଖେତ ନଲିଆର ଶୁଖାଲା ଝୁରି
ଜତନେ ରଖିଛେ କେଉଁଟେନ ବଡ଼ି
ଆନି ଆଗା ଦୁଇ ଖେଜା
ଖରା ଦିନିଆ କେ ପଖାଲ ଭାତ
ଆଗତୁରା ସଜ କରଲୋ ମିତ
ପଛନ୍ତେ ପାଏବୁ ମଜା ?
ଗଛ ଭରତେଲ ଆତ ବଢ଼େଲ
ତୁଲି ଆନି ରଖିଥାଉଁ ମକର
ଦରପଚା ଥିଲା ବେଲେ
ଘୁମା କୁଠେଲ ରେ ପୁଆଲ ଦେଇ
ମଝିରେ ରଖିଥା ସଜେଇ ଥୁଇ
ମିଠା ଜାନିବୁ ପାଚିଲେ ?
ଶିଲ ଶିଲିପାର ପିଠାଉ ବଟା
ଜାଡ଼ରେ ବତର ପୁଡ଼ାଲା ପିଠା
ନଡ଼ିଆ ମୁଗଫଲି ଦେଇ
ସକାଲୁ ଉଠି କରିପକା କାଠି
ବସି ଉମେହିର ଚାରହି କୁଡି
ପେଟେ ପକାନ ଖାଇ ?

**ଗୌଡ଼ପାଲି, ବୁର୍ଲା**
**୯୪୩୭୨୫୪୯୭୩**

## ସତ୍ୟ ଅନ୍ୱେଷଣେ

**ଭାରତୀ ଭୂଷଣ ଦାସ**

ବିନ୍ଦୁରୁ ଆରମ୍ଭ.........ବିନ୍ଦୁରେ ଶେଷ
ଏଇତ, ଜୀବ ପରମର ପରିଭାଷ
ଅଭେଦ୍ୟ ସଂପର୍କ
ଜୀବନର ପ୍ରତିଟି ଅଙ୍ଗରେ........
ସକାଳରୁ ସଞ୍ଜ........ସଞ୍ଜରୁ ସକାଳ
ପରମ ତୃପ୍ତତା... ସାଂସାରିକ ବନ୍ଧନରେ
ବଞ୍ଚିବାର ଜିଜ୍ଞାସା
ଏନ୍ତୁଡି ଶାଳରୁ ଆରମ୍ଭ ନିଆଁରେ
ମାଆର ଅନାବିଳ ମମତା
ସନ୍ତାନର ଅଭିମାନରେ
ଯନ୍ତ୍ରଣାକୁ ଭୁଲିଯାଇ
ଅବ୍ୟକ୍ତ ହୃଦୟର ସ୍ପନ୍ଦନରେ
ଭରିଦିଏ ସବୁ ସ୍ନେହ
ଢାଳିଦିଏ ମମତାର ଚୁମ୍ବନ
କେତେ ଆଶା......କେତେ ସ୍ୱପ୍ନ ନେଇ
ସତେ ଯେମିତି ସକାଳର ରକ୍ତିମ ଆଭାରେ
ଉଦଭାସିତ ସୂରୁଯର ଫଗୁ କେଇ ମୁଠା
ଅଜାଡି ଯାଇଛି ଫରୁଆରୁ........
କିନ୍ତୁ, ନଇଁ ଆସେ ଦିନ
ସଞ୍ଜ ଆସେ ଛପି ଛପି
ସରିଯାଏ ଜୀବନର ଦାନ
ଡାକଶୁଭେ ଗହୀର ବିଲରୁ
ବିଲୁଆର ହୁ କେ ହୋ ରଡି
ଗାଁ ମୁଣ୍ଡ ମଶାଣିରୁ
ଏକ ଧୂମାଳ କୁଣ୍ଡଳୀର ଚକ୍ରବ୍ୟୁହ
ସତେ ଯେପରି
ଏକ ଆହତ ନିଆଁ
ସତ୍ୟ ଅନ୍ୱେଷଣେ........ ? ?

ଅଧ୍ୟାପକ, ପିପିଲି ମହାବିଦ୍ୟାଳୟ
ମୋ:୯୪୩୭୩୦୬୦୬୬

## ଅବଳା

**ଆରତି ମଞ୍ଜରୀ ଦାଶ**

କିଏ କହେ ତୁମେ ଅବଳା
ବିଧାତା କରୁଣା ବଳେ
ଧୈର୍ଯ୍ୟ ଅଚଳ ସମାହିତ ତୁମଠାରେ
ବିପୁଳ ଓଜ ଧାରିଣୀ
ତୁମେ ଧାତ୍ରୀ ଜନନୀ ଜଙ୍ଗମ୍ୟା ।
ପ୍ରେମ ଫଲ୍‌ଗୁର ଆଧାର ତମେ
ସ୍ୱଭାବେ ଲଳିତଗୁଣା
ମଧୁ ଆଚରଣେ ମଧୁ ବାଙ୍ମୟ
ଢ଼ାଳିପାର ସଦା ସାନ୍ତ୍ୱନା
ତୁମେ ତ ଜନନୀ ଜଙ୍ଗମ୍ୟା ।
ସରଳ ହୃଦୟେ ଦାୟିତ୍ୱର ବୋଝ
କର୍ତ୍ତବ୍ୟର ଗାଢ଼ ଦୃଢ଼ତା
ମୁଖ ମଣ୍ଡଳରେ ଦ୍ୟୁତି ଅନୁକମ୍ପା
ତୀବ୍ର ସୃଜନ ଆକାଂକ୍ଷା,
ତମେ ତ ଜନନୀ ଜଙ୍ଗମ୍ୟା ।
କେବେ ମୁଗ୍ଧା କନ୍ୟକା ଅନୂଢା
କେବେ ପ୍ରଣୟାତୁରା ପ୍ରିୟଲଗ୍ନା
କେବେ ବିରହାକ୍ରାନ୍ତା ଅଧୀରା
କେବେ ସନ୍ତାନୋତ୍ସଙ୍ଗା ପରିପୂର୍ଣ୍ଣା।
ଜନନୀ ଜଙ୍ଗମ୍ୟା ।
ନୁହଁ ନୁହଁ ତୁମେ ଅବଳା ଦୁର୍ବଳା
ଅବା ଉପଦ୍ରବ ଗମ୍ୟା
ତୁମେ ଯେ ଜନନୀ ଜଙ୍ଗମ୍ୟା। ।

**ଅବସର ପ୍ରାପ୍ତ ପ୍ରଧାନଶିକ୍ଷିକା**
**ଗୁରୁଜଙ୍ଗ, ଖୋରଧା**

# ବିଶ୍ୱାସ ଅବିଶ୍ୱାସ



ଜ୍ୟୋତିପ୍ରଭା ପଟ୍ଟନାୟକ

ବିଶ୍ୱାସେ ମିଳନ୍ତି ହରି ତର୍କେ ବହୁଦୂର। ଏ କଥା ସମସ୍ତେ ଜାଣନ୍ତି। ଆମ ସମାଜରେ ଆମେ ଜଣେ ଆଉ ଜଣକୁ ବିଶ୍ୱାସ କରି ଚଳନ୍ତି। ବେଳେ ବେଳେ ଯେ ବିଶ୍ୱାସରେ ବିଷ ମିଳେ ଏ କଥା ବି ଠିକ। କିନ୍ତୁ ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ବହିଯାଏ। ଆଉ କିଛି କରି ହୁଏନି।ସେହିପରି ଆଜିର ଯୁବ ସମାଜ ଅତି ବିଶ୍ୱାସର ବଶବର୍ତ୍ତୀ ହୋଇ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ମଫସଲ ଗାଁର ଝିଅଟିଏ। ମାଟ୍ରିକ ପାସ ପରେ ଏଇ ନିକଟବର୍ତ୍ତୀ କଲେଜରେ ନାଁ ଲେଖେଇଛି। ବାପାମାଙ୍କର କେତେ ଆଶା। ଝିଅଟିଏ ହେଲେ କଣ ହେଲା, ପାଠ ଦି ଅକ୍ଷର ପଢେଇଥିଲେ ତାଙ୍କର ଦୁଃଖ ଯିବ। ଝିଅଟି ବି ଭାରି ଗୁଣର। ହେଲେ କଣ ହେବ, ଶିଖ ଶିଖ ସାଇ ପଡ଼ୋଶୀଠୁ ଶିଖ ଭଳି ସେ ମଧ୍ୟ ତା ପାଖରେ ରଖିଛି ଏକ କାନକୁହା ଯନ୍ତ୍ର। ଏଥିରୁ ଖଣ୍ଡିଏ ପାଖରେ ନଥିଲେ ସାଙ୍ଗମାନଙ୍କ ପାଖରେ ସେ ଲୋକହସା ହେବ ସିନା। ଥରେ ତା' ଫୋନକୁ ଏକ ମିସକଲ ଆସିଲା। କୌତୁହଳ ବଶତଃ ସେ ଫୋନଟିକୁ ଉଠାଇଲା। ସେପଟେ ଜଣେ ଯୁବକର ସ୍ୱର। ଅଜଣା ନମ୍ବରରେ କଥା ହେବାକୁ ଘରେ ମନା କରିଥିଲେ। ହେଲେ ପିଲାମନ। ଭାବିଲା, ଦେଖିବା କିଏ ଫୋନ କରିଛି। କାଳେ କିଏ ଚିହ୍ନା ହୋଇଥିବ। ଏକଥା ମନରେ ଭାବି ସେ ମଧ୍ୟ ହାଲୋ କହିଲା। ବୟସ ଦୃଷ୍ଟିରୁ ଫୋନରେ କଥା ହୋଇ ମଜା ଲାଗିଲା। ଧୀରେ ଧୀରେ ସେମାନଙ୍କ ଭିତରେ କଥାବାର୍ତ୍ତା ବଢ଼ିଲା ପରିବାରର ଅଜାଣତରେ।

ଘଣ୍ଟା ଘଣ୍ଟା ଗପିଲେ। ଗପୁଗପୁ କଥା ଦିଆନିଆ ଓ ଦେଖା ସାକ୍ଷାତ ହେବାର ପ୍ରତିଶ୍ରୁତି। ତା'ପରେ ସେ ପ୍ରେମ ରୂପକ ଜାଲରେ ପଡି ବାହାନାକରି ଘରୁ କୁଆଡେ ଚାଲିଗଲା ସେ ପିଲା ସାଙ୍ଗରେ।ଘରେ ଏକଥାର ଟେର କେହି ବି ପାଇଲେନି। ମାତ୍ର କେତେ ଦିନର ସମ୍ପର୍କରେ ଅତି ନିଜର ହୋଇଗଲା ସେ ଯୁବକ ଜଣକ।ତାପରେ ଯାହା ହେବାକଥା। ବିବାହର ପ୍ରତିଶ୍ରୁତି ଦେଇ କେଉଁ ଏକ ସିନ୍ଦୂର ପିନ୍ଧା ପାଷାଣ ପ୍ରତିମା ଆଗରେ ଯୁବକ ଜଣକ ସିନ୍ଦୂର ପିନ୍ଧେଇ ଥିବ। ତା'ପରେ ପ୍ରତାରଣା, ଅବିଶ୍ୱାସ, ଅବାଂଛିତ ଗର୍ଭଧାରଣ, କୁମାରୀମାତୃତ୍ୱ। ଶେଷ ପରିଣତି ବିଚ୍ଛେଦ ଓ ଆତ୍ମହତ୍ୟା କିମ୍ବା ପ୍ରତିଶୋଧ।

ଏଇଟା ତ ଏବେ ଆମ ନିତିଦିନିଆ ଘଟଣା ଏବଂ ଦୁର୍ଘଟଣା। ଏହା କ'ଣ ଆମ ଯୁବକ ଯୁବତୀମାନଙ୍କର ଶିକ୍ଷା। କେବଳ ଯୌନ ଆକାଂକ୍ଷାର ବଶବର୍ତ୍ତୀ ହୋଇ ଆଗପଛ ବିଚାର ନକରି ଏହିପରି କେତେ ଯେ କଳିକା ଆଜି ବୃନ୍ତଚ୍ୟୁତ ତା'ର ହିସାବ ନାହିଁ। ପିତାମାତାଙ୍କର ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପିଲାମାନଙ୍କୁ କେବଳ ସବୁବେଳେ ଗାଳିମାଡ଼ ନଦେଇ ଭଲ ମନ୍ଦ ବିଷୟରେ ସେମାନଙ୍କୁ ବୁଝେଇବା ଦରକାର। ତାଙ୍କର ବୟସ ବଢ଼ିବା ସହିତ ସଙ୍ଗଭଳି ସବୁକଥା ସେମାନଙ୍କ ସହିତ ଆଲୋଚନା କରିବା ଦରକାର। ଏପରି କରିଲେ ପିଲାମାନେ ନିସଙ୍କୋଚରେ ସେମାନଙ୍କ ମନକଥା କହିବେ ଓ କିଛି ଶିଖିବେ ମଧ୍ୟ।

ବିଜ୍ଞାନକୁ ଉପକାରରେ ନ ଲଗାଇ ତା'ର ଦୁରୁପଯୋଗ ଆମେ କରୁଛୁ। ଯେଉଁ କାନକୁହା ଯନ୍ତ୍ର ଏତେ ଦରକାରୀ ତା'କୁ ଆମେ ଏପରି ଘୃଣ୍ୟ କାମରେ ବିନିଯୋଗ କଲେ ପରିଣତି ବିଷମ ନିଶ୍ଚୟ। ତେଣୁ ହେ ମୋର ସୁଧୀବୃନ୍ଦ। ସମାଜକୁ ରକ୍ଷା କରିବା ଆମର ଦାୟିତ୍ୱ। ପିଲାମାନଙ୍କୁ ଠିକ ବାଟରେ ଯିବାପାଇଁ ଉପଯୁକ୍ତ ଶିକ୍ଷା ସଂସ୍କାର ଦିଅନ୍ତୁ। ସେମାନେ ଯେପରି ସୁନାଗରିକ ହେବେ ସେଥିପ୍ରତି ଦୃଷ୍ଟି ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ।

ଖୋର୍ଦ୍ଧା






ଦୁଃଖ ଓ ମନୁଷ୍ୟ - ଏ ଦୁହେଁ ଜନ୍ମରୁ ଯାଆଁଳା ଭାଇ।

# ସବୁଜ ଦିଶିଲା ଧରଣୀରାଣୀ



ପ୍ରକୃତ ବନ୍ଧୁ  ବିଦ୍ୟାଧର ଖଟୁଆ

ଖରାଦିନ ହୋଇଥାଏ। ଭିଷଣ ଗରମ, ଚାରିଆଡ଼େ ଖାଁ ଖାଁ। ନଦୀ, ପୋଖରୀ ସବୁ ଶୁଖିଯାଇଥାଏ। ପାଣି ପାଇଁ ସମସ୍ତେ ତ୍ରାହିତ୍ରାହି ବିକଳ। ଉପରେ ସୂର୍ଯ୍ୟଙ୍କ ଉତ୍ତପ୍ତ କିରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଥାଏ। ଉତ୍ତପ୍ତ ଦକ୍ଷିଣା ପବନ ପରିବେଶକୁ ଆହୁରି ଗମ୍ଭୀର କରିପକାଉଥାଏ। ପଶୁପକ୍ଷୀମାନେ ପ୍ରାଣ ବିକଳରେ ପାଣି ପାଇଁ ଛଟପଟ ହେଉଥାନ୍ତି। ଏତିକି ବେଳେ ବାଟୋଇଟି ହାଲିଆ ହୋଇ ରାସ୍ତା କଡ଼ରେ ଥିବା ଏକ ପୁରୁଣା ବରଗଛ ତଳେ ଥକାମାରି ବସିପଡ଼ିଲା। ଶୋଷରେ ତା' ପାଟି ଓଠ ଅଠା ହୋଇଯାଉଥାଏ। ଦେହ ଝିମ୍‌ଝିମ୍ ହୋଇଯାଉଥାଏ। ପାଣି ମୁନ୍ଦେ ନ ପାଇ ଶେଷରେ ମୁର୍ଚ୍ଛା ହୋଇପଡ଼ିଲା।

ଠିକ୍ ସେତିକିବେଳେ ସେହି ବାଟ ଦେଇ କିଛି ସ୍କୁଲ ପିଲା ସମାଜରେ ଘରକୁ ଫେରୁଥାନ୍ତି। ବାଟୋଇଟିର ଏ ଅବସ୍ଥା ଦେଖି ସେମାନଙ୍କ ମନରେ ଦୟା ହେଲା ଏବଂ ସେମାନେ ସାଇକେଲରୁ ଓହ୍ଲାଇ ତା'ର ସେବା କଲେ। ପାଖରେ ଥିବା ପାଣି ବୋତଲକୁ ପାଣି ପିଇବାକୁ ଦେଲେ। ଚେତା ଫେରିପାଇ ବାଟୋଇଟି ନିଜକୁ ଆଶ୍ୱସ୍ତି ମନେକଲା ଏବଂ ପିଲାମାନଙ୍କୁ ଧନ୍ୟବାଦ ଦେଲା।

ପିଲାମାନେ କହିଲେ, "ମଉସା ତୁମେ ଖରାବେଳଟାରେ କାହିଁକି ପଦାକୁ ବାହାରୁଛ। ଆମେ ଯଦି ଏବେ ଆସିନଥାନ୍ତୁ, ତାହେଲେ ତୁମର ଅବସ୍ଥା ଯେ କ'ଣ ନ ହୋଇଥାନ୍ତା। ବୁଢ଼ା କହିଲା "ହଁ ରେ ପିଲେ, ତୁମେ ଠିକ୍ କହୁ, ତୁମେମାନେ ଆସି ନଥିଲେ ମୁଁ ହୁଏତ ମରିଯାଇଥାନ୍ତି। ହଉ ପ୍ରଭୁ ତୁମମାନଙ୍କର ମଙ୍ଗଳ କରନ୍ତୁ।

ପିଲାମାନେ, ଆଜି ଏଇ ଯେଉଁ ଅବସ୍ଥା ହେଉଛି ସେଥିପାଇଁ ଆମ୍ଭେମାନେ ଦାୟୀ। ଆମେ ତ ନିଜ ଗୋଡ଼ରେ ନିଜେ କୁରାଢ଼ୀ ମାରିଛୁ। ତା'ର ଫଳ ଆମେ ଭୋଗିବୁ ନାହିଁତ ଆଉ କିଏ ଭୋଗିବ। ଏଇ ଯେଉଁ ଟାଙ୍ଗରା ଭୂଇଁ ଦେଖୁଛ ସେଠି ଦିନେ ବିରାଟ ଘଞ୍ଚ ଜଙ୍ଗଲ ଥିଲା। ଜଙ୍ଗଲକୁ ଦେଖିଲେ ମନ ଖୁସିରେ ଭରି ଯାଉଥିଲା। ଜଙ୍ଗଲ ଆମର ମାଆ ଥିଲା। ତା' ଯୋଗୁଁ ଆମେ ସମସ୍ତେ ଉପକୃତ ହେଉଥିଲୁ। ଫୁଲ, ଫଳ, ସେ ଜଙ୍ଗଲ ଭରିଯାଉଥିଲା। ମହୁ, ଲାଖ, ଝୁଣା, ହରିଡ଼ା, ବାହାଡ଼ା, ଅଁଳା ଆଦି ସବୁ ଜଙ୍ଗଲରୁ ମିଳୁଥିଲା। ଜାଳେଣି କାଠର ଅଭାବ ନଥିଲା। ନିୟମିତ ବର୍ଷା ହେଉଥିଲା। କୃଷକମାନେ ଶସ୍ୟ ଶ୍ୟାମଳରେ ଏ ମାଟି ମାଆକୁ ସଜାଉଥିଲେ। ହେଲେ ଆଜି ସେସବୁ ଦେଖିବାକୁ ସାତ ସପନ। ଏଇ ଆଖି ଦେଖିଛି ସେଦିନର ସେହି ସବୁଜ ରଙ୍ଗର ଶାଢୀ ପିନ୍ଧା ଧରଣୀ ରାଣୀକୁ। କେତେ ସୁନ୍ଦର ସେ ଦିଶୁଥିଲା। କବି ଓ ଭାବୁକମାନଙ୍କ ମନକୁ ବିମୋହିତ କରି ସୁନ୍ଦର ରଚନାମାନ ସୃଷ୍ଟି କରୁଥିଲା। ଶିଳ୍ପୀର କାନଭାସରେ ରଙ୍ଗର ପସରା ମେଲି ଦେବାରେ ସହାୟକ ହେଉଥିଲା। ବିହଙ୍ଗମାନଙ୍କ କିଚିରି ମିଚିରି ଶବ୍ଦରେ ମନ ଆନନ୍ଦରେ ଭରିଯାଉଥିଲା। ସେ ଦିନ ଓ ଆଜି ଭାବିଲା ବେଳକୁ ଆକାଶପାତାଳ ଭଳି ଲାଗୁଛି। କେତେକ ମୁଷ୍ଟିମେୟ ଲୋକଙ୍କ ପ୍ରରୋଚନା ଦ୍ୱାରା ପ୍ରଲୋଭିତ ହୋଇ ଆମ୍ଭେମାନେ ନିଜ ହାତରେ ଏହାକୁ ଧ୍ୱଂସ କରିଦେଇଛୁ। ସେଦିନ ଯେଉଁ ଭୂଲ ଆମେ କରିଛୁ, ତାହାର ପୁନରାବୃତ୍ତି କରିବାକୁ ଆମେ ଆଉ ଦେବୁ ନାହିଁ। ଆମେ ଏହାର ପ୍ରାୟଶ୍ଚିତ କରିବୁ।"

ପିଲାମାନେ କହିଲେ, "ତୁମେ ଠିକ୍ କହିଛ। ତୁମେ ତୁମର ଭୁଲ ବୁଝିପାରିଛ। ମଣିଷ ଆଜି ମନଇଚ୍ଛା ଗଛ କାଟିବାରେ ଲାଗିଛି। ଯଦି ଏହିଭଳି ଲାଗିରହେ ତାହେଲେ ଏ ମାନବ ସମାଜ ଆଗାମୀ ଦିନରେ ରହିବ ନ ରହିବ କିଏ ବା କହିବ।"

ବୁଢା କହିଲା, "ହଁ ରେ ପିଲେ ଯଦି ଗଛ କଟା ବନ୍ଦ ନ ହେବ ତାହେଲେ ଏ ପୃଥିବୀ ନିଶ୍ଚୟ ଧ୍ୱଂସ ହୋଇଯିବ। ତେଣୁ ଏଥିପ୍ରତି କି ପ୍ରତିକାର ବ୍ୟବସ୍ଥା କଲେ ଏହା ବନ୍ଦ ହୋଇପାରିବ, ତୁମେମାନେ କୁହ। ମୁଁ ଏ ପଞ୍ଚାୟତରେ ସରପଞ୍ଚ । ମୋ' ଦ୍ୱାରା ଯାହା ସମ୍ଭବ ତାହା ମୁଁ କରିପାରିବି ।"

ପିଲାମାନେ କହିଲେ, "ଠିକ୍ ଅଛି ତୁମେ ଆସନ୍ତା କାଲି ଆମ ବିଦ୍ୟାଳୟକୁ ଆସ, ଆମ ପ୍ରଧାନ ଶିକ୍ଷକ ଓ ଶିକ୍ଷକମାନଙ୍କ ସହିତ ଆଲୋଚନା କରି ଯାହା ଗୋଟେ ବାଟ ବାହାର କରିବା।"

ତହିଁ ଆରଦିନ ସରପଞ୍ଚ ବାବୁ ବିଦ୍ୟାଳୟରେ ପହଞ୍ଚି ଏ ବିଷୟରେ ପ୍ରଧାନଶିକ୍ଷକଙ୍କ ସହିତ ଆଲୋଚନା କଲେ। ଲୋକମାନଙ୍କୁ ଗଛ ନ କାଟିବା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ସଚେତନା ରାଲି, ପଥପ୍ରାନ୍ତ ନାଟକ, ପ୍ରାଚୀରପତ୍ର ଆବଣ୍ଟନ କାର୍ଯ୍ୟ ଆଦି ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକଶିକ୍ଷୟତ୍ରୀମାନଙ୍କ ଦ୍ୱାରା କରାଇଲେ। ପ୍ରତି ଗାଁରେ ଜଙ୍ଗଲ ସୁରକ୍ଷା ସମିତି ଗଠନ କରି ସରପଞ୍ଚ ବାବୁ ବନମହୋତ୍ସବ ସପ୍ତାହରେ ଗାଁ ପାଖରେ ଥିବା ଟାଙ୍ଗରା ଭୂଇଁରେ ଶତାଧିକ ବିଭିନ୍ନ କିସମର ଚାରା ରୋପଣ କରିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ବ୍ୟକ୍ତି, ବିଶେଷ କରି ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀ ଓ ବୁଦ୍ଧିଜିବୀମାନେ ଅଂଶ ଗ୍ରହଣ କଲେ। ଏହାର କିଛିଦିନ ପରେ ପଡିଆ ପଡ଼ିଥିବା ଟାଙ୍ଗରା ଭୂଇଁ ସବୁଜ ବନାନୀରେ ଭରିଗଲା। ପୂର୍ବରୁ ସେହି ଦୃଶ୍ୟରାଜି ପୁଣି ଲୋକମାନଙ୍କ ନୟନରେ ଅପୂର୍ବ ଆନନ୍ଦ ଭରିଦେଲା। ସରପଞ୍ଚ ବାବୁଙ୍କୁ ସରକାରଙ୍କ ତରଫରୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରିବା ସହିତ ସେହି ବିଦ୍ୟାଳୟକୁ ରାଜ୍ୟପାଳଙ୍କ ତରଫରୁ ଶ୍ରେଷ୍ଠ ବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଗଲା। ସରପଞ୍ଚ ବାବୁ ଖୁସିରେ ଆତ୍ମହରାହୋଇ ସର୍ବଦା ଗାଇବୁଲିଲେ-

ଗଛରେ ଗଛ ତୁ ଏମିତି ଗଛ
ତୋ ବିନା ଲାଗଇ ଜୀବନ ତୁଚ୍ଛ
ତୁ ଥିଲେ ଆମର ନଥାଏ ଡର
ମିଳିଯାଏ ଖାଦ୍ୟ, ବାସ ଓ ଘର
ନକାଟିବୁ ତୋତେ ଆଉ ଜୀବନେ
ଶପଥ କରୁଛୁ ଆଜିର ଦିନେ।

ସହକାରୀ ଶିକ୍ଷକ
ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ, ରଘୁବାଙ୍କୀ, କଟକ
ମୋ-୯୯୩୮୦୫୧୨୪୩

# ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ସ୍ୱାମୀ ବିବେକାନନ୍ଦ



ତଥ୍ୟ ସଂଗ୍ରହକାରୀ : ରାମଶଙ୍କର

## ନେତାଜୀ ସୁଭାଷ ଚନ୍ଦ୍ର ବୋଷ

ଜାନକୀନାଥ ବୋଷ ଓ ପ୍ରଭାବତୀ ବୋଷଙ୍କ ୧୩ଟି ସନ୍ତାନ ସନ୍ତତି ମଧ୍ୟରୁ ନବମ ସନ୍ତାନ ଓ ଷଷ୍ଠ ପୁତ୍ର ରୂପେ ସୁଭାଷ ଚନ୍ଦ୍ର ବୋଷ ୨୩ ଜାନୁଆରୀ ୧୮୯୭ ରେ ଆମ ରାଜ୍ୟର କଟକ ସହରରେ ଜନ୍ମ ଗ୍ରହଣ କରିଥିଲେ। କଟକର ମିସନ୍ ସ୍କୁଲ, କଲିକତାର ପ୍ରେସିଡେନ୍ସି କଲେଜ ଓ ସ୍କଟିସ୍ ଚର୍ଚ୍ଚ କଲେଜରେ ଅଧ୍ୟୟନ ସାରି ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ନିମନ୍ତେ ୧୯୧୯ ରେ ଲଣ୍ଡନ ଗଲେ। ମାତ୍ର ବେଙ୍ଗଲ ରାଜନୀତିର ତୁଙ୍ଗ ନେତା ତଥା ବିଖ୍ୟାତ ଓକିଲ ଚିତ୍ତ ରଞ୍ଜନ ଦାସଙ୍କ ଦ୍ୱାରା ପ୍ରେରିତ ହୋଇ ୧୯୨୧ରେ ଭାରତ ଫେରିଆସି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଲେ। ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ଭାରତୀୟ ଜାତୀୟ କଂଗ୍ରେସ ଦଳରେ ସାମିଲ ହେଲେ। ୧୯୩୮ ରେ ଜାତୀୟ କଂଗେସର ସର୍ବ ଭାରତୀୟ ସଭାପତି ଆସନ ଅଳଙ୍କୃତ କରିଥିଲେ। ସାମ୍ରାଜ୍ୟବାଦ ବିରୋଧି ଆନ୍ଦୋଳନକୁ ବ୍ୟାପକ କରିବା ସହିତ ଭାରତର ରାଜନୈତିକ ସ୍ୱାଧୀନତା ହାସଲ ଓ ସମାଜବାଦୀ ବ୍ୟବସ୍ଥା ପ୍ରଚଳନ କରିବା ମତରେ ସେ ଅଟଳ ରହିବାରୁ କଂଗ୍ରେସ ଦଳରୁ ବାହାରି ଆସି ୨୨ଜୁନ୍ ୧୯୩୯ ରେ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ନାମକ ରାଜନୈତିକ ଦଳ ପ୍ରତିଷ୍ଠା କଲେ।

ସେ 'ସ୍ୱରାଜ' ନାମକ ଏକ ସମ୍ବାଦପତ୍ର ପ୍ରକାଶ କରିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମକୁ ନେଇ 'ଦି ଇଣ୍ଡିଆନ୍ ଷ୍ଟ୍ରଗଲ' ନାମକ ଏକ ପୁସ୍ତକ ରଚନା କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସରକାର ତାଙ୍କୁ ତାଙ୍କର କଲିକତା ସ୍ଥିତ ବାସଭବନରେ କଡା ନଜର ମଧ୍ୟରେ ରଖିଥିବା ସତ୍ତ୍ୱେ ୧୬ ଜାନୁଆରୀ ୧୯୪୧ ରେ ସୁଭାଷ ବୋଷ ବ୍ରିଟିଶ ଗୁଇନ୍ଦା ପୋଲିସଙ୍କୁ ଚକ୍‌ମା ଦେଇ ଆଫଗାନିସ୍ଥାନ ଓ ସୋଭିୟତ ରୁଷିଆ ଦେଇ ଜର୍ମାନୀ ପଳାଇଲେ। ଜର୍ମାନ ଶାସକ ମୁଖ୍ୟ ଆଡଲଫ ହିଟଲରଙ୍କ ସହାୟତାରେ 'ଆଜାଦ୍ ହିନ୍ଦ୍ ରେଡ଼ିଓ' ସ୍ଥାପନ କଲେ। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ପରାଜିତ ହୋଇ ବନ୍ଦୀ ହୋଇଥିବା ବ୍ରିଟିଶ ସୈନ୍ୟମାନଙ୍କ ମଧ୍ୟରୁ ପ୍ରାୟ ୪୫୦୦ ଭାରତୀୟ ସୈନ୍ୟଙ୍କୁ ନେଇ ସୁଭାଷ ବୋଷ "ଆଜାଦ୍ ହିନ୍ଦ୍ ଫୌଜ-Indian National Army ଗଠନ କଲେ। ୬ ଜୁଲାଇ ୧୯୪୪ ରେ ସିଙ୍ଗାପୁର ସ୍ଥିତ ଆଜାଦ୍ ହିନ୍ଦ୍ ରେଡ଼ିଓ' ଜରିଆରେ ସୁଭାଷ ବୋଷ ମହାତ୍ମା ଗାନ୍ଧୀଙ୍କୁ 'ରାଷ୍ଟ୍ର ପିତା'ରୂପେ ସମ୍ବୋଧନ କରି ତାଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ମାତ୍ର ଜାପାନ ଯୁଦ୍ଧରେ ହାରିଗଲା ପରେ ଏହାର ପ୍ରଭାବରେ ଆଜାଦ୍ ହିନ୍ଦ୍ ଫୌଜର କାର୍ଯ୍ୟକଳାପ ବନ୍ଦ ହୋଇଗଲା। ୧୮ ଅଗଷ୍ଟ ୧୯୪୫ ରେ ଏକ ଉଡ଼ାଜାହାଜ ଦୁର୍ଘଟଣାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ମୃତ୍ୟୁ ହୋଇଥିଲା ବୋଲି ଐତିହାସିକମାନେ ମତ ରଖିଛନ୍ତି। ୧୯୪୨ ରେ ତାଙ୍କର ଜର୍ମାନ ଗସ୍ତ ସମୟରେ ଆଜାଦ୍ ହିନ୍ଦ୍ ଫୌଜର ସୈନିକମାନେ ତାଙ୍କୁ 'ନେତାଜୀ' ବୋଲି ସମ୍ବୋଦନ କରି ସମ୍ମାନିତ କରିଥିଲେ।

## ସ୍ୱାମୀ ବିବେକାନନ୍ଦ

କଲିକତାର ଗୌରମୋହନ ମୁଖାର୍ଜୀ ଷ୍ଟ୍ରିଟର ପୈତୃକ ବାସଭବନରେ ୧୨ ଜାନୁଆରୀ ୧୮୬୩ ମସିହାରେ ଜନ୍ମ ଗ୍ରହଣ କରିଥିବା ଶିଶୁର ପିତାମାତା ନାମ ରଖିଥିଲେ ନରେନ୍ଦ୍ରନାଥ ଦତ୍ତ। ସେ ନବମ ସନ୍ତାନ ଥିଲେ। ପିତା ବିଶ୍ୱନାଥ ଦତ୍ତ କଲିକତା ଉଚ୍ଚ ନ୍ୟାୟାଳୟରେ ଆଟର୍ଣ୍ଣି ଥିଲେ। ମାତା ଭୁବନେଶ୍ୱରୀ ଦେବୀଙ୍କ ଧାର୍ମିକ ଓ ପିତାଙ୍କ ପ୍ରଗତିଶୀଳ ଜୀବନଶୈଳୀର ପ୍ରଭାବ ନରେନ୍ଦ୍ରଙ୍କୁ ପ୍ରଭାବିତ କରିଥିଲା। ବେଦ, ବେଦାନ୍ତ, ଉପନିଷଦ, ଭାଗବତ ଗୀତା, ରାମାୟଣ, ମହାଭାରତ, ପୁରାଣ ଶାସ୍ତ୍ର ସହିତ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନ ଉପରେ ନରେନ୍ଦ୍ରଙ୍କର ଗଭୀର ଦଖଲ ଥିଲା। କଲିକତାସ୍ଥିତ ପ୍ରେସିଡେନ୍ସି କଲେଜରୁ ୧୮୮୪ ମସିହାରେ ଫାଇନ୍ ଆର୍ଟସରେ ବ୍ୟାଚଲେର ଡିଗ୍ରୀ ହାସଲ କରିଥିଲେ। ୟୁରୋପର ଅନେକ ପ୍ରତିଷ୍ଠିତ ବ୍ୟକ୍ତି ନରେନ୍ଦ୍ରଙ୍କର ପୁସ୍ତକ ଅଧ୍ୟୟନ କରିବାର ସମୟ ସୀମା ଓ ସ୍ମୃତି ଶକ୍ତିରେ ଅଭିଭୂତ ହୋଇ ପଡ଼ିଥିଲେ। ରାଜା ରାମମୋହନ ରାୟଙ୍କ ଦ୍ୱାରା ସ୍ଥାପିତ 'ବ୍ରାହ୍ମ ସମାଜ'ରେ ଯୋଗ ଦେବା ଯୋଗୁ ନରେନ୍ଦ୍ରଙ୍କ ଚିନ୍ତାଧାରାର ମୂଳଦୁଆ ପଡିଥିଲା। ଆଧାତ୍ମିକ ଗୁରୁ ରାମକୃଷ୍ଣଙ୍କୁ ସାକ୍ଷାତ ପରେ ନରେନ୍ଦ୍ରଙ୍କ ଜୀବନ ନୂଆ ମୋଡ ନେଲା।

୩୧ ମେ ୧୮୯୩ ମସିହାରେ ନରେନ୍ଦ୍ର ନିଜକୁ ବିବେକାନନ୍ଦ ନାମରେ ବମ୍ବେ ବନ୍ଦର ଦେଇ ଚିକାଗୋ ସହର ଅଭିମୁଖେ ବାହାରିଲେ। ଜାପାନର ବିଭିନ୍ନ ସହର, ଚାଇନା, କାନାଡାଦେଇ ଚିକାଗୋର ଆୟୋଜିତ 'ବିଶ୍ୱ ଧର୍ମ ସଂସଦ'ରେ ଯୋଗ ଦେଇଥିଲେ। ୧୧ ସେପ୍ଟେମ୍ବର ୧୮୯୩ ରେ 'ଧର୍ମ ସଂସଦ'ରେ ତାଙ୍କର ପ୍ରଥମ ସମ୍ବୋଧନ "ମୋର ପ୍ରିୟ ଭାଇ ଓ ଭଉଣୀ" ଯେତିକି ହୃଦୟସ୍ପର୍ଶୀ ଥିଲା ତାଙ୍କର ସାର ଗର୍ଭକ ଭାଷଣ ସରିଲା ପରେ ଶ୍ରୋତାମାନଙ୍କ କରତାଳିରେ ସଂସଦ କକ୍ଷଟି ପ୍ରକମ୍ପିତ ହେବାକୁ ଲାଗିଲା।

'କର୍ମଯୋଗ'କୁ ଆଧାର କରି ସାମାଜିକ କ୍ଷେତ୍ରରେ ଗରିବ ଓ ଅସହାୟ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ୧ ମେ ୧୮୯୭ରେ କଲିକତାରେ 'ରାମକୃଷ୍ଣ ମିଶନ' ସ୍ଥାପନ କରିଥିଲେ। ତାଙ୍କର ଗୋଟିଏ ଆହ୍ୱାନ ବିଶ୍ୱ ବିଦିତ – "ଉଠ ଜାଗ ଏବଂ ଲକ୍ଷ୍ୟ ସ୍ଥଳରେ ନ ପହଞ୍ଚିବା ପର୍ଯ୍ୟନ୍ତ ରହି ଯାଅ ନାହିଁ"। ଅବିବାହିତ ଥାଇ ମାତ୍ର ୩୯ ବୟସରେ ୪ ଜୁଲାଇ ୧୯୦୨ ମସିହାରେ ବିବେକାନନ୍ଦଙ୍କର ତିରୋଧାନ ହୋଇଥିଲା। ତାଙ୍କ ଜନ୍ମ ତାରିଖ ୧୨ ଜାନୁଆରୀକୁ ଆମ ଦେଶରେ 'ଜାତୀୟ ଯୁବ ଦିବସ' ରୂପେ ପାଳନ କରାଯାଉଥିବା ବେଳେ ୧୧ ସେପ୍ଟେମ୍ବରକୁ 'ବିଶ୍ୱ ଭ୍ରାତୃତ୍ୱ ଦିବସ' ରୂପେ ପାଳନ କରାଯାଉଅଛି।

ମୋ-୯୩୩୭୬୨୧୪୫୫

# ପୁଅବୋହୂ



ତ୍ରିଲୋଚନ ମହାପାତ୍ର

ମାନସବାବୁ ଅଫିସରୁ ଫେରିବାବେଳେ ପ୍ରତିଦିନ ପରି ମୌସୁମୀଙ୍କୁ ତାଙ୍କ ଅଫିସରୁ ଆଣି ଆସିଲେ। ମୌସୁମୀ କହିଲେ – ବୋଉ ଫୋନ କରିଥିଲେ। ବାପାଙ୍କ ଦେହ ଖରାପ । କାଲି ତାଙ୍କୁ ଡାକ୍ତର ଦେଖାଇଥିଲେ, ଔଷଧ ଖାଇ ଟିକେ ଭଲ ଅଛନ୍ତି। କ'ଣ କରିବା ?

ମାନସବାବୁ କହିଲେ – ସୁମି ଆମେ ଏତେ ବର୍ଷ ଧରି ଚାକିରି କଲେ। ବ୍ୟାଙ୍କ ବାଲାନ୍ସ ଯଥେଷ୍ଟ ଅଛି। ଗାଁରେ ବି ଜମିବାଡ଼ି ଅଛି। ସୁରୁଖୁରୁରେ ଚଳିପାରିବା। ଏଣିକି ବାପାବୋଉଙ୍କ ଦେହ ଖରାପ ହେବ। ତାଙ୍କର ସେବା ଆମର କର୍ତ୍ତବ୍ୟ। ଆମେ ଏତେ ଦୂରରେ ଅଛେ। ତାଙ୍କ ଅସହାୟ ଲାଗୁଥିବ। ଆମର ସ୍ନେହ, ସେବା ପାଇଲେ ସେ ସୁସ୍ଥ ରହିବେ। ଜାଣିଛ ସୁମି, ଶିଶୁବିଜ୍ଞାନୀ କହନ୍ତି, ଜେଜେ ଜେଜମା, ଅଜା ଆଈଙ୍କ ସ୍ନେହ ଶିଶୁଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ତୁତୁଲ ଆଉ ତିତିଲି ସେମାନଙ୍କ ସ୍ନେହ ପାଇ ପାରିବେ। ମୁଁ ଭାବୁଛି ଆମେ ଗାଁକୁ ଯିବା। ଏକାଠି ରହିଲେ ସମସ୍ତଙ୍କୁ ସୁଖ ଲାଗିବ। କ'ଣ କହୁଛ ?

ମୌସୁମୀ ମାନସବାବୁଙ୍କ ମୁହଁକୁ ଚାହିଁଲେ- ପିଲାଙ୍କ ପାଠ ପଢ଼ା ? ମାନସବାବୁ – ଗାଁରେ ପଢ଼ିବେ। ଆମେ ସେମାନଙ୍କୁ ଦେଖିବା ପରେ ଭଲ କଲେଜରେ ପଢାଇବା। ଆମେ ତ ପୁଣି ଗାଁ ସ୍କୁଲରେ ଆଉ ପାଖ କଲେଜରେ ପଢିଥିଲେ। ପାଠ ପଢି ଦି ପଇସା ରୋଜଗାର କରିବା କଥା। ଗାଁକୁ ଯିବା ନିଷ୍ପତ୍ତି ତମର। ମୁଁ ବାଧ କରୁନି।

ରାତିରେ ମୌସୁମିଙ୍କ ଆଖିକୁ ନିଦ ନାହିଁ। ଏପଟ ସେପଟ ହେଉଥାନ୍ତି।

ମାନସ ବାବୁ କହିଲେ – ସୁମି, ଟେନ୍‌ସନ୍ ନିଅନି। ତମେ ରାଜି ହେଲେ ମୁଁ ଖୁସି। ନହେଲେ ବି ଦୁଃଖ କରିବିନି। ନିଶ୍ଚିନ୍ତରେ ଶୋଇପଡ଼।

ସକାଳେ ଚା କପ୍‌ଟା ମାନସ ବାବୁଙ୍କୁ ଧରାଇ ଦେଇ ମୌସୁମୀ କହିଲେ – ତମେ ଠିକ୍ ନିଷ୍ପତ୍ତି ନେଇଛ। ଆମେ ଗାଁକୁ ଯିବା।

ମାନସବାବୁ ମୌସୁମିଙ୍କୁ ଚାହିଁଲେ। ଏକ ଅପରିମିତ ପ୍ରଶାନ୍ତିରେ ତାଙ୍କ ମୁହଁଟି ଉଜ୍ଜ୍ୱଳ ଦେଖାଯାଉଥାଏ।

ମାନସବାବୁ କହିଲେ – ସୁମି, ତୁମେ ମୋ ମୁଣ୍ଡରୁ ଗୋଟିଏ ବିରାଟ ବୋଝ ଉତାରି ଦେଲ।

ଜଟଣୀ
ମୋ-୯୯୩୮୯୯୪୮୨୨

# ନେବାଠାରୁ ଦେବା ଭଲ



ଗୋବିନ୍ଦ ଚନ୍ଦ୍ର ମହାରଣା

ନିଧିପୁର ଗାଁରେ ଥିଲେ ଦୁଇଜଣ ଶ୍ରମିକ ରଙ୍କନିଧି ଓ ବାଙ୍କନିଧି। ଦୁହେଁ ମୂଲ ମଜୁରୀ ଲାଗି ପରିବାର ଚଳାଉଥିଲେ। ରଙ୍କନିଧି ଜଣେ ଲୋଭୀ ମଣିଷ। କେହି କିଛି ମାଗିଲେ ଦିଏ ନାହିଁ। କିନ୍ତୁ ବାଙ୍କନିଧିର ଲୋଭ ନଥିଲା। ଅନ୍ୟମାନଙ୍କର ଅସୁବିଧା ବେଳେ ସାହାଯ୍ୟ କରେ। ବର୍ଷ ପରେ ବର୍ଷ ବିତିଗଲା। ଦୁହେଁ ବୁଢା ହେଲେ। ଏଥର ସେମାନେ ଜାଣିପାରିଲେ ଯେ ତାଙ୍କର ଶେଷ ସମୟ ଆସିଗଲା। ତେଣୁ ମନପ୍ରାଣ ଲଗାଇ ଈଶ୍ୱରଙ୍କୁ ପ୍ରାର୍ଥନା କଲେ। ସେମାନଙ୍କ ଭକ୍ତିରେ ଭଗବାନ ସନ୍ତୁଷ୍ଟ ହୋଇ ଦେଖାଦେଲେ। ରଙ୍କନିଧିକୁ ଭଗବାନ କହିଲେ, 'ଯାହା ମାଗିବାର ଅଛି ମାଗିନିଅ।' ରଙ୍କନିଧି କହିଲା, 'ପ୍ରଭୁ, ଏଇ ଜୀବନ ଶେଷ ହେବାକୁ ଯାଉଛି। ମୋତେ ଏଇ ବର ଦିଅନ୍ତୁ ଯେ ଆର ଜନ୍ମରେ ମୁଁ କେବଳ ପାଇ ଚାଲିବି। ମୋର କାହାକୁ କିଛି ଦେବାର ନଥିବ।' ଈଶ୍ୱର କହିଲେ, 'ଭଲ ଭାବରେ ଭାବି ଚିନ୍ତି ମାଗ, ପଛରେ ଯେମିତି ମୋତେ ଦୋଷ ନ ଦିଅ।' ରଙ୍କନିଧି ନିଜ କଥା ଦୋହରାଇ କହିଲା, 'ଯାହା ମାଗିଲି ସେତିକି ଦିଅନ୍ତୁ। ମୋର ଆଉ କିଛି ଦରକାର ନାହିଁ।' ଈଶ୍ୱର ତାକୁ 'ତଥାସ୍ତୁ' କଲେ। ଏହାପରେ ଈଶ୍ୱର ବାଙ୍କନିଧି ଆଡ଼କୁ ଚାହିଁଲେ।

ବାଙ୍କ କହିଲା, 'ପ୍ରଭୁ, ମୋତେ ଏଇ ବର ଦିଅନ୍ତୁ ଯେ ମୁଁ ଆର ଜନ୍ମରେ କେବଳ ଦେଇ ଚାଲିବି। ସମସ୍ତଙ୍କୁ ଦେଇ ପାରିବାର କ୍ଷମତା ମୋ'ର ଥିବ। ଆଉ କିଛି ଆବଶ୍ୟକ ନାହିଁ''। ତା'କୁ 'ତଥାସ୍ତୁ' କହି ଭଗବାନ ଅନ୍ତର୍ଦ୍ଧାନ ହୋଇଗଲେ।

କିଛିଦିନ ପରେ ରଙ୍କ ଓ ବାଙ୍କ ପ୍ରାଣତ୍ୟାଗ କଲେ। ସେଇ ନିଧିପୁର ଗାଁରେ ସେମାନଙ୍କର ପୁନର୍ଜନ୍ମ ହେଲା। ରଙ୍କ ବର ପାଇଥିଲା ସମସ୍ତଙ୍କଠୁ ପାଇ ଚାଲିବ, କାହାକୁ ଦେବ ନାହିଁ। ତେଣୁ ସେ ଜଣେ ଭିକାରୀ ହୋଇ ଜନ୍ମ ନେଲା। ସମସ୍ତେ ତାକୁ ଭିକ ଦେଲେ। ଅତି କଷ୍ଟରେ ସେ ଚଳିଲା। ବେଳେ ଖାଇଲେ ବେଳେ ଉପାସ। ବାଙ୍କନିଧି କେବଳ ଦେଇ ଚାଲିବ ବୋଲି ବର ପାଇଥିଲା। ତେଣୁ ସେ ସେହି ଗାଁର ସବୁଠୁ ଧନୀ ହୋଇ ଜନ୍ମ ନେଲା। ଯିଏ ଯେତେବେଳେ ତା'କୁ ଯାହା ମାଗିଲା ଖୁସି ମନରେ ସେ ଦେଇ ଚାଲିଲା। ଏଥିରେ ତା'ର ଧନ ସରିଗଲା ନାହିଁ, କାରଣ ଈଶ୍ୱର ତା'କୁ ଅଧିକରୁ ଅଧିକ ଧନ ଦେଉଥିଲେ। ସେ ମହାଆନନ୍ଦରେ ଦିନ କାଟିଲା।

ପାଇବା ବା ନେବା ଠାରୁ ଦେବା ହେଉଛି ଶହେ ଗୁଣରେ ଭଲ। ସେଥିପାଇଁ ଦେବାରେ ଆନନ୍ଦ ଥାଏ ଓ ଖୁସି ମିଳେ। ନେବାରେ ତାହା ଆସିବ କେଉଁଠୁ ? ସେଥିପାଇଁ କୁହାଯାଇଛି – ଉଚ୍ଚମନା ଲୋକ ଦିଅନ୍ତି ଓ ନୀଚମନା ଲୋକ ନିଅନ୍ତି।

ମଙ୍ଗଳା ନଗର, ଲେନ୍,
ଖୋର୍ଦ୍ଧା



ସମସ୍ତଙ୍କ ସହିତ ମିଳିମିଶି ଚଳିବାର ଗୁଣ ଯିଏ ହାସଲ କରିଛି, ତା'ଠାରୁ ବଳି ସୁଖୀ ଆଉ କେହି ନୁହଁନ୍ତି।

# ସମୁଦ୍ର



**ମୂଳଲେଖା : "The Sea" - ଖଲିଲ ଜିବ୍ରାନ**

**ଅନୁସୃଜନ : ସୁନୀତା ଶତପଥୀ**

ନିସ୍ତବ୍ଧ ରାତିରେ ମଣିଷ
ଚାଦର ଢ଼ାଙ୍କି ଗାଢ ନିଦ୍ରା ଯାଇଥିବାବେଳେ
ଅରଣ୍ୟ ଦାବି କରେ-
"ମୁଁ ହିଁ କ୍ଷମତା," କାରଣ
ସୂର୍ଯ୍ୟ ମୋତେ ଦେଇଛି ଅସ୍ତିତ୍ୱ
ଯେହେତୁ ସେ ମୋତେ
ଘେନି ଆସିଛି ପୃଥିବୀର ହୃଦୟ କନ୍ଦରରୁ
କିନ୍ତୁ ବିଚଳିତ ହୁଏ ନାହିଁ ଜମା
ଶାନ୍ତ ହୋଇ, ନିଜକୁ ନିଜେ କୁହେ 'ସମୁଦ୍ର'
'କ୍ଷମତା' କେବଳ ଅଟେ 'ମୁଁ'
ସେ ଯା ଆଉ  କେହି ନୁହେଁ-
ସାମାନ୍ୟ 'ପଥର' ସେ
କିନ୍ତୁ କୁହେ ସମୟ ମୋତେ
'ଇମାରତ୍' କରି ଗଢି ଚାଲିଲା
ସେଇ "ପ୍ରଳୟର ଦିନ" ଆସିବା ଯାଏଁ
ତଥାପି ସମୁଦ୍ର ସେମିତି ଶାନ୍ତ, ଅବିଚଳିତ ସ୍ୱର୍ଗତୋକ୍ତି କରେ
'ମୁଁ' ତ ସେଇ 'ଇମାରତ୍'
ଯାହାକୁ ସମୟ ଗଢି ଥିଲା ଦିନେ
ମୋ ବିନା, ସେ ଆଉ କେହି ନୁହେଁ
ଅସ୍ଥିର ଉତ୍ତାଳ 'ପବନ' ସେ ଗର୍ଜନ କରେ
ମୁଁ ଅଟେ 'ବଳଶାଳୀ'
କାରଣ ସ୍ୱର୍ଗକୁ ମର୍ତ୍ତ୍ୟଠାରୁ
ପୃଥକ୍ କରିବାର କ୍ଷମତା
କେବଳ ଅଛି ମୋ 'ଠାରେ'
'ସମୁଦ୍ର' ର କିଛି ଯାଏ ଆସେ ନାହିଁ
ସ୍ଥିର ହୋଇ ନିଜ ସହ ବାର୍ତ୍ତାଳାପ କରେ
'ପବନ' ସେ କେବଳ ମୋର
ଅନ୍ୟ କାହାରି ନୁହେଁ
ବାହା ସ୍ଫୋଟ ମାରେ,
କେବଳ ପୃଥିବୀର ତୃଷା ନିବାରଣ
'ମୁଁ' ନଦୀ ଦୂର କରିପାରେ
ତଥାପି 'ସମୁଦ୍ର' ହୁଏ ନାହିଁ ବିଚଳିତ
ଚୁପ୍ ଚାପ ନିଜ ସହିତ ନିଜେ କଥା ହୁଏ
କୁହେ 'ନଦୀ' ସେଇ ଆଉ କେହିଁ ନୁହେଁ
ସେ କେବଳ ମୋର ହୋଇ ଥାଏ
'ଶିଖର' କୁହେ
ମୁଁ ଛିଡ଼ା ହୋଇ ଥାଏ ମଥା ଉନ୍ନତ କରି
ଝଟକୁ ଥାଏ 'ତାରା'
ଆକାଶର ବୁକୁରେ 'ନକ୍ଷତ୍ର'ଟିଏ ପରି
ଶାନ୍ତ ହୋଇ ସମୁଦ୍ର ସେ କୁହେ
'ଶିଖର' ସେ ପର ନୁହେଁ
ବିଲ୍‌କୁଲ୍ ମୋ ନିଜର
ଆଦୌ କାହାରି ନୁହେଁ
'ମନ' ଦାବି କରେ
'ମୁଁ' ଶାସନ କରେ ସଭିଙ୍କୁ
ପୃଥିବୀ କେବଳ ଶାସକର, 'ମନ'ର
ତଥାପି ଘୁମନ୍ତ ସେଂ ସମୁଦ୍ର
ନିଦରେ ବି କୁହେ
କେହି ନୁହନ୍ତି ପର
ସଭିଁଏ ନିଜର, କେବଳ ମୋର ଆପଣାର
ତେଣୁ ସମସ୍ତେ ଅଂଶ ବିଶେଷ
ମୋ ଅସ୍ତିତ୍ୱର

(ଓଡ଼ିଆ ସମବାୟ ସେବା -୧)
ଉପ-ମହାସମୀକ୍ଷକ, ସମବାୟ ସମିତି ସମୂହ, ଭୁବନେଶ୍ୱର, ଓଡ଼ିଶା
ମୋବାଇଲ ନଂ- ୯୪୩୮୩୦୪୬୦୧



ବୁଦ୍ଧି କମ୍ ଥିବା ଲୋକେ ହଠାତ୍ ସବୁ କଥାରେ ଏକମତ ହୋଇଯାଆନ୍ତି।

# ରାଧାକୃଷ୍ଣ ଭକ୍ତ ସୁରଦାସ



ପଦ୍ମନାଭ ପାଣିଗ୍ରାହୀ

ପୂର୍ଣ୍ଣ ଆନନ୍ଦମୟ, ପୂର୍ଣ୍ଣ ପ୍ରେମମୟ, ଲୀଳାମୟ ସଚ୍ଚିଦାନନ୍ଦ ଘନ ଭଗବାନ ଶ୍ରୀକୃଷ୍ଣ । ଅନନ୍ତ ଐଶ୍ୱର୍ଯ୍ୟ ଅନନ୍ତ ମହିମାର ଅଧିକାରୀ । "କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ"

ସେହି ପ୍ରେମମୟ ଭାବମୟଙ୍କୁ ମହିମା ଅନନ୍ତ, ତାଙ୍କ ପ୍ରେମରେ ହୃଦୟ ଲୀନ ହୋଇଗଲେ, ମନ ପ୍ରାଣ ଏକାକାର ହୋଇଗଲେ, ଆଖିରୁ ପ୍ରେମାଶ୍ରୁ ଗଡ଼ି ପଡ଼ିଲେ, ସେ ନିଜର ହୋଇଯାଆନ୍ତି ।

ଭକ୍ତିଭାବର କଥା ଭକ୍ତି ନଥିଲେ ବ୍ୟାକୁଳତା ଆସେ ନାହିଁ। ପ୍ରତିଦିନ ତାଙ୍କର ନାମ ସଂକୀର୍ତ୍ତନ କଲେ ସର୍ବପାପ ନଷ୍ଟ ହୋଇଯାଏ ।

କୃଷ୍ଣର ନାମ ଯେ ଶୁଣନ୍ତି
ବଦନେ ମହିମା ଗୁଣନ୍ତି ।
ତାହାଙ୍କ ହୃଦେ ହରି ବସେ
ସକଳ କଲୁଶ ବିନାଶେ ।

ତେଣୁ ଶାସ୍ତ୍ରକାର କହିଛନ୍ତି-

ଜୀବିତଂ ଜନ୍ମ ସାଫଲ୍ୟଂ ମୁଖଂ ତସ୍ୟୈବ ସାର୍ଥକଂ,
ସତତଂ ରସନା ଯସ୍ୟ କୃଷ୍ଣ କର୍ଣ୍ଣେତି ଜଳ୍ପତି ।।

ଏ ସଂସାରରେ ତା'ର ଜୀବନ ସଫଳ, ଯାହାର ଜିହ୍ୱା ନିରନ୍ତର କୃଷ୍ଣ ନାମକୁ ଜପ କରୁଥାଏ ।

ଭାଗବତ ବାଣୀ-

କୃଷ୍ଣ ଚରିତ ସାଧୁଜନେ । ସ୍ମରଣେ ଶ୍ରବଣ ପ୍ରସନ୍ନେ ।
ନିର୍ମଳ କୃଷ୍ଣର ଚରିତ । ଯେ ନାଶେ ଜଗତ ପବିତ୍ର ।

ଭଗବାନ କୃଷ୍ଣ ଉଦ୍ଧବଙ୍କୁ କହିଛନ୍ତି-

ତେ ନାଧୀତ ଶ୍ରୁତିଗଣା ନୋପାସିତ ମହତ୍ତମାଃ ।
ଅବ୍ରତା ତପ୍ତ ତପସଃ ସତସଙ୍ଗାନ୍ମା ମୁପାଗତାଃ ।।

ହେ ଉଦ୍ଧବ । ବୃନ୍ଦାବନର ଗୋପୀଗଣ ମୋତେ ଲାଭ କରିବାକୁ ବେଦଶାସ୍ତ୍ର ଅଧ୍ୟୟନ କରି ନାହାନ୍ତି । କୌଣସି ପବିତ୍ର ସ୍ଥାନକୁ ଯାତ୍ରା କରି ନାହାନ୍ତି । କୌଣସି ବ୍ରତ, ବିଧି ବିଧାନ ନିଷ୍ଠାର ସହିତ ପାଳନ କରି ନାହାନ୍ତି । କୌଣସି ପ୍ରକାର କୃଚ୍ଛ୍ର ସାଧନ କରି ନାହାନ୍ତି । କେବଳ ସଙ୍ଗ ଲାଭ କରି ଭକ୍ତିର ସର୍ବୋଚ୍ଚ ସିଦ୍ଧି ଲାଭ କରିଛନ୍ତି ।

ଶ୍ରୀମଦ୍ ଭାଗବତ ଗ୍ରନ୍ଥର ପ୍ରଥମ ଶ୍ଳୋକରେ ବ୍ୟାସଦେବ ଗାଇଛନ୍ତି-

ସଚ୍ଚିଦାନନ୍ଦ ରୂପାୟ ବିଶ୍ୱୋତ୍ପତ୍ୟାଦି ହେତବେ
ତାପ ତ୍ରୟ ବିନାଶାୟ ଶ୍ରୀକୃଷ୍ଣାୟ ବୟଂ ନୁମଃ ।।

ଯେ ଜଗତର ଉତ୍ପତ୍ତି, ସ୍ଥିତି ଆଉ ବିନାଶର କର୍ତ୍ତା, ଯେ ତିନି ପ୍ରକାର ତାପର (ଆଧାତ୍ମିକ, ଆଧି ଦୈବିକ, ଆଧି ଭୌତିକ) ନାଶକର୍ତ୍ତା । ସେହି ସଚ୍ଚିଦାନନ୍ଦ ସ୍ୱରୂପ ଭଗବାନ ଶ୍ରୀକୃଷ୍ଣଙ୍କୁ ଆମେ ନମସ୍କାର କରୁଛୁ ।

ମହାଭାରତରେ ପିତାମହ ଭୀଷ୍ମ କହିଛନ୍ତି-

କୃଷ୍ଣ ଏବ ହି ଲୋକାନାମୁତ୍ପତ୍ତିରପି ଚାବ୍ୟୟଃ ।
କୃଷ୍ଣସ୍ୟ ହି କୃତେ ବିଶ୍ୱମିଦଂ ଭୂତଂ ଚରାଚରମ୍ ।
ଏଷ ପ୍ରକୃତିରବ୍ୟକ୍ତା କର୍ତ୍ତା ଚୈବ ସନାତନଃ ।
ପରଶ୍ଚ ସର୍ବ ଭୂତେଭ୍ୟସ୍ତସ୍ମାତ୍ ପୂଜାତମୋଽଚ୍ୟୁତଃ ।।

ଶ୍ରୀକୃଷ୍ଣ ହିଁ ସାରା ସଂସାରର ଅବିନାଶୀ ଉତ୍ପତ୍ତି ସ୍ଥାନ ଅଟନ୍ତି । ଚରାଚର ବିଶ୍ୱର ଉତ୍ପତ୍ତି ତାଙ୍କରି ଯୋଗୁ ହିଁ ସମ୍ଭବ । ସେ ହିଁ ଅବ୍ୟକ୍ତ ପ୍ରକୃତି ଏବଂ ନିତ୍ୟ, ଶାଶ୍ୱତ, ସନାତନ କର୍ତ୍ତା ସେ ହି ଅଚ୍ୟୁତ, ସର୍ବ ପ୍ରାଣୀଙ୍କ ମଧ୍ୟରେ ଶ୍ରେଷ୍ଠ ପୁରୁଷୋତ୍ତମ ଓ ପୂଜ୍ୟ । ସେ ପରଂବ୍ରହ୍ମ ।

ସୁରଦାସ ଜଣେ କୃଷ୍ଣ ଭକ୍ତ ଥିଲେ । ସେ ଜନ୍ମରୁ ଅନ୍ଧ । ସଦାସର୍ବଦା କୃଷ୍ଣ ପ୍ରେମରେ ମଜି ଯାଉଥିଲେ । ସୁନ୍ଦର ସାବଲୀଳ କଣ୍ଠରେ ରାଧାକୃଷ୍ଣଙ୍କର ଭଜନ ଗାନ କରି କରି ତନ୍ମୟ ହୋଇ ଯାଉଥିଲେ । ଏକଦା ରାସ୍ତାରେ କୃଷ୍ଣଙ୍କର ଭଜନ ଗାନ କରି କରି ଶ୍ରୀକୃଷ୍ଣ ଗୋବିନ୍ଦ ହରେ ହେ ନାଥ ନାରାୟଣ ବାସଦେବ ଯେତେବେଳେ ତାଙ୍କ ସୁଲଳିତ କଣ୍ଠ ଓ ଭକ୍ତି ଭାବରେ ମଜି ଯାଇ ରାଧାକୃଷ୍ଣ ତାଙ୍କ ଆଗେ ଆଗେ ଚାଲିଯିବାକୁ ଲାଗିଲେ । ସୁରଦାସଙ୍କ ଭଜନରେ ରାଧାକୃଷ୍ଣ ଏପରି ତନ୍ମୟ ହୋଇଗଲେ ଯେ ରାଧାଙ୍କର ଗୋଟିଏ ପାଦର ପାଉଁଜି ବାଟରେ ଖସି ପଡ଼ିଲା ଜାଣି ପାରିଲେ ନାହିଁ ରାଧାରାଣୀ । କିଛିବାଟ ଅତିକ୍ରମ କଲାପରେ ପାଦରେ ପାଉଁଜି ନଥିବା ଅନୁଭବ କଲେ ରାଧାରାଣୀ । ଶ୍ରୀକୃଷ୍ଣଙ୍କୁ ଏହା ଜଣାଇଲେ । ସେମାନେ ଖୋଜି ଖୋଜି ପଛକୁ ଚାଲିଲେ । କିନ୍ତୁ ସୁରଦାସ ଗୀତ ଗାଇ ଗାଇ ଆସିବା ବେଳେ ପାଉଁଜି ଉପରେ ଗୋଡ଼ ପଡ଼ିଯାଇଛି । ତାକୁ ସେ ଉଠାଇ ହାତରେ ଆଉଁଷି ଆଉଁଷି ଭଜନ ଗାଇ ଚାଲିଛନ୍ତି । ଏହି ସମୟରେ ରାଧାରାଣୀ ସୁରଦାସଙ୍କୁ ତାଙ୍କ ପାଉଁଜି ମାଗିଛନ୍ତି । ସୁରଦାସ କହିଛନ୍ତି ଯେ, ଏ ପାଉଁଜି ତୁମର ବୋଲି କିଛି ପ୍ରମାଣ ବା ସାକ୍ଷୀ ଅଛି । ଶ୍ରୀକୃଷ୍ଣ ସେ ସାକ୍ଷୀ କରିଛନ୍ତି । ତୁମେ ଦେଖିଛ ବୋଲି କିଛି ପ୍ରମାଣ ଅଛି ବୋଲି ପଚାରିବାରୁ ଦୁହେଁ ଭାବ ବିହ୍ୱଳ ହୋଇଛନ୍ତି । ପ୍ରସନ୍ନ ହୋଇଛନ୍ତି । ତାଙ୍କୁ ଚକ୍ଷୁ କ୍ଷୁର୍ଣ୍ଣ ରହିଛନ୍ତି । ଚକ୍ଷୁ ଖୋଲିବାପରେ ଯୁଗଳ ମୂର୍ତ୍ତି ରାଧାକୃଷ୍ଣଙ୍କୁ ଦେଖି ଚକ୍ଷୁ ପଲକ ପଡ଼ିନାହିଁ । ଆନନ୍ଦ ଗଦ୍‌ଗଦ୍, ଆଖିରୁ ଆନନ୍ଦାଶ୍ରୁ ବିଗଳିତ । ପ୍ରଭୁ ବର ମାଗିବାକୁ କହିବାରୁ ସେ କହିଛନ୍ତି ପ୍ରଭୁ ତୁମଠାରୁ ଏ ସଂସାରରେ ଆଉ ସୁନ୍ଦର ବସ୍ତୁ କ'ଣ ଅଛି । ଯୁଗଳ ମୂର୍ତ୍ତିକୁ ମୁଁ ବର୍ତ୍ତମାନ ମୋର ହୃଦୟ ଭିତରେ ସ୍ଥାନ ଦେଇ ଦେଇଛି । ଆଉ ମୋର କିଛି ଦରକାର ନାହିଁ । ମୋତେ ପୁଣି ଅନ୍ଧ କରିଦିଅନ୍ତୁ । ମୁଁ ହୃଦୟ ମଧ୍ୟରେ ଏ ଯୁଗଳ ମୂର୍ତ୍ତିକୁ ଦେଖୁଥିବି ।

ଏଣୁ ଭଗବାନ ଗୀତାରେ ସୁନ୍ଦରଭାବେ ଅର୍ଜୁନଙ୍କୁ ବୁଝାଇ କହିଛନ୍ତି-

ଜନ୍ମ କର୍ମ ଚ ମେ ଦିବ୍ୟଯେଃ ଯୋ ବେତ୍ତି ତତ୍ତ୍ୱତଃ,
ତ୍ୟକ୍ତ୍ୱା ଦେହଂ ପୁନଜନ୍ମ ନୈତି ମାମେତି ସୋର୍ଜୁନଃ ।।

ହେ ଅର୍ଜୁନ ! ଦିବ୍ୟ ଜନ୍ମ ଓ ଦିବ୍ୟ କର୍ମକୁ ତତ୍ତ୍ୱର ସହିତ ଯେ ଜାଣିପାରେ ତାର ଆଉ ପୁନର୍ଜନ୍ମ ନାହିଁ । ସେ ମୋତେ ହିଁ ପ୍ରାପ୍ତ ହୋଇଥାଏ । ସେହିପରି ଅନନ୍ୟ ଭକ୍ତିଦ୍ୱାରା ସୁରଦାସ ମଧ୍ୟ ଭଗବତ ପ୍ରାପ୍ତି ହୋଇ ପାରିଥିଲେ । ଭଗବାନଙ୍କ ନାମ ପ୍ରଭାବରୁ ପାପ ନଷ୍ଟ ହୋଇଯାଏ । ନାମ ରୂପକ ଅଗ୍ନିଦ୍ୱାରା ପାପ ରାଶି ଜଳି ପାଉଁଶ ହୋଇଯାଏ । ପ୍ରତ୍ୟେକ କାମନା ପୂରଣ କରନ୍ତି ସ୍ୱୟଂ ଭଗବାନ । ତେଣୁ ପ୍ରେମ ପୂର୍ବକ ତାଙ୍କର ନାମ ଜପ କରିବା ଉଚିତ ।

ଅକାମଃ ସର୍ବକାମୋ ବା ମୋକ୍ଷକାମ ଉଦାରଧୀଃ
ତୀବ୍ରେଣ ଭକ୍ତି ଯୋଗେନ ଯଜେତ ପୁରୁଷଂ ପରଂ ।

ଅର୍ଥାତ, କାମନା ହୀନ ଅଥବା ସର୍ବ ପ୍ରକାର କାମନା ଯୁକ୍ତ କିମ୍ବା ମୋକ୍ଷାଭିଳାଷ ପାଇକ ଯେ କୌଣସି ଅବସ୍ଥାରେ ମନୁଷ୍ୟ ତୀବ୍ର ଭକ୍ତି ଯୋଗଦ୍ୱାରା ପରମପୁରୁଷ ଭଗବାନଙ୍କୁ ଆରଧନା କରିଥାଏ । ସମସ୍ତ କାମନା ପୂରଣର ଉପାୟ ହେଉଛି - ଭଗବାନଙ୍କଠାରେ ଅଟଳ ଭକ୍ତି ଓ ତାଙ୍କର ନାମ ନିରନ୍ତର ଜପ ।


କୃଷ୍ଣ ନାମରେ ପାପକ୍ଷୟ ଯେତେ
ପାପୀ ନ କରି ପାରେ ପାପ ତେତେ ।।

କୃଷ୍ଣ ନାମ ଉପରେ ଯେତିକି ପାପ କ୍ଷୟ ହୁଏ । ପାପୀ ସେତିକି ପାପ କରି ପାରେ ନାହିଁ । ଏହା ହିଁ ସତ୍ୟ ।

ଏ କୋହି କୃଷ୍ଣସ୍ୟ କୃତଃ ପ୍ରଣାମଃ
ଦଶାଶ୍ୱ ମେଧ ବଭୃଥେନ ତୁଲ୍ୟଃ
ଦଶାଶ୍ୱମେଧୀ ପୁନରେତି ଜନ୍ମ
କୃଷ୍ଣପ୍ରଣାମି ନ ପୁନର୍ଭବାୟ ।

କୃଷ୍ଣ ନାମ ଜପରେ ଯେତେ ପୁଣ୍ୟ ଅର୍ଜନ ହୁଏ । ଦଶାଶ୍ୱମେଧଯଜ୍ଞରେ ସେତିକି ପୁଣ୍ୟ ହୁଏ ନାହିଁ । କାରଣ ଦଶାଶ୍ୱମେଧୀ ପୁନଃ ଜନ୍ମ ଲାଭ କରିଥାଏ । କିନ୍ତୁ କୃଷ୍ଣ ନାମ ଜପ କରୁଥିବା ବ୍ୟକ୍ତିର ପୁନର୍ଜନ୍ମ ନାହିଁ ।

ଡ଼ାକଟିକଟରୁ ଜ୍ଞାନ




# ଭାରତ ଓ ବଙ୍ଗଳାଦେଶ ବନ୍ଧୁତ୍ୱର ସୁବର୍ଣ୍ଣ ଜୟନ୍ତୀ ବର୍ଷ



ଡ. ଭବାନୀ ଶଙ୍କର ଦାଶ

୧୯୭୧ ମସିହାରେ ବଙ୍ଗଳାଦେଶ ସ୍ୱାଧୀନ ହୋଇଥିଲା । ଏହାର ମୁକ୍ତି ସଂଗ୍ରାମରେ ଭାରତର ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା । ୨୦୨୧ ରେ ଭାରତ ଓ ବଙ୍ଗଳାଦେଶର ବନ୍ଧୁତ୍ୱର ୫୦ବର୍ଷ ପୂରଣ ହୋଇଛି । ଉଭୟଙ୍କ ମଧ୍ୟରେ ଐତିହାସିକ ସମ୍ପର୍କ, ପାରସ୍ପରିକ ସମ୍ବନ୍ଧ ଓ ବିଶ୍ୱାସ ବଢ଼ିଛି । ଭାରତର ଏକ ବିଶାଳ ସୀମାରେଖା ଏହି ଦେଶ ସହିତ ରହିଛି । ଉଭୟ ଦେଶ ମଧ୍ୟରେ ଭାଷା, ସଂସ୍କୃତି, ଓ ଲୋକମାନଙ୍କ ମଧ୍ୟରେ ଦୃଢ଼ ବନ୍ଧନ ରହିଛି । ଏହି ସମ୍ପର୍କ ବର୍ତ୍ତମାନ ଉଭୟ ଦେଶର ବିକାଶ, ସ୍ୱାସ୍ଥ୍ୟ ସମ୍ପର୍କର ଭାଗିଦାରିତା, ସୁରକ୍ଷା, ପ୍ରତିରକ୍ଷା ଶକ୍ତି କ୍ଷେତ୍ରରେ ସହଭାଗିତାକୁ ଦୃଢ଼ କରିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ବଙ୍ଗଳାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ନେତୃତ୍ୱରେ ଉଭୟ ଦେଶ ମଧ୍ୟରେ ଅନେକ ବୁଝାମଣା ହୋଇଛି ।

ଉଭୟ ଦେଶ ମିଳିତ ଭାବେ 'ମୁଜିବ୍ ବର୍ଷ' ଯାହାକି ବଙ୍ଗବନ୍ଧୁ ଶେଖ୍ ମୁଜବୁର ରହମନଙ୍କ ଜନ୍ମ ଶତବାର୍ଷିକୀ ପାଳନ କରୁଛନ୍ତି । ତାଙ୍କୁ ବଙ୍ଗଳାଦେଶର 'ଜାତିର ପିତା' କୁହାଯାଏ । ୧୯୭୧ ଯୁଦ୍ଧର ୫୦ବର୍ଷ ପୂର୍ତ୍ତୀ ମଧ୍ୟ ଏହି ବର୍ଷର ପାଳନ କରାଯାଇଛି । ଉଭୟ ଦେଶର ସୈନ୍ୟ ଓ ମୁକ୍ତିଯୋଦ୍ଧା ଏଥିପାଇଁ ପ୍ରାଣବଳୀ ଦେଇଥିଲେ । ଭାରତ ଦଶଲକ୍ଷ ଶରଣାର୍ଥୀଙ୍କୁ ଦେଶରେ ସ୍ଥାନ ଦେଇଛି ।

ଭାରତୀୟ ଡ଼ାକ ତରଫରୁ ଉଭୟ ଦେଶର ବନ୍ଧୁତ୍ୱର ୫୦ବର୍ଷ ପୂର୍ତ୍ତୀରେ ଏକ ସ୍ମରଣୀୟ ଡ଼ାକଟିକଟ ୨୦୨୧ ରେ ଉନ୍ମୋଚନ କରିଛନ୍ତି । ଏଥିରେ ଭାରତୀୟ ଯୁଦ୍ଧ ସ୍ମାରକୀ, ନୂଆଦିଲ୍ଲୀ ଓ ଜାତୀୟ ସ୍ମୃତି ସୌଧକୁ ଦର୍ଶାଯାଇଛି ।

ନୂଆଦିଲ୍ଲୀରେ ଜାତୀୟ ଯୁଦ୍ଧ ସ୍ମାରକୀ ରହିଛି । ଯେଉଁଠି ୧୯୭୧ର ଭାରତ ପାକିସ୍ତାନର ଯୁଦ୍ଧର ସହିଦମାନଙ୍କର ସ୍ମୃତି ରହିଛି । ଏକଦା ଓ ଦେଶପ୍ରେମର ପ୍ରତୀକ ଅଟେ । ସେହିପରି ଢ଼ାକା ନିକଟର ସଭରଠାରେ ଅବସ୍ଥିତ ।ଏଠାରେ ଦେଶର ଲକ୍ଷ ଲକ୍ଷ ଦେଶପ୍ରେମୀ ସହିଦମାନଙ୍କ ସ୍ମୃତି ରହିଛି । ଏହି ଡାକଟିକଟି ଭାରତ ବଙ୍ଗଳାଦେଶ ସମ୍ପର୍କକୁ ଆଶାତୀତ ଭାବରେ ଅଧିକ ଦୃଢ କରିବ ।

ଜେ.କେ.ପୁର, ରାୟାଗଡ଼ା
ମୋ- ୯୧୨୪୩୪୬୫୪୭



ପାପ ଯେତେବେଳେ ପୁଣ୍ୟ ନିକଟକୁ ଯାଏ, ସେ ଶଠତା ପୋଷାକ ପିନ୍ଧିଥାଏ ।

# ବିଜ୍ଞାନ ବିଚିତ୍ରା

ଡକ୍ଟର ପ୍ରେମଚାନ୍ଦ ମହାନ୍ତି



## ଆଲଝିମର ରୋଗ ପାଇଁ ଏକ ଭୂତାଣୁ ଦାୟୀ –


ବୟସ ବୃଦ୍ଧି ହେଲେ ସ୍ମୃତି ଶକ୍ତି ଲୋପ ହେବା ତଥା ମାନସିକ ଅବସାଦଗ୍ରସ୍ତ ହେବା ଏକ ସାଧାରଣ ଘଟଣା । କିନ୍ତୁ ଯେତେବେଳେ ଏହାର ମାତ୍ରା ତୀବ୍ର ହୁଏ, ତାକୁ ଡାକ୍ତରମାନେ ଆଲଝିମର ଆଖ୍ୟା ଦେଇଥାନ୍ତି। ଚିକାଗୋର ରସ ୟୁନିଭର୍ସିଟିର ଡାକ୍ତର ଜୁଲି ସ୍ନିଡର ଓ ତାଙ୍କ ସହ ଯୋଗୀମାନେ ବୟସ୍କ ବ୍ୟକ୍ତିମାନଙ୍କ ସେରିବ୍ରୋସ୍ପାଇନାଲ ଫ୍ଲୁଇଡର ବିଶ୍ଳେଷଣ କରି ଜାଣିପାରିଛନ୍ତି




ଯେ ଏହି ରୋଗୀମାନେ ତାଙ୍କ ଜୀବନକାଳ ମଧ୍ୟରେ ନିଶ୍ଚିତ ରୁପେ ସାଇଟୋମେଗାଲୋ ଭାଇରସ ଦ୍ୱାରା ସଂକ୍ରମିତ ହୋଇଥିଲେ। ଏହି ଭୂତାଣୁ ଯୌନ ସଂପର୍କ କିମ୍ବା ଅନ୍ୟ କୌଣସି ମାଧ୍ୟମ ଦେଇ ଜଣେ ବ୍ୟକ୍ତିର ଶରୀରରୁ ଅନ୍ୟ ଶରୀରକୁ ଗତି କରିଥାଏ। ଏହାଦ୍ୱାରା ପ୍ରଭାବିତ ବ୍ୟକ୍ତିର ମସ୍ତିଷ୍କର ବୋଧଶକ୍ତି ସଂକ୍ରାନ୍ତୀୟ କାର୍ଯ୍ୟ ଦକ୍ଷତା ଉପରେ ପ୍ରଭାବ ପକାଇଥାଏ। ଅବଶ୍ୟ ଏଥିପାଇଁ ଅନ୍ୟ କାରଣ ବି ଥାଇପାରେ ଯେପରିକି କୋଷ ମଧ୍ୟରେ ଜ୍ୱଳନ ସୃଷ୍ଟିକାରୀ ଉତ୍ତେଜକ ପଦାର୍ଥର କ୍ଷରଣ। କିନ୍ତୁ ଏହି ଭୂତାଣୁର ପ୍ରଭାବ କିଛି କମ ନୁହେଁ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏ କ୍ଷେତ୍ରରେ ଆହୁରି ଗବେଷଣାର ଆବଶ୍ୟକତା ରହିଛି।

## ଶବ୍ଦ ତରଙ୍ଗ କାନ୍ଥକୁ ବି ଭେଦି ପାରିବ –


ଦକ୍ଷିଣ କୋରିଆର ସିଓଲ ସ୍ଥିତ ୟୋନସେଇ ୟୁନିଭର୍ସିଟିର ବୈଜ୍ଞାନିକ ଜଙ୍ଗ ଜିନ ପାର୍କଙ୍କ ନେତୃତ୍ୱରେ ହୋଇଥିବା ଗବେଷଣା ଅନୁଯାୟୀ ଯଦି ଗୋଟିଏ ନିଦା କାନ୍ଥରେ ଅତି କ୍ଷୁଦ୍ରାକାରର କିଛିଟା ଛିଦ୍ର କରି ଦିଆଯାଏ ତେବେ ଗୋଟିଏ କୋଠରୀର ଶବ୍ଦ ଅନ୍ୟ କୋଠରୀରେ ଶୁଭିବ।




ସେମାନେ ଏହି ଧାରଣା ୧୯୯୮ ମସିହାରେ ଆଲୋକ ସଂପର୍କରେ ହୋଇଥିବା ଗବେଷଣାରୁ ପାଇଥିଲେ। ସେମାନେ ଜାଣିଥିଲେ ଯେ ଯଦି ଗୋଟିଏ ମୋଟା ଧାତୁ ତିଆରି ଫଳକରେ ଆଲୋକର ତରଙ୍ଗ ଦୈର୍ଘ୍ୟଠୁ ଛୋଟ ଏକ ଛିଦ୍ର କରି ଦିଆଯାଏ ତେବେ ତା ମଧ୍ୟ ଦେଇ ଅଧିକ ଆଲୋକ ଗତି କରି ପାରୁଛି। ଏହାକୁ ଏକ୍ସଟ୍ରାଅର୍ଡିନାରୀ ଅପ୍ଟିକାଲ ଟ୍ରାନ୍ସମିଶନ କୁହାଯାଏ। କିନ୍ତୁ ଏହା ଶବ୍ଦ ପାଇଁ ପ୍ରଯୁଜ୍ୟ ନଥିଲା କାରଣ ଏଥିରେ ପ୍ରତିଫଳନର ଅଧିକ ସମ୍ଭାବନା ଥିଲା। ତେଣୁ ପାର୍କ ଭାବିଲେ ଯେ ଯଦି କୌଣସି ଉପାୟରେ ଏହି ବାଧାକୁ ଦୁର କରିହେବ ତେବେ ଶବ୍ଦ କ୍ଷେତ୍ରରେ ବି ଏହାକୁ ପ୍ରୟୋଗ କରିହେବ। ଏହାର ପରୀକ୍ଷଣ ପାଇଁ ସେମାନେ ୫ ମିମି ମୋଟାର ଏକ ଧାତୁ ଫଳକ ଉପରେ ଖୁବ ଛୋଟ ଛୋଟ ଛିଦ୍ର କଲେ ଏବଂ ଗୋଟିଏ ପାଖରେ ମାଇକ୍ରୋଫୋନ ଓ ଅନ୍ୟ ପାଖରେ ନିଜେ ରହିଲେ । ବର୍ତ୍ତମାନ ଗୋଟିଏ ପାଖର କଥା ଅନ୍ୟ ପଟକୁ ଆରାମରେ ଶୁଣାଗଲା।


## ପୃଥିବୀ କେବେ ବାସଯୋଗ୍ୟ ହେଲା ?

ବୈଜ୍ଞାନିକ ତଥ୍ୟାନୁଯାୟୀ ପୃଥିବୀ ୨୦୦ ମିଲିଅନ ବର୍ଷର କିଛି ପୂର୍ବରୁ ସୃଷ୍ଟି ହୋଇଥିଲା। କିନ୍ତୁ ଜର୍ମାନୀର ୟୁନିଭର୍ସିଟି ଅଫ ବନ ର ବୈଜ୍ଞାନିକ




ଜୁଡିଥ କଗନଙ୍କ ଗବେଷଣା ସୂଚୀତ କରେ ଯେ ପୃଥିବୀର ପ୍ରଥମ ୬୦୦ ମିଲିଅନ ବର୍ଷ କେବଳ ଇତିହାସ ଅଟେ। ସେମାନେ ଗ୍ରୀନଲାଣ୍ଡର ପାହାଡରୁ ଏପରି ଏକ ପଦାର୍ଥ ପାଇଛନ୍ତି ଯାହା ଦର୍ଶାଏ ଯେ ୪.୧ ବିଲିଅନ ବର୍ଷ ପୂର୍ବେ ଏହା ମେଂଟଲରେ ଗଚ୍ଛିତ ହୋଇ ରହିଥିଲା। ଅର୍ଥାତ ପୃଥିବୀ ଜନ୍ମର ୪୦୦ ମିଲିଅନ ବର୍ଷ ପରେ। ସେ ସମୟ ଆଜିକାଲିକା ପରା ଥିଲା । ଅତି ଉତ୍ତପ୍ତ ଅବସ୍ଥାରେ ସେ ସମୟରେ ଲୁହା ସହିତ ପ୍ରଚୁର ପରିମାଣର ସୁନା ଓ ରୁପା ତା ସହିତ ଦ୍ରବୀଭୂତ ହୋଇ ଭୂଗର୍ଭକୁ ଚାଲି ଯାଇଥିଲା। ଏହା ହୁଏତ ୩.୯ ବିଲିଅନ ବର୍ଷ ପୂର୍ବରୁ ଉଲକା ,କିମ୍ବା ଧୂମକେତୁ ସଂଘାତରେ ଘଟିଥିଲା। ଏହି ସମୟକୁ ଲେଟ ଭିନିର କୁହାଯାଏ। ସେ ସମୟରେ ପୃଥିବୀରେ ଜଳଭାଗ ବରଫାବୃତ ରହିଥିଲା। କଗନଙ୍କ ମତରେ ଭୂଭାଗର ସମୁଦ୍ର ଆଦି ୪.୧ ବିଲିଅନ ବର୍ଷ ପୂର୍ବରୁ ସୃଷ୍ଟି ହୋଇ ସାରିଥିଲା।

## ଫେସବୁକ ଆଡିକସନ ଓ ମସ୍ତିଷ୍କ –



ଆଜିକାଲି ସାମାଜିକ ଗଣମାଧ୍ୟମ ମଧ୍ୟରେ ଫେସବୁକର ଲୋକପ୍ରିୟତା ବହୁଗୁଣ ବୃଦ୍ଧି ପାଇଛି। ବିଶ୍ୱର ୧.୨ ବିଲିଅନରୁ ବି ଅଧିକ

ଏହାର ବ୍ୟବହାରକାରୀ ରହିଛନ୍ତି। ବର୍ଲିନର ଫ୍ରେଇ ୟୁନିଭର୍ସିଟିର ଗବେଷକ ଡାର ମେସୀଙ୍କ ମତରେ ଫେସବୁକ ନିଶା ଆମ ମସ୍ତିଷ୍କର ନ୍ୟୁକ୍ଲିଅସ ଆକୁବେନ୍ସ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଏହା ମସ୍ତିଷ୍କର ଭିତର ଅଂଶରେ ଥାଇ ଆମର ଦୈନିକ କାର୍ଯ୍ୟ ଯଥା ଖାଇବା, ଶୋଇବା, ସମ୍ମାନ ପାଇବା ପାଇଁ ଲାଳାୟିତ ହେବା, ଯୌନକ୍ରିୟା ପାଇଁ ଆଗ୍ରହ ଜନ୍ମାଇବା କାର୍ଯ୍ୟ କରିଥାଏ। ଏହିପରି କେତେକ ବ୍ୟକ୍ତିଙ୍କୁ ପରୀକ୍ଷା ସମୟରେ 'ଫଙ୍କସନାଲ ଏମ ଆର ଆଇ' କଲାବେଳେ ଦେଖାଗଲା ଯେ ସେମାନେ ଫେସବୁକ ବ୍ୟବହାର କଲାବେଳେ ଏହି ନ୍ୟୁକ୍ଲିଅସ ଆକୁବେନ ଅଂଶଟି ଚଂଚଳ ଓ ସକ୍ରିୟ ହୋଇ ଉଠୁଛି। ତାଙ୍କ ମତରେ ପ୍ରତ୍ୟେକ ମଣିଷ ସମାଜରେ ସମ୍ମାନ ଓ ପ୍ରତିପତ୍ତି ଆଶା କରେ ଯାହାକି ଫେସବୁକ ମାଧ୍ୟମରେ ସହଜ ଲବ୍ଧ ଅଟେ। ସେ ସମୟରେ ଆମ ଅଜାଣତରେ ମସ୍ତିଷ୍କର ଏହି ଅଂଶଟି ସେହି କାର୍ଯ୍ୟ କରିଥାଏ।

### ଜଳ ଅପଚୟକୁ ରୋକିବ ସ୍ମାର୍ଟ ସାୱାର -



ଆମେରିକାର ଟଫ୍ଟ ୟୁନିଭର୍ସିଟିର ବୈଜ୍ଞାନିକ ବ୍ରେଟ ଆଣ୍ଡଲର ଏକ ସ୍ମାର୍ଟ ସାୱାର ଉଦ୍ଭାବନ କରିଛନ୍ତି ଯାହର ନାମ ଉଜି ରଖିଛନ୍ତି। ଏଥିରେ ଗାଧୋଇବା ଆରମ୍ଭ କଲାବେଳେ ସବୁଜ ଆଲୋକ ଦିଏ କିନ୍ତୁ ଯଦି ଅଧିକ ସମୟ ପାଇଁ ଆପଣ ପାଣି ଖୋଲା ରଖନ୍ତି ତେବେ ଏହା ଲାଲ୍ ରଙ୍ଗର ଆଲୋକ ସଙ୍କେତରେ ଗାଧୋଇବା ବନ୍ଦ କରିବାକୁ କହିବ। ବର୍ତ୍ତମାନ ପାଇଁ ଏହାର ଅବଧି ୭ ମିନିଟ ରହିଛି ଅବଶ୍ୟ ଏହାକୁ ଆପଣ ଦରକାର ମୁତାବକ ବଦଳାଇ ପାରିବେ। ସେମାନେ କହନ୍ତି ଏହାଦ୍ୱାରା ୧୨% ଜଳ କମ ବ୍ୟବହାର ସହ ମାସକୁ ୮୫ ଡଲାର ସଂଚୟ କରିପାରିବେ। ହଷ୍ଟେଲମାନଙ୍କରେ ଏହା ୨୦୦ ଡଲାରକୁ ବୃଦ୍ଧି ପାଇପାରେ। ତେଣୁ ଉଭୟ ଶକ୍ତି ଓ ଜଳ ସଂପଦର ସୁରକ୍ଷା ଏହାଦ୍ୱାରା ହୋଇ ପାରିବକି ନାହିଁ?

# ଭିଟାମିନ୍ ବି୧୨ ବା ସିଆନୋକୋବାଲାମିନ୍ ଓ ନିଦ୍ରାହୀନତା

ଏହା ଏକ ଜଟିଳ ସଂଗଠନ ଥିବା ଓ ଜଳରେ ଦ୍ରବୀଭୁତ ହୋଇ ପାରୁଥିବା ରାସାୟନିକ ପଦାର୍ଥ ଯାହା ବିନା ଆମ ଜୀବନର ଅନେକ କ୍ରିୟାରେ ବ୍ୟାଘାତ ଘଟିଥାଏ। ଏହି ଯୌଗିକଟି ଜୈବିକ ପଦାର୍ଥ ହୋଇଥିଲେ ହେଁ ଏଥିରେ କୋବାଲ୍ଟ ଆୟନ ଭଳି ଧାତୁ ରହିଥାଏ। ଏହାକୁ ୧୯୪୮ ମସିହାରେ ଆମେରିକାର କାର୍ଲ ଫୋକର୍ସ ଓ ବ୍ରିଟେନର ବେରନ ଆଲେକଜାଣ୍ଡାର ଟଡ୍ ଆବିଷ୍କାର କରିଥିଲେ। ଏହା ଦୁଇଟି ସକ୍ରିୟ କୋଏଞ୍ଜାଇମ ମିଥାଇଲକୋବାଲାମିନ ଓ ୫-ଡିଅକ୍ସିଏଡିନୋସିଲ କୋବାଲାମିନ ଭାବେ ବିଭିନ୍ନ କୋଷୀୟ କ୍ରିୟାକଳାପରେ ଭାଗ ନେଇଥାଏ। ଡିଏନଏ ତିଆରିରେ ଏହା ଫୋଲିକ ଅମ୍ଳ ସହ ମିଶି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହାଛଡା ସ୍ନାୟୁକୋଷକୁ ପରିବେଷ୍ଟନ କରୁଥିବା ମାଇଲିନ୍ ନାମକ ଫେଟି ଅମ୍ଳ ତିଆରିରେ ବି ଏହା ସହାୟକ ହୋଇଥାଏ। ନୂଆଁ କୋଷ ନିର୍ମାଣ, ରକ୍ତ ତିଆରି, ସ୍ନାୟବିକ କ୍ରିୟା ଏବଂ କୋଏଞ୍ଜାଇମ-ଏର ଏକ ମୂଖ୍ୟ ଅଂଶ ରୁପେ ଏହା ପ୍ରୋଟିନ, କାର୍ବୋହାଇଡ୍ରେଟ ଏବଂ ଫ୍ୟାଟର ମେଟାବଲିଜମରେ ସକ୍ରିୟ ଭୂମିକା ନିର୍ବାହ କରେ। ଆଂଟି ଅକ୍ସିଡେଂଟ ରୁପେ କୋଲାଜେନ, କାର୍ନିଟିନ୍, ଆମିନୋ ଏସିଡ, ହରମୋନ, ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି କରିବାରେ ଏହା ସହାୟତା କରିଥାଏ। ଗାଈ ଓ ମେଣ୍ଢା ର ରୁ୍ୟମେନ ବା ପାକସ୍ଥଳୀରେ ଥିବା ଅଣୁଜୀବମାନଙ୍କ ଦ୍ୱାରା ଏହା ତିଆରି ହୋଇ ଅନ୍ୟ ଜୀବମାନଙ୍କ ଶରୀରକୁ ଆସିଥାଏ। ମୂଖ୍ୟତଃ ମାଂସ, ଅଣ୍ଡା ଓ ଦୁଗ୍ଧଜାତ ପଦାର୍ଥରୁ ମନୁଷ୍ୟ ଏହାକୁ ପାଇଥାଏ। ଏହାର ଅଭାବରେ ଜିଭରେ ଘାଆ ହୋଇଯାଏ, କ୍ଷୁଦ୍ରାନ୍ତ୍ରରେ ଖାଦ୍ୟ ହଜମ ହୁଏ ନାହିଁ, ତରଳ ଝାଡା ହୁଏ ଏବଂ ସୁଷୁମ୍ନା କାଣ୍ଡର ମୋଟର ଓ ସେନ୍ସରି ଟ୍ରାକ୍ଟ ର କ୍ଷତି ଘଟି ବେଳେବେଳେ ପକ୍ଷାଘାତ ମଧ୍ୟ ହୋଇଥାଏ। ଏହା କେବଳ ପ୍ରାଣୀଜ ଉତ୍ସରୁ ମିଳୁଥିବାରୁ ସଂପୂର୍ଣ୍ଣ ନିରାମିଷାସି ଥିବା ମଣିଷଙ୍କ କ୍ଷେତ୍ରରେ ଏହାର ଅଭାବ ଘଟି ନାନାଦି ଉପସର୍ଗ ଦେଖା ଦେଇଥାଏ। ଏହାଛଡା ଆମ କ୍ଷୁଦ୍ରାନ୍ତ୍ରର କଲ ଡି ସେକ ରେ ବାସ କରୁଥିବା ଫିତାକୃମିଙ୍କୁ ଏହା ମଣିଷ ସହ ପ୍ରତିଯୋଗୀତା କରିବାକୁ ସୁଯୋଗ ଦିଏ। ଆଜି ପର୍ଯ୍ୟନ୍ତ ହୋଇଥିବା ଗବେଷଣାରୁ ଜଣାଯାଏ ଯେ ସମସ୍ତ ପ୍ରାଣୀଙ୍କ ନିଦ୍ରା ଉପରେ ଏହାର ଏକ ପ୍ରମୁଖ ପ୍ରଭାବ ରହିଛି ଯାହା ବିଷୟରେ ଆସନ୍ତୁ ବିସ୍ତୃତ ଭାବେ ଆଲୋଚନା କରିବା। ଦିବସର ଅକ୍ଳାନ୍ତ ପରିଶ୍ରମ ପରେ ସ୍ୱଚ୍ଛ ଆଲୋକର ଉପସ୍ଥିତିରେ ଏକ ଚିନ୍ତାଶୂନ୍ୟ ମସ୍ତିଷ୍କ ନେଇ ଆମେ ଯେତେବେଳେ ନିଦ୍ରାଦେବୀଙ୍କ ଶରଣ ଯାଉ ଲାଗେ ଏ ପୃଥିବୀର ମାୟା ମମତାର ବହୁତ ଉର୍ଦ୍ଧ୍ୱକୁ ଆମେ ଚାଲି ଯାଉ। ଏହାଯେ କେବଳ ଆମ ଶରୀରକୁ ଆରାମ ଦିଏ ତା ନୁହଁ ବରଂ ଏହି ସମୟ ମଧ୍ୟରେ ଏକ ବ୍ୟାଟେରି ଭଳି ଆମର ପ୍ରତ୍ୟେକ ଅଙ୍ଗ ରିଚାର୍ଜ ହୁଏ ଓ ପରଦିନର କାର୍ଯ୍ୟ ପାଇଁ ନୂତନ ଶକ୍ତି ଯୋଗାଏ। ଏହା ପ୍ରତ୍ୟେକ ଜୀବଜଗତ ପାଇଁ ଏକ ସ୍ୱାଭାବିକ ପ୍ରକ୍ରିୟା କିନ୍ତୁ ମନୁଷ୍ୟ କ୍ଷେତ୍ରରେ ଆଜିର ବିଡମ୍ବନା ହେଲା ଯେ ତାକୁ ରାତିରେ ନିଦ ହେଉନାହିଁ। ୫ ମିନିଟ ଶୋଇଗଲା ପରେ ନିଦ ଭାଙ୍ଗିଯାଉଛି କିମ୍ବା ଯେତେ ଶୋଇଥିଲେ ବି ପରଦିନ ଦିନଯାକ ଘୁମାଇବାକୁ ପଡୁଛି। ବାଧ୍ୟ ହୋଇ ସେ ନିଦ ବଟିକାକୁ



ନିଜର ଶୟନ ସାଥୀ କରି ନେଇଛି।ଭାରତରେ ୫୦ ବର୍ଷରୁ ଅଧିକ ବୟସର ୪.୩% ପୁରୁଷ ଓ ୬.୫% ମହିଳା ଏପରି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଦିନଥିଲା ନିଦ ନ ହେଲେ ଆଇମା କହୁଥିଲା ପୁଅରେ ନିଦ ନ ହେଲେ ରାତିରେ ଉଷୁମ କ୍ଷୀର ଗ୍ଲାସ୍ ଟିଏ ପି ପକା କିମ୍ବା ପାଚିଲା କଦଳୀ ଗୋଟିଏ ଖାଇ ଶୋଇଯାଆ। ଏହା ମୂର୍ଖ ବ୍ୟକ୍ତିର ପ୍ରଳାପ ନ ଥିଲା ବରଂ ଆଜି ବିଜ୍ଞାନ ତାକୁ ଯୁକ୍ତିଯୁକ୍ତ ବୋଲି ପ୍ରମାଣିତ କରିଛି। ଏବେ ଜଣା ପଡିଛି ଯେ ନିଦ୍ରାହୀନତା ପାଇଁ ମୁଖ୍ୟତଃ ଭିଟାମିନ ବି ୧୨ର ଅଭାବ ଦାୟୀ। ପୁନଶ୍ଚ ରାତିରେ ଗୋଡର ମାଂସପେଶୀରେ ଦରଜ ହେବା କିମ୍ବା ମୋଡି ହେବା ମଧ୍ୟ ଏହି ଭିଟାମିନ ଅଭାବ କୁ ସୂଚାଇ ଥାଏ। ନିଦ୍ରାହୀନତା ସହିତ ଭିଟାମିନ ବି-୧୨ର ସମ୍ପର୍କ ଜାଣିବା ପୂର୍ବରୁ ଆସନ୍ତୁ ନିଦ ବିଷୟରେ ଟିକେ ଅଧିକ ଜାଣିବା। ନିଦ ସହିତ ଆମ ମସ୍ତିଷ୍କ ଓ ଅନ୍ତଃସ୍ରାବି ପ୍ରଣାଳୀ ବା ଏଣ୍ଡୋକ୍ରାଇନ ସିଷ୍ଟମ ଜଡିତ ଥାଏ। ନିଦ୍ରାବସ୍ଥାଟି ଏକ ନିଷ୍କ୍ରିୟ ଅବସ୍ଥା ନୁହେଁ ବରଂ ଏହି କ୍ଷେତ୍ରରେ ଶରୀର ଅତ୍ୟନ୍ତ ଗତିଶୀଳ ରହେ ଏବଂ ମସ୍ତିଷ୍କର ଚିନ୍ତନ ଶକ୍ତି ବୃଦ୍ଧି ପାଏ ଓ ଏଥିରେ ଭିନ୍ନତା ପରିଲକ୍ଷିତ ହୁଏ। ଦିନରେ ମସ୍ତିଷ୍କର Reticular activating system (RAS) ଓ ଥାଲାମସ୍, କର୍ଟେକ୍ସ ଓ ପେରିଫେରାଲ ନର୍ଭସ ସିଷ୍ଟମ ରୁ ଯୁକ୍ତାତ୍ମକ ସଂବେଦୀ ସଂକେତ ପାଇଲା ପରେ ଅତିବ ଉତ୍କଂଠିତ ଅବସ୍ଥାରେ ରହିଥାଏ। କିନ୍ତୁ ଦିବସ ଅତିକ୍ରାନ୍ତ ହେବା ସହିତ ମସ୍ତିଷ୍କର ଶୟନ କେନ୍ଦ୍ର ଗୁଡିକ ସକ୍ରିୟ ହୋଇ ଉଠନ୍ତି ଫଳରେ ଆରଏଏସ ଧିରେ ଧିରେ ତାର କ୍ରିୟାଶୀଳତା ହରାଇ ବସେ। ଅନ୍ଧାର କିମ୍ବା ଅଳ୍ପ ଆଲୋକ ରେଟିନୋହାଇପୋଥାଲାମିକ୍ ପାଥୱେକୁ ଉତ୍ତେଜିତ କରେ ଯାହା ସୁପ୍ରାଚିଆଜମେଟିକ୍ ନ୍ୟୁକ୍ଲିଅସ୍ କୁ ସଙ୍କେତ ପଠାଏ ପିନିଏଲ୍ ଗ୍ରନ୍ଥୀକୁ ମେଲାଟୋନିନ କ୍ଷରଣ କରିବାକୁ। ଥରେ ମସ୍ତିଷ୍କରେ ମେଲାଟୋନିନ୍ ସ୍ତର ବଢିଗଲେ ଶରୀର ନିଦ୍ରାର ୪ ଟି ଅବସ୍ଥାକୁ ପ୍ରବେଶ କରିବା ଆରମ୍ଭ କରିଦିଏ। ଚେତନ ଅବସ୍ଥାରୁ ନିଦ୍ରାବସ୍ଥାକୁ ଯିବାକୁ ୧ମ ସ୍ତରରେ ୧- ୧୫ ମିନିଟ ସମୟ ଲାଗିଥାଏ। ୨ୟ ସ୍ତରଟି ହେଉଛି ପ୍ରକୃତ ନିଦ୍ରାବସ୍ଥାର ପ୍ରଥମ ଅବସ୍ଥା ଯାହା ୨୦ ମିନିଟ ସମୟ ନେଇଥାଏ। ଏହି ଅବସ୍ତାରେ ଲୋକଟିକୁ ନିଦରୁ ଉଠାଇବା କଷ୍ଟକର ହୋଇଥାଏ। ୩ୟ ଅବସ୍ଥାରେ ଶରୀରର ତାପମାତ୍ରା ଓ ରକ୍ତଚାପ କମିବାକୁ ଆରମ୍ଭ କରେ ଏବଂ ଚକ୍ଷୁର ଗତି ଶିଥିଳ ହୋଇଯାଏ। ୪ର୍ଥ ଅବସ୍ଥାଟି ହେଉଛି ଗଭୀର ନିଦ୍ରାର ସମୟ ଯାହାର ଅବଧି ୩୦-୪୦ ମିନିଟ ଅଟେ। ଏହି ସମୟରେ ଲୋକେ ନିଦରେ ଚାଲିବା ଆରମ୍ଭ କରନ୍ତି କିମ୍ବା ଘୁଙ୍ଗୁଡି ମାରନ୍ତି କିମ୍ବା ବିଳିବିଳେଇ ଥାଆନ୍ତି। ଏହି ଅବସ୍ଥାରେ ମାଂସପେଶୀ ଗୁଡିକ ମାନ୍ଦା ପଡିଯାଆନ୍ତି କିନ୍ତୁ ସ୍ନାୟୁତନ୍ତ୍ର ସକ୍ରିୟ ରହି କୌଣସି ବାହ୍ୟ ସମ୍ବେଦନାର ପ୍ରତିକ୍ରିୟା ପ୍ରକାଶ କରିବାରେ ଅକ୍ଷମ ରହେନାହିଁ। କିନ୍ତୁ ଉଠିଲା ସମୟରେ ସମ୍ବେଦୀ ସଂକେତ ଗୁଡିକ ମେଲାଟୋନିନ୍ ର ସ୍ତର କମ୍ କରି ମସ୍ତିଷ୍କକୁ ତାର ଗତାନୁଗତିକ କାର୍ଯ୍ୟ ପାଇଁ ପ୍ରେରିତ କରନ୍ତି। ଏହା କେତେକ ନ୍ୟୁରୋ ଟ୍ରାନ୍ସମିଟର ଯଥା ଏସିଟିଲକୋଲିନ, ନରଏପିନେଫ୍ରିନ, ସିରୋଟୋନିନ, ଗ୍ଲୁଟାମେଟ ଓ ହିଷ୍ଟାମିନ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ମସ୍ତିଷ୍କର ମଧ୍ୟଭାଗ ଓ ପନ୍ସ (Pons) ମଧ୍ୟରେ ଥିବା ସ୍ନାୟୁ କୋଷଗୁଡିକ ଏସିଟିଲକୋଲିନ ଦ୍ୱାରା ଥାଲାମସ୍ର ଥାଲାମୋକର୍ଟିକାଲ କୋଷମାନଙ୍କ ଦ୍ୱାରା ଏହି କାର୍ଯ୍ୟ ସଂପାଦନ କରିଥାନ୍ତି। Locus coeruleus ରେ ଥିବା ସ୍ନାୟୁକୋଷଗୁଡିକ ବାହାରୁ ବିଭିନ୍ନ ସଙ୍କେତ ସଂଗ୍ରହ କରୁଥିବା କର୍ଟେକ୍ସ ଓ ଲିମ୍ବିକ୍ ସିଷ୍ଟମ୍‌ଗୁଡିକୁ ଉତ୍ତେଜିତ କରି ମସ୍ତିଷ୍କକୁ ଚେତନ ଅବସ୍ଥାରେ ସଜାଗ ରହିବାକୁ ପ୍ରେରିତ କରାନ୍ତି।

ଜଳରେ ଦ୍ରବୀଭୂତ ହୋଇ ପାରୁଥିବା ଏହି ଭିଟାମିନର ସକ୍ରିୟ ଆକାର ହେଲା ମିଥାଇଲ କୋବାଲାମିନ ଏବଂ ୫'- deoxyadenosylcobalamine । ଶରୀରର ଆବଶ୍ୟକ ଜେନେଟିକ ପଦାର୍ଥ ତିଆରି କରିବାରେ ସାହାଯ୍ୟ କରିବା ସହିତ ଏହା ହୋମୋସିଷ୍ଟିନ ସ୍ତରକୁ ବଜାୟ ରଖି ଆମକୁ ହୃଦଘାତରୁ ସୁରକ୍ଷା ପ୍ରଦାନ କରିଥାଏ। ଏତଦ୍ ବ୍ୟତୀତ ଲୋହିତ ରକ୍ତ କଣିକା ଏବଂ ମାଂସପେଶୀର ତନ୍ତୁ ସୃଷ୍ଟି କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରେ। ସିରୋଟୋନିନ ଯାହା ସିଧା ସଳଖ ନିଦ୍ରା ପାଇଁ ସହାୟକ ମେଲାଟୋନିନ୍ କ୍ଷରଣରେ ମୁଖ୍ୟ ଭୂମିକା ଗ୍ରହଣ କରେ ତାର ପ୍ରସ୍ତୁତିରେ ଭିଟାମିନ୍ ବି-୧୨ ଏକ କୋ ଫେକ୍ଟର ରୂପେ କାର୍ଯ୍ୟ କରେ। ସେହିପରି ଭିଟାମିନ ବି-୬ ପ୍ରସ୍ତୁତି ଚକ୍ରରେ ଏହାର ନିର୍ଦ୍ଦିଷ୍ଟ ସ୍ତର ରହିବା ଆବଶ୍ୟକ କାରଣ ଆମିନୋ ଏସିଡ ସବୁକୁ ରୂପାନ୍ତରିତ କରି ସିରୋଟୋନିନ୍, ମେଲାଟୋନିନ ଓ ଡୋପାମିନ୍ ଭଳି ମନୋଏମିନ ନ୍ୟୁରୋଟ୍ରାନ୍ସମିଟର ପ୍ରସ୍ତୁତିରେ ସହାୟତା କରୁଥିବା Tetrahydrobiopterinର ପ୍ରସ୍ତୁତିରେ ଓ ପୁନଃ ଜାଗୃତି କରଣରେ ଏହା ଏକ କୋଫେକ୍ଟର ଭାବେ କାର୍ଯ୍ୟ କରିଥାଏ। ଯଦି ଶରୀରରେ ଭିଟାମିନ ବି-୧୨ ସ୍ତର କମିଯାଏ ତେବେ ଡୋପାମିନ ର ପରିମାଣ କମିଯାଏ ଯାହା Slow Wave Sleep (SWS), Rapid Eye Movement Sleep (REMS)କୁ ପ୍ରତିହତ କରି ଚେତନ ଅବସ୍ଥାରେ ରହିବାକୁ ପ୍ରବର୍ତ୍ତାଏ। ତେଣୁ ବ୍ୟକ୍ତି ଜଣକ ନିଦ୍ରା ନ ଯାଇ ଚେଇଁ ରହିବାକୁ ପସନ୍ଦ କରେ। ଯଦିଓ ଏହାର ପ୍ରକୃତ କାରଣ ଓ ଭିଟାମିନ ବି-୧୨ ଓ ନିଦ୍ରାହୀନତା ମଧ୍ୟରେ ସଂପର୍କର ପୁରା ବ୍ୟାଖ୍ୟା ଏ ପର୍ଯ୍ୟନ୍ତ କରା ଯାଇ ପାରିନାହିଁ ତଥାପି ଡାକ୍ତର ମାନଙ୍କ ମତରେ ଏହି ଭିଟାମିନ ଗ୍ରହଣ କଲାପରେ ବହୁ ରୋଗୀ ଯେଉଁମାନେ ଇନସୋମାନିଆ, ଉତ୍କଂଠା, ଅବସାଦ, କ୍ଷୁଧାହୀନତା, ସ୍ମୃତିଶକ୍ତି ବିଲୋପ ଭଳି ରୋଗରେ ପୀଡିତ ଥାଆନ୍ତି ସେମାନେ ଅପେକ୍ଷାକୃତ ଭାବେ ଆରାମ ପାଉଛନ୍ତି। ଏହିସବୁ ଲକ୍ଷଣ ଦେଖା ଯାଉଥିଲେ ବି ଆମେ ସାଧାରଣତଃ ଏହାକୁ ହେୟ ମନେ କରିଥାଉ କିନ୍ତୁ ପ୍ରକୃତରେ ଏହି ଭିଟାମିନ ର ଅଭାବ ଯୋଗୁଁ ପ୍ରାକ୍ ସୂଚନା ଭାବେ ଆମ ପାଖକୁ ଏହି ଲକ୍ଷଣମାନ ଆସିଥାଏ। ଏଥିପାଇଁ ଆଜିକାଲି ନିଦ୍ରାହୀନତା ଅଭିଯୋଗ ନେଇ ଆସୁଥିବା ରୋଗୀର ଅନ୍ୟ ପରୀକ୍ଷଣ ସହ ଏହି ଭିଟାମିନ ର ଅଭାବ ରହିଛି କି ନାହିଁ ତାକୁ ପରୀକ୍ଷା କରିବା ଦରକାର। ଯଦି ଖାଦ୍ୟ ଗ୍ରହଣ କଲାପରି ଏହି ଭିଟାମିନ ଅଭାବକୁ ପୂରଣ କରି ପାରିବା ତେବେ ଆମ ଜୀବନରେ ସୁଖ ଶାନ୍ତିର କାରଣ ସାଜିଥିବା ନିଦ୍ରାହୀନତା ଭଳି ରୋଗକୁ ଆମେ ଦୁର କରି ପାରିବା ନଚେତ ଏହା ସହିତ ଯୋଡି ହୋଇ ରହିଥିବା ଆନୁସଂଗିକ ରୋଗ ସମୁହକୁ ଆମନ୍ତ୍ରଣ କରିବା ସାର ହେବ।

ଟିକ୍ରାପଡା ,ବଲାଙ୍ଗୀର ୭୬୭୦୦୧

# ସମ୍ବାଦ ବିଚିତ୍ରା

୧ ଖର୍ଚ୍ଚ ହ୍ରାସ କରିବାକୁ ଇ-କମର୍ସ କମ୍ପାନୀ ଆମାଜନ ୧୮,୦୦୦ କର୍ମଚାରୀଙ୍କୁ ଛଟେଇ କରିବାର ଯୋଜନା କରୁଛି।

୨ ତାଇୱାନ ଏହାର ପ୍ରତ୍ୟେକ ନାଗରିକଙ୍କୁ ପ୍ରାୟ ୨୦୦ ଡଲାର (ପ୍ରାୟ ୧୬,୦୦୦ ଟଙ୍କା) ଦେବାକୁ ଯୋଜନା କରିଛି।

୩ ଆମେରିକାର ଦୂତାବାସ ଏଥର ୧.୨୫ ଲକ୍ଷ ଭାରତୀୟ ଶିକ୍ଷାର୍ଥୀଙ୍କୁ ଭିଜା ପ୍ରଦାନ କରି ଏହାର ସମସ୍ତ ପୁରୁଣା ରେକର୍ଡ ଭାଙ୍ଗିଛି।

୪ ଆମେରିକା ଏବଂ ଚାଇନା ପୃଥିବୀର ସମସ୍ତ ଦେଶ ମଧ୍ୟରେ ଚନ୍ଦ୍ରପୃଷ୍ଠରେ ମାନବ ବସତି ସ୍ଥାପନ ପାଇଁ ଦୌଡ଼ରେ ଆଗୁଆ ରହିଛନ୍ତି।

୫ ତୃତୀୟ ଥର ପାଇଁ ବ୍ରାଜିଲ ରାଷ୍ଟ୍ରପତି ଭାବେ ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ରବିବାର ଶପଥ ଗ୍ରହଣ କରିଛନ୍ତି।

୬ ଚାଇନାରେ କରୋନା ସଂକ୍ରମଣ ଭୟଙ୍କର ରୂପ ନେଇଥିବା ବେଳେ ୨୩.୮ ନିୟୁତ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବର୍ତ୍ତମାନ ସୁଦ୍ଧା ଟିକା ନେଇ ନ ଥିବା ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି।

୭ ମାଓବାଦୀ ନେତା ପୁଷ୍ପ କମଲ ଦହଲ ପ୍ରଚଣ୍ଡ ନେପାଳର ନୂଆ ପ୍ରଧାନମନ୍ତ୍ରୀ। ତାଙ୍କୁ ଦେଶର ୨୭୫ ଏମ୍‌ପିଙ୍କ ମଧ୍ୟରୁ ୧୬୫ଜଣଙ୍କ ସମର୍ଥନ ରହିଛି।

୮ ଆମେରିକାରେ ଭାରତୀୟ ମୂଳ ବାସିନ୍ଦା ପଞ୍ଜାବୀ ମିକି ହୋଥିଙ୍କୁ ସର୍ବସମ୍ମତି କ୍ରମେ ଉତ୍ତର କାଲିଫର୍ନିଆ ଲୋଦି ସହରର ମେୟର ନିର୍ବାଚିତ କରାଯାଇଛନ୍ତି ।

୯ ବହୁ କୋଟି ଟଙ୍କାର ଚିଟ୍‌ଫଣ୍ଡ ଠକେଇ ମାମଲାର ତଦନ୍ତରେ ଅହେତୁକ ବିଳମ୍ବ ହେଉଥିବାରୁ ଜମାକାରୀ ନିଜ ଅର୍ଥ ଫେରସ୍ତ ପାଉନାହାନ୍ତି। ଜମାକାରୀମାନେ ୧୦-୧୫ ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

୧୦ ଅଯୋଧ୍ୟା ରାମମନ୍ଦିର ୨୦୨୪ ଜାନୁୟାରୀ ୧ରେ ଉଦ୍‌ଘାଟନ ହେବ।

୧୧ ବରିଷ୍ଠ ଆଇପିଏସ୍ ଅଫିସର ତଥା ଅତିରିକ୍ତ ପୋଲିସ ଡିଜି ଦେବେନ ଭାରତୀଙ୍କୁ ମୁମ୍ବାଇ ପାଇଁ ସ୍ୱତନ୍ତ୍ର ପୋଲିସ କମିଶନର ଭାବେ ନିଯୁକ୍ତି ଦିଆଯାଇଛି।

୧୨ ଭାରତ ସବୁଜ ହାଇଡ୍ରୋଜେନର ବିଶ୍ୱସ୍ତରୀୟ ହବରେ ପରିଣତ ହେବ। ପ୍ରତିବର୍ଷ ୫୦ ଲକ୍ଷ ଟନ ସବୁଜ ହାଇଡ୍ରୋଜେନ ଉତ୍ପାଦନ ହେବ ।

୧୩ ଜଣେ ମନ୍ତ୍ରୀଙ୍କ ଘୃଣା ଭାଷଣ ପାଇଁ ସୁପ୍ରିମ୍‌କୋର୍ଟ ବିଚାରପତି ବି.ବି. ନାଗରତ୍ନା ସରକାରଙ୍କୁ ଉତ୍ତରଦାୟୀ ବୋଲି କହିଛନ୍ତି।

୧୪ ମୂଳ ଭାରତୀୟ ଜୁଲି ଏ. ମାଥ୍ୟୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ଆମେରିକାର ଫୋର୍ଟ ବେଣ୍ଡ କାଉଣ୍ଟି କୋର୍ଟରେ ବିଚାରପତି ଭାବରେ ଚୟନ ହୋଇଛନ୍ତି।

୧୫ ଆନ୍ଧ୍ରପ୍ରଦେଶରେ ଏଣିକି ରାସ୍ତାରେ ଆଉ ସାଧାରଣ ସଭା ଓ ରାଲି ଅନୁଷ୍ଠିତ ହେବ ନାହିଁ। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

୧୬ କର୍ଣ୍ଣାଟକର ବିଜୟପୁର ଜିଲାରେ ଅବସ୍ଥିତ ଜ୍ଞାନଯୋଗାଶ୍ରମର ପ୍ରସିଦ୍ଧ ଧାର୍ମିକ ଗୁରୁ ସିଦ୍ଧେଶ୍ୱର ସ୍ୱାମିଜୀଙ୍କ ପରଲୋକ ଘଟିଛି। ତାଙ୍କୁ ୮୧ ବର୍ଷ ହୋଇଥିଲା।

୧୭ କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତି ଠିକ ଥିଲା ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ୨୦୧୬ ନଭେମ୍ବର ୮ରେ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ ବିମୁଦ୍ରୀକରଣ ପାଇଁ କେନ୍ଦ୍ରର ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ସମର୍ଥନ କରିଛନ୍ତି।

୧୮ ଦେଶରେ ପ୍ରାଣୀଙ୍କ ପାଇଁ ଇନ ଭିଟ୍ରୋ ଫର୍ଟିଲାଇଜେଶନ ଆଇଭିଏଫ ପାଇଁ ପ୍ରଥମ ଚାଳିତ ଲ୍ୟାବର ଲୋକାର୍ପଣ ଗୁଜରାଟର ଆମରେଲିରେ ସନ୍ଥ ମୁରାରୀ ବାପୁ ଓ କେନ୍ଦ୍ରମନ୍ତ୍ରୀ ପୁରୁଷୋତ୍ତମ ରୁପାଲା କରିଛନ୍ତି ।

୧୯ ୨୦୨୨ରେ ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ)କୁ ପାଖାପାଖି ୩୧,୦୦୦ ମହିଳା ବିରୋଧୀ ଅପରାଧ ଅଭିଯୋଗ ମିଳିଛି। ୨୦୧୪ରୁ ଏପର୍ଯ୍ୟନ୍ତ ଏହା ସର୍ବାଧିକ ହିଂସା ଅଭିଯୋଗ।

୨୦ ୨୦୨୨ ନଭେମ୍ବରରେ ଦେଶରେ ବେକାରି ହାର ୮% ଥିବାବେଳେ ଡିସେମ୍ବର ମାସରେ ଏହା ୮.୩୦%କୁ ବୃଦ୍ଧି ପାଇଛି।

୨୧ ମାର୍ଚ୍ଚ ୨୦୨୪ ସୁଦ୍ଧା ଜନଔଷଧି କେନ୍ଦ୍ର ସଂଖ୍ୟାକୁ ୧୦ ହଜାରକୁ ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଗତ ୮ ବର୍ଷ ମଧ୍ୟରେ ଜନଔଷଧି କେନ୍ଦ୍ର ମାଧ୍ୟମରେ ପ୍ରାୟ ୧୮ ହଜାର କୋଟି ଟଙ୍କା ସଞ୍ଚୟ ହୋଇଛି।

୨୨ ସୁପ୍ରିମକୋର୍ଟଙ୍କ ୨୦୨୨ ନଭେମ୍ବର ୪ ରାୟ ଅନୁଯାୟୀ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)ର ଯୋଗ୍ୟ ସଦସ୍ୟମାନେ ଉଚ୍ଚତର ପେନ୍‌ସନ ବିକଳ୍ପ ବାଛିପାରିବେ।

୨୩ ବିଚାରାଧୀନ ମାମଲା ପ୍ରସଙ୍ଗରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି ଯେ, ବ୍ୟକ୍ତିଗତ ସ୍ୱତନ୍ତ୍ରତା ମାମଲାରେ ଅତ୍ୟାବଶ୍ୟକ ଭାବନା ସହିତ ନିଷ୍ପତ୍ତି ନେବା ଜରୁରୀ।

୨୪ ଦୁଇବର୍ଷ ପରେ ତିବ୍ବତୀୟ ଆଧ୍ୟାତ୍ମିକ ଗୁରୁ ଦଲାଇ ଲାମା ଶୁକ୍ରବାର ବିହାରର ମହାବୋଧି ମନ୍ଦିର ଦର୍ଶନ କରିଛନ୍ତି। ଏହି ଅବସରରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ମଧ୍ୟ ସେ ସାକ୍ଷାତ୍ କରିଛନ୍ତି।

୨୫ ଏସିଆ ମହାଦେଶର ସବୁଠୁ ଧନୀ ଭାବେ ଜଣାଶୁଣା ବିଶିଷ୍ଟ ବ୍ୟବସାୟୀ ଗୌତମ ଆଦାନୀଙ୍କ କମ୍ପାନୀ ଆଦାନୀ ଗ୍ରୁପ୍ ଶୁକ୍ରବାର ନିଉଦିଲ୍ଲୀ ଟେଲିଭିଜନ ଲିମିଟେଡ (ଏନ୍‌ଡିଟିଭି)କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେଇଛି।

୨୬ ଦେଶର ବିଭିନ୍ନ ଭାଗରେ ରହୁଥିବା ପ୍ରବାସୀମାନଙ୍କ ମତଦାନ ପାଇଁ ନିର୍ବାଚନ କମିଶନ (ଇସି) ଏକ ରିମୋଟ୍ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଆଇଭିଏମ୍)ର ମଡେଲ ବିକଶିତ କରିଥିବା ରବିବାର କହିଛନ୍ତି।

୨୭ ୨୦୨୧ ବର୍ଷରେ ହୋଇଥିବା ସଡ଼କ ଦୁର୍ଘଟଣାରେ ସିଟ୍ ବେଲ୍ଟ ନ ବାନ୍ଧିବା କାରଣରୁ ୧୬,୩୯୭ ଜଣଙ୍କ ଜୀବନ ଯାଇଥିବା ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି।

୨୮ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) କେନ୍ଦ୍ର ସରକାରଙ୍କୁ ୨ କୋଟି କୋଭିଶିଲ୍ଡ କରୋନା ଟିକା ଡୋଜ୍ ମାଗଣାରେ ଯୋଗାଇ ଦେବା ନେଇ ବୁଧବାର କହିଛି।

୨୯ ଭିଜିଲାନ୍ସ କମିଶନର ପ୍ରବୀଣ କୁମାର ଶ୍ରୀବାସ୍ତବଙ୍କୁ ବୁଧବାର କାର୍ଯ୍ୟକାରୀ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି) ଭାବେ ନିଯୁକ୍ତ କରାଯାଇଛି।

୩୦ ଛତିଶଗଡ଼ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଲୀନା ନାଗବଂଶୀ ମଙ୍ଗଳବାର ରାୟଗଡ଼ସ୍ଥିତ ନିଜ ଘରେ ଆତ୍ମହତ୍ୟା କରିଛନ୍ତି।



ସମ୍ମାନ କେହି କାହାକୁ ଦିଏ ନାହିଁ- ନିଜର କାର୍ଯ୍ୟ ତାହାକୁ ଅର୍ଜନ କରେ।

# ସାଧାରଣ ଜ୍ଞାନ

## (1) ABBREVIATION

| | |
|---|---|
| 1. BHEL | Bharat Heavy Electricals Limited |
| 2. BSNL | Bharat Sanchar Nigam Limited |
| 3. CBDT | Central Board for Direct Taxes |
| 4. CDA | Central Dearness Allowance |
| 5. CCA | City Compensatory Allowance |
| 6. CAG | Comptroller & Auditor General of India |
| 7. FDI | Foreign Direct Investment |
| 8. FEMA | Foreign Exchange Management Act |
| 9. FERA | Foreign Exchange Regulation Act |
| 10.GDP | Gross Domestic Product |

## (୨) ପୁସ୍ତକ

୧.ସବୁଜରୁ ସାମ୍ପ୍ରତିକ - ନିତ୍ୟାନନ୍ଦ ଶତପଥୀ
୨.ତନୁଲତାର କାବ୍ୟ - ସୁନିଲ କୁମାର ପୃଷ୍ଟି
୩.ବନ୍ଦୀଶାଳାରେ ବିଶ୍ୱପତି - ନୀଳାଦ୍ରି ଭୂଷଣ ହରିଚନ୍ଦନ
୪.ମହାମେଘ - ପ୍ରତିଭା ଶତପଥୀ
୫ଗୋପପୁର - ରାମଚନ୍ଦ୍ର ବେହେରା

1. Ambedkar: A Life - Shashi Tharoor.
2. The World: A Family History of Humanity - Simon Sebag Montefiore
3. The Light We Carry: Overcoming In Uncertain Times - Michelle Obama
4. Miracles of Face Yoga - Mansi Gulati
5. Fit At Any Age - Retd. Air Marshal PV Iyer

## (୩) ପୁରସ୍କାର

୧- ୫ ତାରକା ରେଟିଂ - ବାରାଣାସୀ କାଣ୍ଟରେଲଷ୍ଟେସନ
୨- ଓଡକୁଜାଲ ପୁରସ୍କାର ୨୦୨୨ - ଲେଖକ ସୁଥାନ ମଙ୍ଗଦ
୩- ବିଶ୍ୱ ହାବିଟାଟ୍ ପୁରସ୍କାର ୨୦୨୩ - ଓଡ଼ିଶା (ଜାଗା ମିଶନ ପାଇଁ)
୪- ଅଟଳ ସମ୍ମାନ ଆୱାର୍ଡ - ପ୍ରଭୁ ଚନ୍ଦ୍ର ମିଶ୍ର
୫- ୱାର୍ଟନ୍-QS ରିମାଗାଇନ୍ ଶିକ୍ଷା ପୁରସ୍କାର ୨୦୨୨ - ଆଇଆଇଟି, ମାଡ୍ରାସ
୬- ଡିଜିଟାଲ ଇଣ୍ଡିଆ ଗୋଲ୍ଡ ସମ୍ମାନ - ଓଡ଼ିଶା ଅବକାରୀ ବିଭାଗ

## (୪) ନିଯୁକ୍ତି

୧- ଦେବେନ ଭାରତୀ - ସ୍ୱତନ୍ତ୍ର ପୁଲିସ କମିଶନର, ମୁମ୍ବାଇ
୨- ଅନିଲ୍ କୁମାର ଲାହୋଟି - ଅଧ୍ୟକ୍ଷ, ଭାରତୀୟ ରେଲୱେ ବୋର୍ଡ
୩- ଲେଫ୍ଟନାଣ୍ଟଜେନେରାଲ ଅରବିନ୍ଦ ୱାଲିଆ - ଇଂଜିନିୟର ଇନ୍ ଚିଫ ଅଫ ଆର୍ମି
୪- ସନ୍ତୋଷ କୁମାର ଯାଦବ - ଚେୟାରମ୍ୟାନ, ନ୍ୟାସନାଲ ହାଇୱେ ଅଥରଟି ଅଫ ଇଣ୍ଡିଆ
୫- ଅଶ୍ୱିନୀ ବୈଷ୍ଣବ - ଚ୍ୟାନସେଲର, ଗତିଶକ୍ତି ବିଶ୍ୱବିଦ୍ୟାଳୟ, ବରୋଦରା

## (୫) ଦେହାନ୍ତ

୧- ବାରବରା ୱାଲ୍‌ଟର୍ସ (୯୩) - ଟେଲିଭିଜନ ଉପସ୍ଥାପିକା ଏବଂ ଅଧିକ ଦରମା ପ୍ରାପ୍ତ ସମ୍ବାଦିକା
୨- କ୍ୟାଥେଲିକ୍ ପୋପ୍ ବେନେଡିକ୍ଟ ଷୋଡଶ (୯୫) - ପୂର୍ବତନ କ୍ୟାଥେଲିକ ପୋପ୍
୩- ସିଦ୍ଧେଶ୍ୱର ସ୍ୱାମୀ (୮୨) - ଭାରତୀୟ ହିନ୍ଦୁ ସନ୍ଥ
୪- କେଶରୀ ନାଥ ତ୍ରିପାଠୀ (୮୮) - ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ

## (୬) ରାଜ୍ୟ

୧. ରାଜ୍ୟର ନାମ - ଓଡିଶା
୨. ରାଜ୍ୟପାଳ - ଗଣେଶି ଲାଲ
୩. ମୁଖ୍ୟମନ୍ତ୍ରୀ - ନବୀନ ପଟ୍ଟନାୟକ
୪. ଗଠନ - ୧ ଏପ୍ରିଲ୍ ୧୯୩୬
୫. କ୍ଷେତ୍ରଫଳ - ୧୫୫,୭୦୭
୬. ରାଜଧାନୀ - ଭୁବନେଶ୍ୱର
୭. ଲୋକସଭା ସଭ୍ୟ ସଂଖ୍ୟା - ୨୧
୮. ରାଜ୍ୟସଭା ସଭ୍ୟ ସଂଖ୍ୟା -୧୦
୯. ବିଧାନ ସଭା ସଭ୍ୟସଂଖ୍ୟା - ୧୪୭
୧୦.ବିଧାନ ପରିଷଦ - ୦୦
୧୧.ମୁଖ୍ୟ ଭାଷା - ଓଡିଆ
୧୨.ଜନସଂଖ୍ୟା ସମୁଦାୟ - ୪୧,୯୪୭,୩୫୮(୨୦୧୧)
ପୁରୁଷ - ୨୧,୨୦୧,୬୭୮
ମହିଳା - ୨୦,୭୪୫,୬୮୦
୧୩.ଜନସଂଖ୍ୟା ବୃଦ୍ଧିହାର - ୧୩.୯୭%
୧୪.ଜନସଂଖ୍ୟା ଘନତ୍ୱ - ୨୬୯ /ବର୍ଗ କି.ମି
୧୫.ଶିଶୁ ଲିଙ୍ଗ ଅନୁପାତ - ୯୩୪ଝିଅ ୧୦୦୦ ପୁଅ
୧୬.ଲିଙ୍ଗ ଅନୁପାତ - ୯୭୮ ମହିଳା ୧୦୦୦ ପୁରୁଷରେ
୧୭.ସାକ୍ଷରତା ହାର - ୭୨.୯%
ପୁରୁଷ - ୮୨.୪୦ %
ମହିଳା - ୬୪.୩୬ %
୧୮.ଜିଲ୍ଲା - ୩୦
୧୯.ଗ୍ରାମ - ୪୭,୫୨୯
୨୦.ସହର - ୧୩୮
୨୧.ଜଙ୍ଗଲ ଜମି - ୪୮,୯୦୩ବର୍ଗ କି.ମି.
୨୨.ପର୍ଯ୍ୟଟନ ସ୍ଥଳୀ - ଲିଙ୍ଗରାଜ ମନ୍ଦିର, କେଦାରଗୌରୀ, ରାଜାରାଣୀ, ମୁକ୍ତେଶ୍ୱର, ପର୍ଶୁରାମେଶ୍ୱର, ଭାଇଟାଲ. କପିଳେଶ୍ୱର, ଜଗନ୍ନାଥ ମନ୍ଦିର, ପୁରୀ ସମୁଦ୍ର, ଚିଲିକା ହ୍ରଦ, ଧଉଳି ମନ୍ଦିର, ଲଳିତଗିରୀ, ରତ୍ନଗିରୀ, ଖଣ୍ଡଗିରୀ, ସପ୍ତଶର୍ଯ୍ୟା, ଗୋପାଳପୁର ହ୍ରଦ

## (୭) ଗୁରୁତ୍ୱପୂର୍ଣ୍ଣ ଡ୍ୟାମସ (ଓଡ଼ିଶା)

| | ଡ୍ୟାମ | ଜିଲ୍ଲା |
|---|---|---|
| ୧. | ହିରାକୁଦ | ସମ୍ବଲପୁର |
| ୨. | ଲୋଅର ଇନ୍ଦ୍ରାବତୀ | ନୂଆପଡ଼ା |
| ୩. | ବାଲିମେଳା | ମାଲକାନଗିରି |
| ୪. | ସାଲନ୍ଦୀ | କେନ୍ଦୁଝର |
| ୫. | ରେଙ୍ଗାଲି | ଅନୁଗୁଳ |



ସରଳତା ଓ ଗୋପନୀୟତା କେବେହେଲେ ବହୁକାଳ ଏକତ୍ର ରହିପାରିବେ ନାହିଁ।

## (୮) ଓଡ଼ିଶା

୧.୨୦୧୧ ଜନସଂଖ୍ୟା ଅନୁସାରେ ଓଡ଼ିଶାର ୧୦୦୦ପୁରୁଷରେ ମହିଳାମାନଙ୍କର ସଂଖ୍ୟା (ଲିଙ୍ଗହାର) କେତେ ?
(କ) ୯୭୯ (ଖ) ୯୭୨ (ଗ) ୯୮୭ (ଘ) ୯୮୯

୨.ସତ୍ୟବାଦୀ ବନବିଦ୍ୟାଳୟ କେବେ ଆରମ୍ଭ ହୋଇଥିଲା ?
(କ) ୧୨ଅଗଷ୍ଟ,୧୯୦୯ (ଖ) ୧୨ଅଗଷ୍ଟ,୧୯୧୯
(ଗ) ୧୨ଅଗଷ୍ଟ,୧୯୨୯ (ଘ) ୧୨ଅଗଷ୍ଟ,୧୯୩୯

୩.କଟକର ମିହିର ସେନ୍ କେବେ ଇଂଲିଶ୍ ଚ୍ୟାନେଲ ଅତିକ୍ରମ କରିଥିଲେ ?
(କ) ୧୯୫୭ (ଖ) ୧୯୫୮(ଗ) ୧୯୫୮ (ଘ) ୧୯୬୦

୪.ତାଳଧ୍ୱଜ ରଥରେ କେତେ ଖଣ୍ଡ କାଠ ବ୍ୟବହାର ହୁଏ ?
(କ) ୫୯୩ (ଖ) ୭୬୩ (ଗ) ୮୩୨ (ଘ) ୭୦୩

୫.ବିଜୁ ସେତୁ ଯୋଜନା କେବେ ଆରମ୍ଭ ହୋଇଛି ?
(କ) ୯.୧୦.୨୦୧୧ (ଖ) ୦୯.୧୦.୨୦୧୩
(ଗ) ୦୫.୧୦.୨୦୧୨ (ଘ) ୦୫.୧୦.୨୦୧୪

୬.ମହିମାଗାଦୀ ଯୋରନ୍ଦା କେଉଁ ଜିଲ୍ଲାରେ ଅଛି ?
(କ) ଅନୁଗୁଳ (ଖ) କଟକ
(ଗ) ଢେଙ୍କାନାଳ (ଘ) ସମ୍ବଲପୁର

୭.କେଉଁଟି ମାଘମାସରେ ପଡ଼େନା ?
(କ) ମକର ସଂକ୍ରାନ୍ତି (ଖ) ସରସ୍ୱତୀ ପୂଜା
(ଗ) ଅଗ୍ନି ଉତ୍ସବ (ଘ) ଶିବରାତ୍ରି

୮.କେଉଁଠାରେ ଦୂରଦର୍ଶନ କେନ୍ଦ୍ର ନାହିଁ ?
(କ) ବାରିପଦା (ଖ) ବାଲେଶ୍ୱର
(ଗ) ସମ୍ବଲପୁର (ଘ) ରାଉରକେଲା

୯.କିଏ 'ବାଣୀକଣ୍ଠ' ରୂପେ ପରିଚିତ ?
(କ) ମାୟାଧର ମାନସିଂହ (ଖ) ମଧୁସୂଦନ ରାଓ
(ଗ) ନିମାଇଁଚରଣ ହରିଚନ୍ଦନ (ଘ) ଲକ୍ଷ୍ମୀକାନ୍ତ ମହାପାତ୍ର

୧୦. ଓଡ଼ିଶାର କେଉଁ ଜିଲ୍ଲା ହଳଦୀ ଓ ଅଦା ଉତ୍ପାଦନ ପାଇଁ ପ୍ରସିଦ୍ଧ ?
(କ) କଳାହାଣ୍ଡି (ଖ) କୋରାପୁଟ
(ଗ) କନ୍ଧମାଳ (ଘ) ସମ୍ବଲପୁର

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ପ୍ରଶ୍ନବାଚକ ଚିହ୍ନଟି କ'ଣ ?
ଅମ୍ଳଜାନ:ଜଳିବା :: ଅଙ୍ଗାରକାମ୍ଳ: ?
(କ) ଅଲଗା କରିବା (ଖ) ଫେଣେଇବା
(ଗ) ଲିଭାଇବା (ଘ) ବିସ୍ଫୋରିତ କରିବା

୨. ପ୍ରଶ୍ନବାଚକ ଚିହ୍ନଟି କ'ଣ ?
ଚକ୍ଷୁ:ମଇଓପିଆ :: ଦାନ୍ତ: ?
(କ)ପାଇରିଆ (ଖ) କାଟାରାକ୍ଟ(ଗ) ଟ୍ରାକୋମା(ଘ) ଏକ୍‌ଜିମା

୩. ନିମ୍ନରେ ଦୁଇଟି ଶବ୍ଦ ପରସ୍ପର ସମ୍ପର୍କିତ । ଉତ୍ତରରେ ୪ଟି ଯୋଡି ଶବ୍ଦରୁ କେଉଁ ଯୋଡିଟି ଉକ୍ତ ଯୋଡି ଭଳି ସମ୍ପର୍କୀତ ଅଟେ ?
ୟନ୍ : ମୁଦ୍ରା
(କ) ପିତଳ: ଧାତୁ (ଖ) ପୁଷ୍ପ: ସୁଗନ୍ଧ
(ଗ) କାଗଜ: ପୁସ୍ତକ (ଘ) କର୍ଣ୍ଣାଟକ: ରାଜ୍ୟ

୪. ୪ଟି ଶବ୍ଦ ଦିଆଯାଇଛି । ସେଥିରୁ ୩ଟି ଏକାପ୍ରକାର । ଭିନ୍ନ ଶବ୍ଦଟିକୁ ଚିହ୍ନଟ କର ।
(କ) ମଣିପୁର (ଖ) ସିକିମ୍ (ଗ)ମହାରାଷ୍ଟ୍ର (ଘ) ଲାକ୍ଷାଦ୍ୱୀପ

୫. ଶୂନ୍ୟସ୍ଥାନ ପୂରଣ କର ?
୦,୨,୬,-,୨୦,୩୦,୪୨
(କ) ୮ (ଖ) ୧୦ (ଗ)୧୨ (ଘ) ୧୪

୬. କେଉଁ ସଂଖ୍ୟା କ୍ରମାନୁସାରେ ପରବର୍ତ୍ତୀ ସଂଖ୍ୟା ହେବ ?
୧,୨,୩,୬,୯,୧୮,?,୫୪
(କ) ୧୮ (ଖ) ୩୬ (ଗ)୮୧ (ଘ) ୨୭

୭. ଭୁଲ ସଂଖ୍ୟାଟି ବାଛ ?
୭,୨୮,୬୩,୧୨୪,୨୧୫,୩୪୨,୫୧୧
(କ) ୭ (ଖ) ୨୮ (ଗ)୧୨୪ (ଘ) ୨୧୫

୮. କେଉଁ ଦୁଇଟି ଶବ୍ଦ ବନ୍ଧନୀ ମଧ୍ୟରେ ରହିବ ?
**Z,X,V,T,R,( ), ( )**
(କ)**O K**(ଖ) **NM**(ଗ)**KS**(ଘ) **PN**

୯. ହରି ପ୍ରଥମରୁ ଗଣିଲେ ଶ୍ରେଣୀରେ ୧୫ତମ ସ୍ଥାନରେ ଅଛି । ତଳୁ ଗଣିଲେ ତାର ସ୍ଥାନ ୧୬ତମ । ତେବେ ସେ ଶ୍ରେଣୀରେ କେତେ ପିଲା ଅଛନ୍ତି ?
(କ)୩୦ (ଖ) ୩୧(ଗ) ୩୨(ଘ) ୩୩

୧୦. ଦିଆଯାଇଥିବା ପ୍ରଶ୍ନର ସଠିକ ଉତ୍ତର ଲେଖ
ଚିକିତ୍ସାଳୟର ମୁଖ୍ୟ ଅଂଶ କ'ଣ ?
(କ)ନର୍ସ (ଖ)ରୁମ୍ (ଗ) ଟେଲିଫୋନ୍ (ଘ) ଡାକ୍ତର

**ଉତ୍ତର**

**୧.(କ) ୯୭୯,୨.(କ) ୧୨ଅଗଷ୍ଟ,୧୯୦୯, ୩.(ଖ) ୧୯୫୮, ୪.(ଖ) ୭୬୩ , ୫.(କ) ୯.୧୦.୨୦୧୧.୬.(ଗ) ଢେଙ୍କାନାଳ, ୭.(ଘ) ଶିବରାତ୍ରି, ୮. (ଘ) ରାଉରକେଲା, ୯.(ଗ)ନିମାଇଁଚରଣ ହରିଚନ୍ଦନ, ୧୦.(ଗ) କନ୍ଧମାଳ**

**୧.(ଗ) ଲିଭାଇବା, ୨(କ)(କ)ପାଇରିଆ , ୩.(ଘ) କର୍ଣ୍ଣାଟକ: ରାଜ୍ୟ, ୪.(ଘ) ଲାକ୍ଷାଦ୍ୱୀପ, ୫.(ଗ)୧୨, ୬.(ଘ)୨୭, ୭.(ଖ) ୨୮ , ୮.(ଘ) PN, ୯. (କ)୩୦, ୧୦.(ଘ) ଡାକ୍ତର**



ଯେଉଁ ଲୋକ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବିଜୟୀ ହୋଇଛି, ସେ ହିଁ ପ୍ରକୃତ ଶକ୍ତିଶାଳୀ ମନୁଷ୍ୟ ।

## (୧୦) ଇତିହାସ

୧.ହରପ୍ପା ସଭ୍ୟତାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ କ'ଣ ?
(କ) ଓଜନମାପ (ଖ) ଟେରା କୋଟା
(ଗ) ନଗର ଯୋଜନା (ଘ) ଶସ୍ୟାଗାର

୨.ବୈଦିକ ଯୁଗରେ ଶାସନ ବ୍ୟବସ୍ଥାରେ ଥିବା ବିଧାନ ଗୃହର ନାମ କ'ଣ ?
(କ)ଗଣସଭା ଓ ମହାସଭା (ଖ) ସଭା ଓ ମହାସଭା
(ଗ) ଗ୍ରାମସଭା ଓ ରାଜସଭା (ଘ) ସଭା ଓ ସମିତି

୩.ଗୌତମ ବୁଦ୍ଧ କେଉଁ ସ୍ଥାନରେ ପ୍ରଥମେ ଧର୍ମପ୍ରଚାର (ଧର୍ମଚକ୍ର ପ୍ରବର୍ତ୍ତନ) ଆରମ୍ଭ କରିଥିଲେ ?
(କ) କପିଳାବସ୍ତୁ (ଖ) ବୈଶାଳୀ (ଗ) ସାଞ୍ଚି (ଘ) ସାରନାଥ

୪.କେଉଁ ସୁଲତାନ ଦିଲ୍ଲୀରୁ ଆଗ୍ରାକୁ ରାଜଧାନୀ ସ୍ଥାନାନ୍ତର କରିଥିଲେ ?
(କ)ଇଲତୁତମିସ୍ (ଖ)ବାହାଲୋଲ (ଗ)ସିକନ୍ଦାର ଲୋଦି (ଘ) ଇବ୍ରାହିମ ଲୋଦି

୫.କେଉଁ ବର୍ଷ ଗଜନୀର ମାମୁଦ ସୋମନାଥ ମନ୍ଦିର ଲୁଣ୍ଠନ କରିଥିଲେ ?
(କ)୧୦୦୨ (ଖ)୧୦୧୭ (ଗ)୧୦୨୬ (ଘ) ୧୦୩୩

୬.ସ୍ୱାଧୀନତା ପୂର୍ବରୁ ବେସରକାରୀ ଭାବେ କେଉଁଦିନ ଭାରତର ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା ?
(କ)୨୬ ଜାନୁଆରୀ ୧୯୨୯ (ଖ) ୨୬ ଜାନୁଆରୀ ୧୯୩୦
(ଗ)୨୬ ଜାନୁଆରୀ ୧୯୩୧ (ଘ) ୨୬ ଜାନୁଆରୀ ୧୯୩୫

୭.ଗାନ୍ଧିଜୀ କେଉଁଠାରୁ ଆଇନ ଅମାନ୍ୟ ଆନ୍ଦୋଳନ(୧୯୩୦) ଆରମ୍ଭ କରିଥିଲେ ?
(କ)ସାବରମତୀ ଆଶ୍ରମ (ଖ)ଓ୍ୱାର୍ଦ୍ଧା (ଗ)ଦାଣ୍ଡି (ଘ)ସେବାଶ୍ରାମ

୮."ଭାରତୀୟ ସ୍ୱାଧୀନତା ବିପ୍ଳବର ମାତା" ବୋଲି କାହାକୁ କୁହାଯାଏ ?
(କ)ରାଣୀ ଲକ୍ଷ୍ମୀବାଇ (ଖ)ମ୍ୟାଡ଼ାମ ଭିକାଜୀ କାମା
(ଗ)ସରୋଜିନୀ ନାଇଡୁ (ଘ)କସ୍ତୁରବା ଗାନ୍ଧୀ

୯.ସୁମେରୀୟମାନଙ୍କର ଲେଖନ ପ୍ରଣାଳୀକୁ କ'ଣ କୁହାଯାଏ ?
(କ)ହିରୋଗ୍ଲିଫିକ (ଖ)କୁନେଇ ଫର୍ମ
(ଗ)ଚିତ୍ରଲେଖ (ଘ)ପ୍ରାକୃତ

୧୦.ଇଟାଲୀ ଏକତ୍ରୀକରଣ ଓ ସ୍ୱାଧୀନତା ଆନ୍ଦୋଳନରେ କିଏ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ?
(କ)ମାଜିନି (ଖ)ଗାରିବାଲିଡି
(ଗ)କାଭୁର (ଘ)ଉପରୋକ୍ତ ସମସ୍ତେ

## (୧୧) ବାଣିଜ୍ୟ

୧.ଓଡ଼ିଶାରେ କେଉଁ ଟେଲିକମ୍ କମ୍ପାନୀ ଅକ୍ଟୋବରରେ ଓଡ଼ିଶାର ଓ୍ୱାର ଲାଇନ୍ ସେବାରେ କେତେ ତମ ସ୍ଥାନରେ ରହିଛି ?
(କ)ଏୟାରଟେଲ୍ (ଖ)ବି.ଏସ୍.ନାଲ
(ଗ)ରିଲାନ୍ସ ଜିଓ (ଘ) କୌଣସି ଟି ନୁହେଁ

୨.ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ କଲ୍ୟାଣ ଜୁଏଲର୍ସ ୨୦୨୩ ରେ ୫୨ ସପ୍ତାହରେ କେତୋଟି ନୂଆ ଷ୍ଟୋର ଖୋଲିବା ପାଇଁ ଯୋଜନା କରିଛି ?
(କ) ୫୨ (ଖ) ୫୩ (ଗ) ୫୪ (ଘ) ୫୬

୩.କେତେ ପ୍ରତିଶତ ଭାରତୀୟ ଶ୍ରମିକଙ୍କର ଡ଼ିଜିଟାଲ ଦକ୍ଷତା ନାହିଁ ?
(କ) ୯୦ (ଖ) ୯୫ (ଗ) ୯୮ (ଘ) ୫୯

୪.ବାଣିଜ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁସାରେ ଭାରତର ପାଇକାରି ମୁଦ୍ରାସ୍ଫିତି ନଭେମ୍ବରରେ କେତେ ପ୍ରତିଶତକୁ ହ୍ରାସ ପାଇଛି ?
(କ)୬.୮୫% (ଖ)୫.୮୫% (ଗ)୪.୮୫% (ଘ)୩.୮୫%

୫.ଚଳିତ ଆର୍ଥିକ ବର୍ଷର ୮ମାସ ୨୦୨୨ ଏପ୍ରିଲରୁ ନଭେମ୍ବର ମଧ୍ୟରେ ଟ୍ରାକ୍ଟର ରପ୍ତାନି ବ୍ରାଣ୍ଡ ସୋନାଳିକା କେତେ ଲକ୍ଷରୁ ଅଧିକ ଟ୍ରାକ୍ଟର ବିକ୍ରି କରିପାରିଛି ?
(କ)୧ଲକ୍ଷ (ଖ)୧.୫ଲକ୍ଷ (ଗ)୨ଲକ୍ଷ (ଘ)୨.୫ଲକ୍ଷ

୬.ଚଳିତ ଆର୍ଥିକ ବର୍ଷ ଏପ୍ରିଲ୍‌ରୁ ନଭେମ୍ବର ଶେଷ ସୁଦ୍ଧା ପ୍ରତ୍ୟକ୍ଷ କର କେତେ ପ୍ରତିଶତ ବୃଦ୍ଧି ପାଇଛି ?
(କ)୨୨ (ଖ)୨୩ (ଗ)୨୬ (ଘ) ୨୪

୭.ସ୍କ୍ରାପର ବିକ୍ରିକରି କେତେ କୋଟିରୁ ଅଧିକ ଆୟ କଲା ଉତ୍ତର ପଶ୍ଚିମ ବୋର୍ଡ଼ ?
(କ)୧୨୦କୋଟି (ଖ)୧୩୦କୋଟି (ଗ)୧୪୦କୋଟି (ଘ)୧୫୦କୋଟି

୮.'ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ' ପରିଚାଳିତ ଦ୍ୱାରା କେତୋଟି ବିମାନ ବନ୍ଦରକୁ ୨୦୨୫ ସୁଦ୍ଧା ଲିଷ୍ଟରେ ଦିଆଯିବ ?
(କ)୨୫ଟି (ଖ) ୨୮ଟି (ଗ) ୩୦ଟି (ଘ) ୩୬ଟି

୯.ନେପାଳର କେତୋଟି ଭାରତୀୟ ଫାର୍ମା କମ୍ପାନୀକୁ କଳା ତାଲିକା ଭୁକ୍ତ କରାଯାଇଛି ?
(କ)୧୬ (ଖ) ୧୯ (ଗ)୨୦ (ଘ)୨୨

୧୦. ଭାରତର ୯.୬ କୋଟି ଲୋକଙ୍କ ପାଖରେ ପାସପୋର୍ଟ ରହିଛି । ତେଣୁ ଏହା ଦେଶର କେତେ ପ୍ରତିଶତ ?
(କ)୭.୫% (ଖ)୮.୨% (ଗ)୬.୭% (ଘ)୭.୨%

### ଉତ୍ତର

**୧.(ଗ) ନଗର ଯୋଜନା, ୨.(ଘ) ସଭା ଓ ସମିତି, ୩.(ଘ) ସାରନାଥ, ୪.(ଗ)ସିକନ୍ଦାର ଲୋଦି, ୫.(ଗ)୧୦୨୬, ୬.(ଖ) ୨୬ ଜାନୁଆରୀ ୧୯୩୦, ୭.(କ)ସାବରମତୀ ଆଶ୍ରମ, ୮.(ଖ) ମାଡ଼ାମ ଭିକାଜୀ କାମା, ୯.(ଖ) କୁନେଇ ଫର୍ମ, ୧୦.(ଘ) ଉପରୋକ୍ତ ସମସ୍ତେ**

**୧.(ଗ)ରିଲାନ୍ସ ଜିଓ, ୨.(କ) ୫୨, ୩.(ଖ)୯୫, ୪.(କ)୬.୮୫%, ୫.(କ)୧ଲକ୍ଷ, ୬.(ଘ)୨୪, ୭.(ଗ)୧୪୦କୋଟି, ୮.(କ)୨୫ଟି, ୯.(କ)୧୬, ୧୦.(ଘ)୭.୨%**



ନିଜ ହାତରେ ନିଜର ଭବିଷ୍ୟତ ଗଢ଼ିବା ଭିତରେ ହିଁ ମନୁଷ୍ୟର ପୁରୁଷାକାର ରହିଛି ।

## (୧୨) ଅର୍ଥନୀତି

୧.୨୦୨୩ ରେ ଆରବିଆଇ ରେପୋରେଟ କେତେ ପ୍ରତିଶତକୁ ବଢ଼ାଇ ପାରନ୍ତି ବୋଲି ଆକଳନ କରାଯାଇଛି ?
(କ)୬.୭୫ (ଖ)୬.୨୫
(ଗ)୬.୨୦ (ଘ)୮.୭୫

୨.ଏସିଆନ ଡେଭେଲପମେଣ୍ଟ ବ୍ୟାଙ୍କ ଚଳିତ ବର୍ଷ ଏସିଆର ବିକାଶମୁଖୀ ରାଷ୍ଟ୍ରର ଆର୍ଥିକ ଅଭିବୃଦ୍ଧି ହାର କେତେ ପ୍ରତିଶତ ରହିବ ବୋଲି ଆକଳନ କରିଛି ?
(କ)୪.୫ (ଖ)୫.୫
(ଗ)୪.୨ (ଘ)୪.୭

୩.ଚଳିତ ଆର୍ଥିକ ବର୍ଷ ଭାରତର ଅଭିବୃଦ୍ଧି ହାର କେତେ ପ୍ରତିଶତ ରହିବ ବୋଲି ଏସିଆନ ଡେଭେଲପମେଣ୍ଟ ବ୍ୟାଙ୍କ କରିଛି ?
(କ)୭% (ଖ)୭.୫%
(ଗ)୨.୫% (ଘ)୯%

୪.ଏ ବର୍ଷ ଅସ୍ୱାଭାବିକ ପାଣିପାଗ ହେତୁ ଆଖୁ ଉତ୍ପାଦନ ହ୍ରାସ ପାଇଛି । ତେଣୁ ଚଳିତ ବର୍ଷ ଦେଶର ଚିନି ଉତ୍ପାଦନ କେତେ ମିଲିଅନ ଟନ ହେବ ବୋଲି ପୂର୍ବାନୁମାନ କରାଯାଇଛି ?
(କ)୩୭.୫ (ଖ)୪୫.୫
(ଗ)୩୬.୫ (ଘ)୩୪.୫

୫. କେତେ ପ୍ରତିଶତ ଟ୍ୱିଟର ଏଲନ ମସ୍କ ତାଙ୍କର ପଦରୁ ଓହରି ଯିବା ସପକ୍ଷରେ ରାୟ ଦେଇଥିଲେ ?
(କ)୭୭% (ଖ)୬୭%
(ଗ)୫୦% (ଘ)୫୮%

୬. ଦେଶର କେତୋଟି ବନ୍ଦର ବିକାଶ କରିବା ଲାଗି ରାଷ୍ଟ୍ରାୟତ ଇଣ୍ଡିଆନ ଇନଫ୍ରାଷ୍ଟ୍ରଚର ଫାଇନାନ୍ସ ଲିମିଟେଡ୍ ୮୨୪୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି ?
(କ)୨୦ (ଖ) ୨୨
(ଗ)୩୦ (ଘ) ୨୭

୭. ଚଳିତ ଆର୍ଥିକ ବର୍ଷର ପ୍ରଥମ ୮ମାସ ଏପ୍ରିଲରୁ ନଭେମ୍ବର ମଧ୍ୟରେ କ୍ରୁଡ଼ ଅଏଲ ଆମଦାନୀ କେତେ ପ୍ରତିଶତ ବୃଦ୍ଧି ପାଇଛି ?
(କ)୩୭.୫୮ (ଖ)୫୭.୫୬
(ଗ)୪୭.୫୫ (ଘ)୫୨.୫୮

୮.ଆସନ୍ତା ୨୦୩୧ ମସିହା ସୁଦ୍ଧା ଭାରତରେ କେତୋଟି ନ୍ୟୁକ୍ଲିୟର ପ୍ଲାଣ୍ଟ ପ୍ରତିଷ୍ଠା ହେବ ଏବଂ ଏଥିରୁ ୧୫ହଜାର ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦିତ ହେବ ?
(କ)୨୦ଟି (ଖ)୨୨ଟି
(ଗ) ୨୫ଟି (ଘ)୨୭ଟି

୯. ଚଳିତ ଆର୍ଥିକ ବର୍ଷ ପାଇଁ ଭାରତ ଜିଡିପି ବୃଦ୍ଧି ହାର କେତେ ପ୍ରତିଶତ ମଧ୍ୟରେ ରହିବ ବୋଲି କେନ୍ଦ୍ରସରକାର ପୂର୍ବାନୁମାନ କରିଛନ୍ତି ?
(କ)୧୨% (ଖ) ୭%
(ଗ) ୯% (ଘ) ୧୦%

୧୦.କେବେଠାରୁ ସିଲିଂ ଫ୍ୟାନ୍ ଏନର୍ଜି ଷ୍ଟାର ଲେବଲିଙ୍ଗ୍ ବାଧ୍ୟତାମୂଳକ କରାଯାଇଛି ଯାହାଫଳରେ ଫ୍ୟାନ୍‌ର ଦାମ ୮ରୁ ୨୦ ପ୍ରତିଶତ ବୃଦ୍ଧି ନେଇ ପୂର୍ବାନୁମାନ କରାଯାଉଛି ?
(କ)୧ ଜାନୁଆରୀ ୨୦୨୩ (ଖ)୧୨ ଅଗଷ୍ଟ ୨୦୨୩
(ଗ)୫ ମାର୍ଚ୍ଚ ୨୦୨୩ (ଘ)୨୬ ଜାନୁଆରୀ ୨୦୨୩

## (୧୩) କ୍ରୀଡ଼ା

୧. ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୨୦୨୨ର ଟି-୨୦ ବିଶ୍ୱକପରେ ଇଂଲଣ୍ଡ କେଉଁ ଦେଶକୁ ପରାସ୍ତ କରି ଚାମ୍ପିଆନ ହୋଇଛି ?
(କ) ନ୍ୟୁଜିଲାଣ୍ଡ (ଖ) ଭାରତ (ଗ) ଅଷ୍ଟ୍ରେଲିଆ (ଘ) ପାକିସ୍ତାନ

୨. ୨୦୨୨ର ଟି-୨୦ ବିଶ୍ୱକପରେ କିଏ ସର୍ବାଧିକ ରନ କରିଥିଲେ ?
(କ) ବିରାଟ କୋହଲୀ (ଖ) ସୂର୍ଯ୍ୟକୁମାର ଯାଦବ
(ଗ) ଜୋସ୍ ବଟଲର୍ (ଘ) ଅଲେକ୍ସ ହେଲ୍ସ

୩. ୨୦୨୨ର ଟି-୨୦ ବିଶ୍ୱକପରେ କିଏ ସର୍ବାଧିକ ୱିକେଟ ନେଇଛନ୍ତି ?
(କ) ବାସ୍ ଡି ଲିଡା (ଖ) ବ୍ଲେସିଙ୍ଗ୍ ମୁଜାରାବନି
(ଗ) ୱାନିନ୍ଦୁ ହସରଙ୍ଗା (ଘ) ଅନରିକ୍ ନୋର୍କିୟା

୪. ୨୦୨୨ର ଟି-୨୦ ବିଶ୍ୱକପରେ କିଏ ପ୍ଲେୟାର୍ ଅଫ୍ ଦ ସିରିଜ୍ ପୁରସ୍କାର ହାସଲ କରିଛନ୍ତି ?
(କ) ଜୋସ୍ ବଟ୍‌ଲର୍ (ଖ) ସାମ୍ କରନ୍
(ଗ) ସାଦାବ୍ ଖାନ୍ (ଘ) ଡେଭନ୍ କନ୍‌ୱେ

୫. ୨୦୨୨ର ଫିଫା ବିଶ୍ୱକପର ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ କାତାରକୁ କେଉଁ ଦଳ ପରାସ୍ତ କରିଥିଲା ।
(କ) ସେନେଗାଲ (ଖ) ଇକ୍ୱେଡର (ଗ) ପୋଲାଣ୍ଡ (ଘ) ଫ୍ରାନସ୍

୬. ୨୦୨୨ର ଫିଫା ବିଶ୍ୱକପରେ ଆର୍ଜେଣ୍ଟିନା ଏହାର ପ୍ରଥମ ମ୍ୟାଚରେ କାହାଠାରୁ ଅପ୍ରତ୍ୟାଶିତ ଭାବେ ପରାସ୍ତ ହୋଇଛି ?
(କ) ଜାପାନ (ଖ) ଘାନା (ଗ) ସାଉଦି ଆରବ (ଘ) ଅଷ୍ଟ୍ରେଲିଆ

୭. ଫୁଟବଲ ବିଶ୍ୱକପର କେଉଁ ପୂର୍ବତନ ଚାମ୍ପିଆନ ଦଳ କାତାରରେ ଅନୁଷ୍ଠିତ ୨୦୨୨ର ଫିଫା ବିଶ୍ୱକପ ସକାଶେ କ୍ୱାଲିଫାଇ କରିନାହିଁ ?
(କ) ହଙ୍ଗେରୀ (ଖ) ଇଟାଲୀ (ଗ) ଉରୁଗୁଏ (ଘ) ଚିଲୀ

୮. ୨୦୨୪ର ଅଲିମ୍ପିକ୍ କ୍ରୀଡ଼ା କେଉଁଠାରେ ଆୟୋଜିତ ହେବ ?
(କ) ବ୍ରିସବେନ୍ (ଖ) ଲଣ୍ଡନ (ଗ) ମାଡ୍ରିଦ (ଘ) ପ୍ୟାରିସ

୯. ଜାନୁଆରୀ ୨୦୨୩ରେ ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜିତ ହେଉଥିବା ପୁରୁଷ ହକି ବିଶ୍ୱକପ ଏହି ପ୍ରତିଯୋଗିତାର କେତେତମ ସଂସ୍କରଣ ଅଟେ ?
(କ) ୧୩ତମ (ଖ) ୧୪ତମ (ଗ) ୧୫ତମ (ଘ) ୧୬ତମ

୧୦. ଅଗଷ୍ଟ ୨୦୨୩ରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ କେଉଁଠାରେ ଖେଳାଯିବ ?
(କ) ବୁଡାପେଷ୍ଟ (ଖ) ଓରେଗନ୍ (ଗ) ଦୋହା (ଘ) ବୁକାରେଷ୍ଟ

**ଉତ୍ତର**

**୧.(କ)୬.୭୫, ୨.(ଗ)୪.୨, ୩.(କ)୭%, ୪.(ଗ)୩୬.୫, ୫.(ଘ)୫୮%, ୬.(କ)୨୦, ୭.(ଘ)୫୨.୫୮, ୮.(କ)୨୦ଟି, ୯.(ଖ) ୭%, ୧୦.(କ)୧ ଜାନୁଆରୀ ୨୦୨୩**

**୧.(ଘ) ପାକିସ୍ତାନ, ୨.(କ) ବିରାଟ କୋହଲୀ, ୩.(ଗ) ୱାନିନ୍ଦୁ ହସରଙ୍ଗା, ୪.(ଖ) ସାମ୍ କରନ୍, ୫.(ଖ) ଇକ୍ୱେଡର, ୬.(ଗ) ସାଉଦି ଆରବ, ୭. (ଖ) ଇଟାଲୀ, ୮.(ଘ) ପ୍ୟାରିସ, ୯.(ଗ) ୧୫ତମ, ୧୦.(କ) ବୁଡାପେଷ୍ଟ**

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ୨୦୨୧ ପାଇଁ ଜ୍ଞାନପୀଠ ପୁରସ୍କାର ପାଇଥିବା ନୀଳମଣି ଫୁକନ କେଉଁ ଭାଷାର ଜଣେ ପ୍ରସିଦ୍ଧ ସାହିତ୍ୟିକ ?
(କ) ମଣିପୁରୀ (ଖ) ବୋଡ଼ୋ (ଗ) ଅହମିଆ (ଘ) ଇଂରାଜୀ

୨. ୨୦୨୨ ପାଇଁ ଜ୍ଞାନପୀଠ ପୁରସ୍କାର ଲାଭ କରିଥିବା ଦାମୋଦର ମାଉଜୋ କେଉଁ ଭାଷାର ଜଣେ ପ୍ରସିଦ୍ଧ ଲେଖକ ?
(କ) କୋଙ୍କଣୀ (ଖ) କନ୍ନଡ଼ (ଗ) ମରାଠୀ (ଘ) ହିନ୍ଦୀ

୩. ଆନ୍ନି ଏର୍ନାଉଙ୍କୁ ମିଶାଇ ଏପର୍ଯ୍ୟନ୍ତ କେତେଜଣ ମହିଳାଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ମିଳିସାରିଲାଣି ?
(କ) ୧୫ଜଣ (ଖ) ୧୬ଜଣ (ଗ) ୧୭ଜଣ (ଘ) ୧୮ଜଣ

୪. ୨୦୨୨ର ବୁକର୍ ପୁରସ୍କାର ଜିଣିଥିବା ଶେହାନ୍ କରୁଣାତିଲକେ କେଉଁ ଦେଶର ନାଗରିକ ?
(କ) ଭାରତ (ଖ) ଶ୍ରୀଲଙ୍କା (ଗ) ମାଲେସିଆ (ଘ) କେନିୟା

୫. ନୋବେଲ ପୁରସ୍କାର ପାଇଥିବା ସ୍ପାନିଶ୍ ଭାଷାର ପ୍ରସିଦ୍ଧ ସାହିତ୍ୟିକ ଗାବ୍ରିଏଲ ଗାର୍ସିଆ ମାର୍କ୍ୱେଜଙ୍କ ଜନ୍ମ କେଉଁ ଦେଶରେ ହୋଇଥିଲା ?
(କ) ମେକ୍ସିକୋ (ଖ) ବଲିଭିଆ (ଗ) ପେରୁ (ଘ) କଲମ୍ବିଆ

୬. ମାଲକାନଗିରି ଜିଲ୍ଲାରେ ଡ. ସିଦ୍ଧାର୍ଥଙ୍କ ମ୍ୟାଲେରିଆ ନିରାକରଣର କାହାଣୀ ଉପରେ ଆଧାରିତ ଓଡ଼ିଆ ଚଳଚିତ୍ରର ନାମ କଣ ?
(କ) ଦୃଷ୍ଟିକୋଣ (ଖ) ଦମନ (ଗ) କୁରୁକ୍ଷେତ୍ର (ଘ) ମାୟା ଦର୍ପଣ

୭. ଗୋଆରେ ଆୟୋଜିତ ୫୩ତମ ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିବା ଓଡ଼ିଆ ଚଳଚିତ୍ରର ନାମ କଣ ?
(କ) ଦୃଷ୍ଟିକୋଣ (ଖ) ଦମନ (ଗ) ପ୍ରତୀକ୍ଷା (ଘ) ପ୍ରତିଜ୍ଞା

୮. ପୂର୍ବେ ପାରସ୍ୟ ବା ଇରାନ ଦେଶରେ ପ୍ରଚଳିତ ପାର୍ସି ଧର୍ମକୁ କିଏ ପ୍ରତିଷ୍ଠା କରିଥିଲେ ?
(କ) ବାହାଉଲ୍ଲାହ (ଖ) କନ୍‌ଫୁସିୟସ୍
(ଗ) ଜୋରାଷ୍ଟର (ଘ) ଗୁଲଗାମିଶ୍

୯. ପ୍ରସିଦ୍ଧ ପଦ୍ମନାଭସ୍ୱାମୀ ମନ୍ଦିର କେଉଁଠାରେ ଅବସ୍ଥିତ ?
(କ) ତିରୁଚିରପଲ୍ଲୀ (ଖ) ତାଞ୍ଜାବୁର
(ଗ) ରାମେଶ୍ୱରମ୍ (ଘ) ତିରୁଅନନ୍ତପୁରମ

୧୦. ବ୍ରହ୍ମେଶ୍ୱର, ପର୍ଶୁରାମେଶ୍ୱର, ସିଦ୍ଧେଶ୍ୱର, ଭାସ୍କରେଶ୍ୱର ଆଦି ମନ୍ଦିର କେଉଁଠାରେ ଅବସ୍ଥିତ ?
(କ) ଖାଜୁରାହୋ (ଖ) ତିରୁଅନନ୍ତପୁରମ
(ଗ) ମହୀଶୂର (ଘ) ଭୁବନେଶ୍ୱର

## (୧୫) ଭୂଗୋଳ

୧. ଲଣ୍ଡନ ଦେଇ କେଉଁ ନଦୀ ପ୍ରବାହିତ ହୁଏ ?
(କ) ନଦୀ ସେଭର୍ନ୍ (ଖ) ନଦୀ ଟ୍ରେଣ୍ଟ
(ଗ) ଥମେସ୍ ନଦୀ (ଘ) ମହାନ ଗ୍ରେଟ୍

୨. ସାହାରା ମରୁଭୂମି କେଉଁ ମହାଦେଶରେ ଅବସ୍ଥିତ ?
(କ) ଏସିଆ (ଖ) ଦକ୍ଷିଣ ଆମେରିକା (ଗ) ଆଫ୍ରିକା (ଘ) ୟୁରୋପ

୩. ମାଉଣ୍ଟ ଏଭରେଷ୍ଟ କେତେ ଉଚ୍ଚ ?
(କ) ୬,୮୪୯ ମି (ଖ) ୭,୮୪୯ ମି
(ଗ) ୮,୮୪୯ ମି (ଘ) ୯,୮୪୯ ମି

୪. ସଂଯୁକ୍ତ ଆରବ ଏମିରେଟ୍ସର ରାଜଧାନୀ କ'ଣ ?
(କ) ଦୁବାଇ (ଖ) ଆବୁଧାବି (ଗ) ଶାରଜା (ଘ) ଅଜମାନ

୫. ଦୁନିଆର ସବୁଠାରୁ ଛୋଟ ଦେଶ କ'ଣ ?
(କ) ଆଣ୍ଡୋରା (ଖ) ଲକ୍ସେମବର୍ଗ
(ଗ) ଭାଟିକାନ୍ ସହର (ଘ) ବେଲଜିୟମ୍

୬. ସ୍କଟଲ୍ୟାଣ୍ଡର ସର୍ବୋଚ୍ଚ ପର୍ବତ କ'ଣ ?
(କ) ବେନ୍ ମାକଡୁଇ (ଖ) ବ୍ରେରିଆଚ୍
(ଗ) ବେନ୍ ନେଭିସ୍ (ଘ) କେର୍ନ୍ ଟୁଲ୍

୭. ନିମ୍ନଲିଖିତ ଦେଶଗୁଡିକ ମଧ୍ୟରୁ କେଉଁଟି ଉତ୍ତର ଦିଗରେ ଅଛି ?
(କ) ସ୍କଟଲ୍ୟାଣ୍ଡ (ଖ) ନେଦରଲ୍ୟାଣ୍ଡ (ଗ) ବେଲଜିୟମ (ଘ) ପୋଲାଣ୍ଡ

୮. କେଉଁ ମାଉଣ୍ଟେନ୍ ରେଞ୍ଜରେ ଆପଣ ମଣ୍ଟ୍ ବ୍ଲାନ୍କ ପାଇପାରିବେ ?
(କ) ପାଇରେନସ୍ । (ଖ) କାର୍ପାଥିଆନ୍ ପର୍ବତଗୁଡିକ
(ଗ) କାକାସ୍ ପର୍ବତ (ଘ) ଆଲପ୍ସ

୯. ଦୁନିଆର ସବୁଠାରୁ ଲମ୍ବା ନଦୀ କ'ଣ ?
(କ) ଆମାଜନ ନଦୀ (ଖ) ୟାଙ୍ଗଟେଜ୍ ନଦୀ
(ଗ) ନୀଳ ନଦୀ (ଘ) ହଳଦିଆ ନଦୀ

୧୦. କେଉଁ ଦେଶ ସୁବର୍ଣ୍ଣ ତ୍ରିରଙ୍ଗା ଉପରେ ଅବସ୍ଥିତ ନୁହେଁ ?
(କ) ଥାଇଲ୍ୟାଣ୍ଡ (ଖ) ଲାଓସ (ଗ) ମିଆଁମାର (ଘ) ଚୀନ୍

**ଉତ୍ତର**

**୧.(ଗ) ଅହମିଆ, ୨.(କ) କୋଙ୍କଣୀ, ୩.(ଗ) ୧୭ଜଣ, ୪.(ଖ) ଶ୍ରୀଲଙ୍କା, ୫.(ଘ) କଲମ୍ବିଆ, ୬.(ଖ) ଦମନ, ୭.(ଗ) ପ୍ରତୀକ୍ଷା, ୮.(ଗ) ଜୋରାଷ୍ଟର, ୯.(ଘ) ତିରୁଅନନ୍ତପୁରମ, ୧୦.(ଘ) ଭୁବନେଶ୍ୱର**

**୧.(ଗ) ଥମେସ୍ ନଦୀ, ୨.(ଗ) ଆଫ୍ରିକା, ୩.(ଗ) ୮,୮୪୯ ମି, ୪.(ଖ) ଆବୁଧାବି, ୫.(ଗ) ଭାଟିକାନ୍ ସହର, ୬.(ଗ) ବେନ୍ ନେଭିସ୍, ୭.(କ) ସ୍କଟଲ୍ୟାଣ୍ଡ, ୮.(ଘ) ଆଲପ୍ସ, ୯.(ଗ) ନୀଳ ନଦୀ, ୧୦.(ଘ) ଚୀନ୍**



ଯେଉଁ ଲୋକର ସତ କରିବାର ସାହସ ନାହିଁ, ସେ କ୍ରମେ ଜଣେ ତୋଷାମଦକାରୀ ହୋଇଯାଏ ।

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ନିମ୍ନଲିଖିତ ସାମ୍ବିଧାନିକ ସଂଶୋଧନ କାର୍ଯ୍ୟ ମଧ୍ୟରୁ କେଉଁଟି ଭୋଟ୍ ବୟସକୁ ୨୧ ରୁ ୧୮ ବର୍ଷକୁ ହ୍ରାସ କଲା ?
(କ)୫୯ ତମ ସଂଶୋଧନ ଆଇନ (ଖ)୬୦ ତମ ସଂଶୋଧନ ଆଇନ
(ଗ)୬୧ ତମ ସଂଶୋଧନ ଆଇନ (ଘ)୬୨ ତମ ସଂଶୋଧନ ଆଇନ

୨. ସର୍ବୋଚ୍ଚ ନ୍ୟାୟାଳୟ ମାଗଣା ଶିକ୍ଷା ଅଧିକାରକୁ ନିମ୍ନଲିଖିତ ଅଧିକାର ମଧ୍ୟରୁ କେଉଁ ଅଂଶ ଭାବରେ ଗ୍ରହଣ କରିଛନ୍ତି ?
(କ)ଜୀବନ ଧାରଣ ଅଧିକାର (ଖ)ଶୋଷଣ ବିରୁଦ୍ଧରେ ଅଧିକାର
(ଗ)ବକ୍ତବ୍ୟ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ଅଧିକାର
(ଘ)ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର

୩. କେଉଁ ବର୍ଷରେ ସଂଖ୍ୟାଲଘୁମାନଙ୍କ ପାଇଁ ଜାତୀୟ ଆୟୋଗ ଗଠନ କରାଯାଇଥିଲା ?
(କ)୧୯୮୯ (ଖ)୧୯୯୦ (ଗ)୧୯୯୧ (ଘ)୧୯୯୨

୪. ନିମ୍ନଲିଖିତ କମିଟି ମଧ୍ୟରୁ କେଉଁଟି ସୁପାରିଶ କରିଛନ୍ତି ଯେ ନିର୍ବାଚନ ଆୟୋଗ ତିନି ସଦସ୍ୟ ବିଶିଷ୍ଟ ସଂସ୍ଥା ହେବା ଉଚିତ୍ ?
(କ)ତାରକୁଣ୍ଡେ କମିଟି (ଖ)ଅଶୋକ ମେହେଟ୍ଟା କମିଟି
(ଗ)ଜୀବନ୍ ରେଡ୍ଡି କମିଟି (ଘ)ଜେପି କମିଟି

୫. ଭାରତର କଣ୍ଟିଜେନ୍ସି ପାଣ୍ଠିକୁ ନିମ୍ନଲିଖିତ କର୍ତ୍ତୃପକ୍ଷଙ୍କ ମଧ୍ୟରେ କେଉଁ ଅଧୀନରେ ରଖାଯାଇଛି ?
(କ)ଭାରତର କମ୍ପଟ୍ରୋଲର ଏବଂ ଅଡିଟର ଜେନେରାଲ୍
(ଖ)ଭାରତର ରାଷ୍ଟ୍ରପତି
(ଗ)ଭାରତର ସଂସଦ (ଘ)ଭାରତର ପ୍ରଧାନମନ୍ତ୍ରୀ

୬. ନିମ୍ନଲିଖିତ ମଧ୍ୟରୁ କେଉଁଟିକୁ ଭାରତୀୟ ସମ୍ବିଧାନର ଦୀର୍ଘତମ ସଂଶୋଧନ ବୋଲି କୁହାଯାଏ ?
(କ)୨୪ ତମ (ଖ)୩୦ ତମ (ଗ)୪୦ ତମ (ଘ)୪୨ ତମ

୭. ନିମ୍ନଲିଖିତ ଧାରାଗୁଡ଼ିକ ମଧ୍ୟରୁ କେଉଁଟି କହିଛି ଯେ ରାଜ୍ୟର କାର୍ଯ୍ୟନିର୍ବାହୀ ଶକ୍ତି ରାଜ୍ୟପାଳଙ୍କ ଉପରେ ନ୍ୟସ୍ତ ?
(କ)ଧାରା ୧୫୨(ଖ)ଧାରା ୧୫୩
(ଗ)ଧାରା ୧୫୪(ଘ)ଧାରା ୧୫୫

୮. କେଉଁ ସାମ୍ବିଧାନିକ ସଂଶୋଧନ କେତେକ ୟୁନିଅନ୍ ଅଞ୍ଚଳର ପ୍ରଶାସକଙ୍କୁ ନିୟମାବଳୀ ପ୍ରଚାର କରିବାକୁ କ୍ଷମତା ଦେଲା ?
(କ)୨୪ ତମ (ଖ)୨୭ ତମ (ଗ)୨୯ ତମ (ଘ)୩୧ ତମ

୯. ପ୍ରଥମ ପବ୍ଲିକ ଆକାଉଣ୍ଟସ୍ କମିଟି କେବେ ଗଠନ ହେଲା ?
(କ)୧୯୨୧ (ଖ)୧୯୩୧ (ଗ)୧୯୪୯ (ଘ)୧୯୫୫

୧୦. ସୁପ୍ରିମକୋର୍ଟର ବିଚାରପତିମାନଙ୍କ ଦରମା, ଭତ୍ତା, ସୁବିଧା, ଛୁଟି ଏବଂ ପେନସନ୍ କିଏ ସ୍ଥିର କରେ ?
(କ)ସଂସଦ (ଖ)ବିଧାନସଭା (ଗ)ଲୋକସଭା (ଘ)ରାଜ୍ୟସଭା

## (୧୭) କମ୍ପ୍ୟୁଟର ଶିକ୍ଷା

୧. ଗୋଟିଏ ସୁପର କମ୍ପ୍ୟୁଟର ଦ୍ୱାରା ସେକେଣ୍ଡ ମଧ୍ୟରେ କେତୋଟି ଗଣନା କରାଯାଇପାରେ ?
(କ) ୧୦ ରୁ ୨୦ କୋଟି (ଖ)୨୦ ରୁ ୩୦ କୋଟି
(ଗ) ୩୦ ରୁ ୪୦ କୋଟି (ଘ)୪୦ ରୁ ୮୦ କୋଟି

୨. ଜାପାନରେ ଆବାକସ୍ କେଉଁ ନାମରେ ପରିଚିତ ଥିଲା ?
(କ) ଆବାକସ୍ (ଖ) ଚିକିୟାମ୍
(ଗ) ସୁଁପାଆନ୍ (ଘ) ସ୍ୱରବାନ୍

୩. ପ୍ରଥମ ଗାଣିତିକ ହିସାବ ଯନ୍ତ୍ର କିଏ ଉଦ୍ଭାବନ କରିଥିଲେ ?
(କ) ଉଇଲିୟମ ଅଟରେଡ୍ (ଖ) ଚାର୍ଲସ ବାବେଜ୍
(ଗ) ବ୍ଲେସେ ପାସ୍କାଲ୍ (ଘ) ଲେଇଭ୍ ନିସ୍

୪. କମ୍ପ୍ୟୁଟର ବିଜ୍ଞାନ ଜନକ ରୂପେ କିଏ ପରିଚିତ ?
(କ) ଚାର୍ଲସ୍ ବାବେଜ୍ (ଖ) ଆନାଲ୍ ଟୁରିଙ୍ଗ
(ଗ) ବ୍ଲେସେ ପାସ୍କାଲ୍ (ଘ) ହରମାନ ହୋଲେରିଥ୍

୫. ପୃଥିବୀର ପ୍ରଥମ କମ୍ପ୍ୟୁଟର ପ୍ରୋଗ୍ରାମର କିଏ ?
(କ) ଆନାଲ୍ ଟୁରିଙ୍ଗ (ଖ) ଆଡାଲଭ୍‌ଲେସ୍
(ଗ) ହରମେନ୍ ହୋଲେରିଥ୍ (ଘ) ସିମର କ୍ରେ

୬. କମ୍ପ୍ୟୁଟରରେ ବ୍ୟବହୃତ ସିଲିକନ୍ ଚିପସ୍ କେଉଁଥିରୁ ତିଆରି ହୋଇଥାଏ ?
(କ) ସିଲିକନ୍ (ଖ) ସିଲିକେଟ୍
(ଗ) ସାଧାରଣ ବାଲି (ଘ) ଜର୍ମାନିୟମ

୭. କମ୍ପ୍ୟୁଟର ତଥ୍ୟରେ ରହୁଥିବା ତ୍ରୁଟିକୁ କଣ କୁହାଯାଏ ?
(କ) ଚିପସ୍ (ଖ) ବାଇଟ୍
(ଗ) ବିଟସ (ଘ) ବଗ୍

୮. କମ୍ପ୍ୟୁଟର ଶବ୍ଦଗୁଡ଼ିକୁ କିପରି ମପାଯାଇ ପାରିବ ?
(କ) ବିଟ୍‌ସ୍ (ଖ) ବାଇଟସ୍
(ଗ) ପଲସ୍ (ଘ) ଚିପ୍‌ସ୍

୯. କମ୍ପ୍ୟୁଟର ଭାଇରସ୍ ଶବ୍ଦ ପ୍ରଥମେ କିଏ ପ୍ରଚଳନ କରିଥିଲେ ?
(କ) ଜନ ମାକାର୍ଥି (ଖ) ଫ୍ରେଡ୍ କୋହେନ୍
(ଗ) ହାୱାର୍ଡ ଆକେନ (ଘ) ଜେ.ଏସ କେଲଭି

୧୦. କମ୍ପ୍ୟୁଟର ଭାଇରସ୍ କେଉଁ ଅଂଶକୁ ଆକ୍ରାନ୍ତ କରିଥାଏ ?
(କ) ହାର୍ଡୱେୟର (ଖ) ମୋଡ୍ରେମ୍ (ଗ) ପ୍ରୋଗ୍ରାମ୍ (ଘ) ମନିଟର୍

**ଉତ୍ତର**

**୧.(ଗ)୬୧ତମ ସଂଶୋଧନ ଆଇନ, ୨.(କ)ଜୀବନ ଧାରଣ ଅଧିକାର, ୩.(ଘ)୧୯୯୨, ୪.(କ)ତାରକୁଣ୍ଡେ କମିଟି, ୫.(ଖ)ଭାରତର ରାଷ୍ଟ୍ରପତି, ୬.(ଘ)୪୨ତମ, ୭.(ଗ)ଧାରା ୧୫୪, ୮.(ଖ)୨୭ ତମ, ୯.(କ)୧୯୨୧, ୧୦.(କ)ସଂସଦ**

**୧.(ଘ)୪୦ ରୁ ୮୦ କୋଟି, ୨. (ଘ) ସ୍ୱରବାନ୍, ୩.(ଗ) ବ୍ଲେସେ ପାସ୍କାଲ , ୪. (କ) ଚାର୍ଲସ୍ ବାବେଜ୍ , ୫.(ଖ) ଆଡାଲଭ୍‌ଲେସ୍ , ୬.(ଗ) ସାଧାରଣ ବାଲି , ୭.(ଘ) ବଗ୍, ୮.(କ) ବିଟ୍‌ସ୍, ୯.(ଖ) ଫ୍ରେଡ୍ କୋହେନ୍, ୧୦.(ଗ) ପ୍ରୋଗ୍ରାମ୍**



ବିଳାସୀକୁ ସଂଯମ ଶିକ୍ଷା ଦେବା ପାଇଁ ଭଗବାନ ସୃଷ୍ଟି କରିଛନ୍ତି ଯନ୍ତ୍ରଣା ।

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ପରିମାପ ପାଇଁ ଅନ୍ତର୍ଜାତୀୟ ସ୍ତରରେ କେଉଁ ଏକକ ବ୍ୟବସ୍ଥା ଗୃହୀତ ହୋଇଅଛି ?
(କ) MKS ଏକକ ପଦ୍ଧତି (ଖ) FPS ଏକକ ପଦ୍ଧତି
(ଗ) CGS ଏକକ ପଦ୍ଧତି (ଘ) SI ଏକକ ପଦ୍ଧତି

୨. ଗଜ ମାପର ପ୍ରଚଳକ କିଏ ?
(କ) ପ୍ରଥମ ଏଡୱାର୍ଡ (ଖ) ପ୍ରଥମ ହେନେରୀ
(ଗ) ନୋଆ (ଘ) ପ୍ରଥମ ଜର୍ଜ

୩. ସମୁଦ୍ର ଯାତ୍ରାରେ ଦିଗ ନିରୂପଣ ପାଇଁ ବ୍ୟବହୃତ ହେଉଥିବା ଯନ୍ତ୍ରର ନାମ କ'ଣ ?
(କ) ଫାଦୋମିଟର (ଖ) କ୍ରୋନୋମିଟର
(ଗ) ନାବିକ କମ୍ପାସ (ଘ) ହିପ୍‌ସ୍ମୋମିଟର

୪. ଯାନବାହନର ବେଗ କେଉଁ ଯନ୍ତ୍ର ଦର୍ଶାଇଥାଏ ?
(କ) ଓଡୋମିଟର (ଖ) ସ୍ପିଡୋମିଟର
(ଗ) ଟାକୋମିଟର (ଘ) ସାଲିନୋମିଟର

୫. $୨^{୧୦୦}$ କେତେ ଅଙ୍କ ବିଶିଷ୍ଟ ସଂଖ୍ୟା ?
(କ) ୩୧ଅଙ୍କ (ଖ) ୩୩ ଅଙ୍କ (ଗ) ୪୩ ଅଙ୍କ (ଘ) ୫୦ ଅଙ୍କ

୬. $(୧୯୯୩)^{୧୯୯୪}$ ର ଏକକ ସ୍ଥାନର ଅଙ୍କଟି କେତେ ?
(କ)୧୦ (ଖ) ୩ (ଗ) ୯ (ଘ) ୦

୭. ପ୍ରତ୍ୟେକ ଧନାତ୍ମକ ପୂର୍ଣ୍ଣ ସଂଖ୍ୟାକୁ କେତୋଟି ସଂଖ୍ୟାର ଚତୁର୍ଥଘାତର ସମଷ୍ଟି ରୂପେ ପ୍ରକାଶ କରିହେବ ?
(କ)୪ଟି (ଖ) ୨ଟି (ଗ) ୭ଟି (ଘ)୧୯ଟି

୮. ଫିବୋନାକି ସଂଖ୍ୟାମାନଙ୍କ ମଧ୍ୟରେ ଥିବା ପୂର୍ଣ୍ଣବର୍ଗ ସଂଖ୍ୟାଗୁଡ଼ିକ ସବୁ କ'ଣ ?
(କ)୧,୪,୯, (ଖ)୧,୧,୧୬
(ଗ)୧,୧,୧୪୪ (ଘ) ୧,୧୪୪,୧୦୨୪

୯. ସାଧାରଣ ଲଗାରିଦମ୍ କିଏ ଉଦ୍ଭାବନ କରିଥିଲେ ?
(କ)ହେନେରୀ ବ୍ରିଗସ୍ (ଖ)ଆଣ୍ଟିଆନ ଭାଲ୍‌କା
(ଗ)ଜନ ନାପିୟର (ଘ)ପାସ୍କାଲ୍

୧୦. ଦୁଇ ସମାନ୍ତର ସରଳରେଖାର ସ୍ଲୋପର ଅନ୍ତର ସର୍ବଦା କେତେ ?
(କ) ୦ (ଖ)୧
(ଗ)-୧ (ଘ) ଅସୀମ

## (୧୯) ସାଧାରଣ ବିଜ୍ଞାନ

୧. ପ୍ରକୃତିରେ କେଉଁ ଗତି କ୍ୱଚିତ୍ ଦେଖିବାକୁ ମିଳିଥାଏ ?
(କ) ସମଗତି (ଖ)ଅସମ ଗତି
(ଗ) ଏକ-ପରିସରୀୟ ଗତି (ଘ)ଦ୍ୱି-ପରିସରୀୟ ଗତି

୨. ବୃତ୍ତୀୟ ପଥରେ ବସ୍ତୁଟି ଥରେ ପରିକ୍ରମା କଲେ ତାହାର ପରିବେଗ କେତେ ?
(କ)୦ (ଖ)ଅସୀମ
(ଗ)ନିର୍ଦ୍ଦିଷ୍ଟ ଭାଗରେ କହିହେବ ନାହିଁ
(ଘ)ସମୟ ଉପରେ ନିର୍ଭର କରେ

୩. ଏକ ଭୂସ୍ଥିର ଉପଗ୍ରହର ପରିକ୍ରମଣ କାଳ କେତେ ?
(କ)୦ (ଖ)୧୨ ଘଣ୍ଟା (ଗ)୨୪ଘଣ୍ଟା (ଘ)୨ଦିନ

୪. ସମ ପରିବେଗରେ ଗତି କରୁଥିବା ଗୋଟିଏ ଟ୍ରକ ଓ ସ୍କୁଟରକୁ ସମାନ ମନ୍ଦକାରୀ ବଳ ପ୍ରୟୋଗ କରି ଅଟକାଇଦିଆଗଲା । ତେବେ ପ୍ରଥମେ କିଏ ଅଟକିବ ?
(କ)ସ୍କୁଟର (ଖ) ଟ୍ରକ (ଗ)ଉଭୟ ଏକାଠି ଅଟକିବ

୫. ଏବେ ବିଶ୍ୱର ବୃହତ୍ତମ ପବନ ଫାର୍ମ କେଉଁଠାରେ ଅବସ୍ଥିତ ?
(କ)ହାୱାଇ (ଖ)କାଲିଫର୍ଣ୍ଣିଆ
(ଗ)ଡେନ୍‌ମାର୍କ (ଘ)ହଲାଣ୍ଡ

୬. ପୃଥିବୀର ପ୍ରଥମ ସୌର ସେଲ୍ କେଉଁଠାରେ ଉଦ୍ଭାବିତ ହୋଇଥିଲା ?
(କ)ଫ୍ରାନସ୍ (ଖ)ଜାପାନ (ଗ) ଆମେରିକା (ଘ) ଇଂଲଣ୍ଡ

୭. ଜଳ ଓ ପରିଷ୍କାର କାଚ ମଧ୍ୟରେ ସ୍ୱର୍ଶ କୋଣର ପରିମାଣ କେତେ ?
(କ)୦° (ଖ)୮° (ଗ)୧୩୮° (ଘ)୧୪୦°

୮. ପାରଦ ଓ କାଚ ମଧ୍ୟରେ ସ୍ୱର୍ଶ କୋଣର ପରିମାଣ କେତେ ?
(କ)୦° (ଖ) ୮° (ଗ)୧୩୮° (ଘ)୧୪୦°

୯. ଶୀତଦିନେ ଗାଡ଼ିଚଳାଇବା ପୂର୍ବରୁ ଇଞ୍ଜିନକୁ ଗରମ କରିବାକୁ ପଡ଼ିଥାଏ କାହିଁକି ?
(କ)ଶ୍ୟାନତା ଗୁଣାଙ୍କ କମାଇବା ପାଇଁ
(ଖ)ଶ୍ୟାନତା ଗୁଣାଙ୍କ ବଢାଇବା ପାଇଁ
(ଗ)ପୃଷ୍ଠତାନ ବଢାଇବା ପାଇଁ (ଘ)ପୃଷ୍ଠତାନ କମାଇବା ପାଇଁ

୧୦. ପାରାଚୁଟ୍ ସହିତ ଉପରୁ ତଳକୁ ଖସୁଥିବା ଜଣେ ଲୋକର ଅନ୍ତିମ ପରିବେଗ କେତେ ଥାଏ ?
(କ)୦ (ଖ)୧୪କି.ମି./(ଘଣ୍ଟା)$^{୨}$
(ଗ)୭୦କି.ମି./(ଘଣ୍ଟା)$^{୨}$ (ଘ)୨୦କି.ମି./(ଘଣ୍ଟା)$^{୨}$

**ଉତ୍ତର**

**୧.(ଘ) SI ଏକକ ପଦ୍ଧତ, ୨.(ଖ) ପ୍ରଥମ ହେନେରୀ, ୩.(ଗ) ନାବିକ କମ୍ପାସ, ୪.(ଖ) ସ୍ପିଡୋମିଟର , ୫.(କ) ୩୧ଅଙ୍କ, ୬.(ଗ) ୯, ୭.(ଘ)୧୯ଟି, ୮.(ଗ)୧,୧,୧୪୪, ୯.(କ)ହେନେରୀ ବ୍ରିଗସ୍, ୧୦.(କ)୦**

**୧.(କ)ସମଗତି, ୨.(କ)୦, ୩.(ଗ)୨୪ଘଣ୍ଟା, ୪.(କ)ସ୍କୁଟର, ୫.(ଖ)କାଲିଫର୍ଣ୍ଣିଆ, ୬.(ଗ)ଆମେରିକା, ୭.(ଖ)୮°, ୮.(ଘ)୧୪୦°, ୯.(କ)ଶ୍ୟାନତା ଗୁଣାଙ୍କ କମାଇବା ପାଇଁ, ୧୦.(ଖ)୧୪କି.ମି. /(ଘଣ୍ଟା)$^{୨}$**



ଭବିଷ୍ୟତ ପାଇଁ କେଉଁଟା ମଙ୍ଗଳ ଦାୟକ, ତାହା ଅତୀତର ଅଭିଜ୍ଞତାରୁ ଜାଣିହେବ ।

## (୨୦) ଜିଲ୍ଲା

୧. ଜିଲ୍ଲାର ନାମ - ବୌଦ୍ଧ

୨. ଗଠନ - ୨ ଜାନୁଆରୀ,୧୯୯୪

୩. କ୍ଷେତ୍ରଫଳ - ୩୦୯୮ବର୍ଗ.କି.ମି

୪. ଜନସଂଖ୍ୟା - ୪୩୯୯୧୭

(କ) ପୁରୁଷ - ୨୨୦୯୯୩

(ଖ) ମହିଳା - ୨୧୮୯୨୪

୫. ଉପଖଣ୍ଡ - ୦୧ (ବୌଦ୍ଧ)

୬. ତହସିଲ - ୦୩ (ବୌଦ୍ଧ, ହରଭଙ୍ଗା, କଣ୍ଟାମାଳ)

୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍)- ୦୩ (ବୌଦ୍ଧ ସଦର, ହରଭଙ୍ଗା, କଣ୍ଟାମାଳ)

୮. ଗ୍ରାମ ପଞ୍ଚାୟତ - ୬୩

୯. ଗ୍ରାମ - ୧୧୮୭

୧୦.ଥାନା - ୦୭

୧୧.ପୌରସଂସ୍ଥା(ମ୍ୟୁନିସିପାଲିଟି) - ୦୦

୧୨.ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) - ୦୧

୧୩.ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୦୨ (୮୫- କଣ୍ଟାମାଳ, ୮୬- ବୌଦ୍ଧ)

୧୪.ଶିଶୁ ଜନସଂଖ୍ୟା(୦-୬ ବର୍ଷ) -୫୯୦୯୪

୧୫.ସାକ୍ଷରତା ହାର - ୭୨.୫୧%

୧୬.ପୁରୁଷ ସାକ୍ଷରତା ହାର - ୮୪.୪୯%

୧୭.ମହିଳା ସାକ୍ଷରତା ହାର - ୬୦.୪୪%

୧୮.ଜନସଂଖ୍ୟା ବୃଦ୍ଧି ହାର - ୧୭.୮୨%

୧୯.ଜନସଂଖ୍ୟା ଘନତ୍ୱ - ୧୪୨ / ବର୍ଗ କି.ମି

୨୦.୧୦୦୦ ପୁରୁଷରେ ମହିଳା ସଂଖ୍ୟା - ୯୯୧

୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୨୨

୨୨.ନିଆଁଲିଭା କେନ୍ଦ୍ର - ୦୪

୨୩.ଲୋକସଭା ଆସନ ସଂଖ୍ୟା - ୦୦

୨୪.ଜଙ୍ଗଲ ଜମି - ୧୨୭୭.୧୭ ବର୍ଗ କି.ମି

୨୫.ହାରାହାରି ତାପମାତ୍ରା-ସର୍ବନିମ୍ନ ୧୦୦ - ସର୍ବୋଚ୍ଚ ୪୫୦

୨୬.ସାଧାରଣ ବୃଷ୍ଟିପାତ - ୧୫୯୭.୧ମି.ମି.

୨୭.ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.-୨୭

୨୮.ପର୍ଯ୍ୟଟନସ୍ଥଳୀ - ବୌଦ୍ଧ, ରେରିଛକ, ରେରିଶମ୍ଭୁ

## ଜାନୁଆରୀ ୨୦୨୩

### ପର୍ବପର୍ବାଣୀ

ତା ୧ - ଶାମ୍ବ ଦଶମୀ ଓ ସୂର୍ଯ୍ୟଦେବଙ୍କ ପୂଜା

ତା ୨ - ପୁତ୍ରଦା ଏକାଦଶୀ ଓ ହଳ ନିଷେଧ

ତା ୫ - ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢା

ତା ୬ - ଦେବାଭିଷେକ ପୂର୍ଣ୍ଣିମା ଓ ଚନ୍ଦ୍ରପୂଜା

ତା ୭ - ମାଘ ବ୍ରତାରମ୍ଭଃ

ତା ୮ - ପୁଷ୍ୟାଭିଷେକ ଓ ରାଜାଭିଷେକ

ତା ୧୦ - ସଙ୍କଟ ଚତୁର୍ଥୀ ବ୍ରତ

ତା ୧୩ - ନବାଙ୍କ ବେଢ଼ା ଓ ମାସନ୍ତ

ତା ୧୪ - ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ ଓ ହଳ ନିଷେଧ

ତା ୧୫ - ଅଷ୍ଟକା ଶ୍ରାଦ୍ଧ

ତା ୧୮ - ଷଟତିକା ଏକାଦଶୀ ଓ ହଳ ନିଷେଧ

ତା ୨୦ - ରଟନ୍ତୀ ଚତୁର୍ଦ୍ଦଶୀ, ରଟନ୍ତୀ କାଳିକା ପୂଜା ଓ ଶିବଚତୁର୍ଦ୍ଦଶୀ ଉପବାସ

ତା ୨୧ - ତ୍ରିବେଣୀ ଅମାବାସ୍ୟା, ମା' ବିରଜା ଦେବୀଙ୍କ ଜନ୍ମୋତ୍ସବ, ଶନି ଚଳନ, ଚନ୍ଦ୍ରକ୍ଷୟ, ନିଶିପାଳନ, ନଷ୍ଟ ଚନ୍ଦ୍ରୋପବାସ, ଶରଣ ଆରମ୍ଭ ଓ ହଳ ନିଷେଧ

ତା ୨୩ - ଦ୍ୱିତୀୟାର ଚନ୍ଦ୍ରଦର୍ଶନ ଓ ପୂଜା

ତା ୨୫ - ବରଦା ଚତୁର୍ଥୀ, ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପଦ୍ମମୁଖ ବେଶ ଓ ଶରଣ ଶେଷ

ତା ୨୬ - ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା, ବସନ୍ତୋତ୍ସବ ଓ ଶ୍ରୀ ଶ୍ରୀ ମହାପ୍ରଭୁଙ୍କର ରଥ କାଠ ଅନୁକୂଳ

ତା ୨୮ - ମାଘ ସପ୍ତମୀ, ଚନ୍ଦ୍ରଭାଗା ତୀର୍ଥେ ସ୍ନାନ ଓ ଭୀଷ୍ମାଷ୍ଟମୀ

### ମୁଖ୍ୟ ଦିବସ

ତା ୧ - ଇଂରାଜୀ ନୂତନ ବର୍ଷ, ବିଶ୍ୱ ପରିବାର ଦିବସ, ବିଶ୍ୱ ଶାନ୍ତି ଦିବସ, ଆର୍ମି ମେଡିକାଲ କର୍ପସ୍ ପ୍ରତିଷ୍ଠା ଦିବସ

ତା ୨ - ପଠାଣି ସାମନ୍ତଙ୍କ ଜୟନ୍ତୀ

ତା ୩ - ନିରବତା ଦିବସ

ତା ୪ - ବିଶ୍ୱ ବ୍ରେଲି ଦିବସ

ତା ୬ - ବିଶ୍ୱ ଯୁଦ୍ଧ ଅନାଥ ଶିଶୁ ଦିବସ

ତା ୮ - ଆଫ୍ରିକିୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଦିବସ

ତା ୯ - ପ୍ରବାସୀ ଭାରତୀୟ ଦିବସ

ତା ୧୦ - ବିଶ୍ୱ ହସ ଦିବସ, ବିଶ୍ୱ ହିନ୍ଦୀ ଦିବସ

ତା ୧୧ - ଲାଲବାହାଦୁର ଶାସ୍ତ୍ରୀଙ୍କ ମୃତ୍ୟୁ ବାର୍ଷିକୀ

ତା ୧୨ - ବିବେକାନନ୍ଦ ଜୟନ୍ତୀ, ଜାତୀୟ ଯୁବ ଦିବସ

ତା ୧୪ - ବ୍ୟାସକବି ଫକୀରମୋହନ ଜୟନ୍ତୀ

ତା ୧୫ - ସ୍ଥଳସେନା ଦିବସ

ତା ୨୩ - ନେତାଜୀ ସୁଭାଷ ଚନ୍ଦ୍ର ଜୟନ୍ତୀ

ତା ୨୪ - ଭାରତୀୟ ଜାତୀୟ ବାଳିକା ଶିଶୁ ଦିବସ

ତା ୨୫ - ଜାତୀୟ ଭୋଟର ଦିବସ, ପର୍ଯ୍ୟଟନ ଦିବସ

ତା ୨୬ - ସାଧାରଣତନ୍ତ୍ର ଦିବସ, ଆନ୍ତର୍ଜାତୀୟ କଷ୍ଟମ୍ସ ଦିବସ

ତା ୨୭ - ଅଭିରାମ ପରମହଂସ ଜୟନ୍ତୀ, ଅନ୍ତର୍ଜାତୀୟ ହୋଲୋକୋଷ୍ଟ ଦିବସ

ତା ୨୮ - ଲାଲା ଲାଜପତ ରାୟ ଜୟନ୍ତୀ, ତଥ୍ୟ ସୁରକ୍ଷା ଦିବସ

ତା ୩୦ - ସହିଦ ଦିବସ, ମହାତ୍ମାଗାନ୍ଧୀ ତିରୋଧାନ ଦିବସ, ବିଶ୍ୱ କୁଷ୍ଠରୋଗ ନିରାକରଣ ଦିବସ



ବନ୍ଧୁତାର ସତୀତ୍ୱ ହେଉଛି ଗୋପମୀୟତା।


मानकः पथप्रदर्शकः
ତିରୁପତି ଜୁଏଲର୍ସ
TIRUPATI JEWELLERS
22 CT. GOLD & SILVER ORNAMENTS
Raja Bazar, Jatani, Khordha
Mob. : 7381577099

Volume - 13 ● Issue No. 07 ● Monthly ● January - 2023 ● Pages - 36 ● RNI Regn. No. ODI/ODI/2010/350521 ● Postal Regd. No. PURI-33/2022-24


AAA
KHORDHA

**SENIOR SECONDARY SCHOOL**
**Code No. - 16137**
**Affiliated to CBSE, New Delhi - 1530380**



**Admission Open for**
**Nursery to Std.-XI**

**INTEGRATED COACHING**

- NEET, JEE, JIPMER, NISER, IISER INTERNATIONAL OLYMPIAD, NDA etc.
- Counseling Cell
- Scholarship
- Separate Hostel for Boys & Girls

RTE **25%** Reserved for Std.-I

# ARYAVART ANCIENT ACADEMY

*An initiative of People's Forum Foundation*

Plot No. 684, Haldipada, Khordha, Pin - 752056
Email : aryavartaa.krd@gmail.com, Website : www.aryavartancientacademy.in

**Contact : 6372866816, 9178387717**
**Toll Free : 1800 120 22 3333**


Printed & Published by Dr. Prasanna Kumar Jena Owned by "AMARISATYA", M-1/5, Mukunda Prasad Housing Board Colony, Post - P. N. College, Dist - Khordha, Printed at Webline, D2/19, Mancheswar Industrial Estate, BBSR-10,
Published From - "AMARISATYA", Mukunda Prasad Housing Board Colony, Post - P. N. College, Dist - Khordha, Pin - 752057
Editor : Dr. Prasanna Kumar Jena
Founder : Dr. Pramod Chandra